
READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୯ ସଂଖ୍ୟା-୧୩ ୦୭ ଏପ୍ରିଲ - ୧୩ ଏପ୍ରିଲ, ୨୦୨୫ ଭୁବନେଶ୍ୱର Monday Weekly VOL-9 ISSUE-13 07th APRIL - 13th APRIL, 2025 BHUBANESWAR ₹ 5/- (8 Pages)

## ଭୁଶୁଡୁଛି ବିଜେଡି, ଅସହାୟ ନବୀନ

**ଭୁବନେଶ୍ୱର :** ୨୪ବର୍ଷ ଶାସନ କାଳରେ କରିଥିବା ଅପକର୍ମ ଏବେ ବିଜେଡିକୁ ମହଙ୍ଗା ପଡୁଛି। ବିଜେଡିର ଅଘୋଷିତ ସର୍ବେସର୍ବ ଭିକେ ପାଣ୍ଡିଆନଙ୍କ ଗୋଟିଚାଳନା ଓ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅସହାୟତା ଯୋଗୁ ଦଳ ଭୁଶୁଡ଼ିବାରେ ଲାଗିଛି। ଦଳୀୟ ନେତା-କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଓ ଆକ୍ରୋଶ ଏବେ ଚରମସୀମାରେ ପହଞ୍ଚିଛି। ରାଜ୍ୟସଭାରେ ୱକଫ ବିଲକୁ ନେଇ ବିଜେଡିର ନାଟକୀୟ ଆଭିମୁଖ୍ୟ ଏବେ ଦଳୀୟ ନେତା-କର୍ମୀଙ୍କ ଦମ୍ଭକୁ ଭାଙ୍ଗି ଚୁରମାର କରିଦେଇଛି। ରାଜ୍ୟରେ ବିଜେପି କ୍ଷମତାରେ ଥିବାବେଳେ ମୁଖ୍ୟ ବିରୋଧୀ ଦଳ ବିଜେଡି ଯେଉଁ ଢଙ୍ଗରେ ରାଜ୍ୟସଭାରେ ଆତ୍ମସମର୍ପଣ କରିଛି ତାହା ଦଳର ଅସହାୟତାର ପ୍ରମାଣ ଦେଇଛି। କେଉଁ ଅଦୃଶ୍ୟ କାରଣରୁ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାରକୁ ରାଜ୍ୟସଭାରେ ସୁହାଇବା ଭଳି ବିଜେଡି ନିଷ୍ପତ୍ତି ନେଲା ତାହା ବିଜେଡିରେ ବିସ୍ଫୋରକ ପରିସ୍ଥିତି



ସୃଷ୍ଟି କରିଛି। ବରିଷ୍ଠ ନେତା ବଦ୍ରିନାରାୟଣ ପାତ୍ର ରାଜ୍ୟସଭାରେ ଏହି ୱାକଫ ବିଲ ଦଳୀୟ ସାଂସଦମାନଙ୍କ ଆଭିମୁଖ୍ୟ ପଛରେ ନିଶ୍ଚିତ କିଛି ଗୋଟିଏ ଖେଳ ହୋଇଛି ବୋଲି ଅଭିଯୋଗ କରିଛନ୍ତି। ଏଥିରେ ସଭାପତି ନବୀନ ପଟ୍ଟନାୟକ ନିଜେ ଆଶ୍ଚର୍ଯ୍ୟ ହୋଇଛନ୍ତି ଓ ତା'ର କାରଣ ଖୋଜା ଚାଲିଛି ବୋଲି କହି ନବୀନଙ୍କୁ ସୁରକ୍ଷା ଓ ପରୋକ୍ଷରେ ପାଣ୍ଡିଆନଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି। ତେବେ ୱକଫ୍ ବିଲକୁ ନେଇ ବିଜେଡି ଯେଉଁ ଡ୍ରାମା କରୁଥିଲା ଓ ଯେଭଳି ଢଙ୍ଗରେ ୟୁ-ଟର୍ଣ୍ଣ ନେଇଛି ତାହା ନବୀନ-ପାଣ୍ଡିଆନଙ୍କ ଅସଲ ଚରିତ୍ରକୁ ପଦାରେ ପକାଇ ଦେଇଛି। ନରେନ୍ଦ୍ର ମୋଦି ସରକାରଙ୍କ ୱକଫ୍ ସଂଶୋଧନ ବିଲ୍-୨୦୨୫ ରାଜ୍ୟସଭାରେ ବହୁମତରେ ପାରିତ ହୋଇଛି। ବିଲ୍ ସପକ୍ଷରେ ୧୨୮ଜଣ ସଦସ୍ୟ ସମର୍ଥନ ଓ ୯୫ଜଣ ସଦସ୍ୟ ବିରୋଧ କରିଥିଲେ। ୧୨ଜଣ ସଦସ୍ୟ ଅନୁପସ୍ଥିତ ରହିଥିଲେ। ମାତ୍ର ଏସବୁ ମଧ୍ୟରେ ବିଜେଡିର ନାଟକୀୟ ଢଙ୍ଗରେ ୟୁ-ଟର୍ଣ୍ଣ ଜାତୀୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି। ନିଜର ଅପକର୍ମ ପାଇଁ ଚଳିତ ଲୋକସଭାରେ ମୂଳପୋଛ ହୋଇଥିବା ବିଜେଡି ରାଜ୍ୟସଭାରେ ମାତ୍ର ୭ଜଣ ସଦସ୍ୟଙ୍କ ମଧ୍ୟରେ ସୀମିତ ରହିଛି। ରାଜ୍ୟସଭାରେ ଏହି ୱକଫ୍ ବିଲ୍ ଆଲୋଚନାରେ ସାମିଲ ହୋଇ ଦଳର ସାଂସଦ ମୁନ୍ନା ଖାନ୍ ୱକଫ୍ ସଂଶୋଧନ ବିଲକୁ ➤ ପୃ-୬

### ରାମମନ୍ଦିର, ଧାରା-୩୭୦, ତିନି ତଲାକ୍, ସିଏଏ, ୟୁସିସି ପରେ ୱାକଫ୍
## ବିଜେପିର ନିର୍ବାଚନୀ ଇସ୍ତାହାର ପ୍ରତିଶ୍ରୁତି ପୂରଣ

**ନୂଆଦିଲ୍ଲୀ :** ନିର୍ବାଚନୀ ଇସ୍ତହାରରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରୁଛି ଭାରତୀୟ ଜନତା ପାର୍ଟି। କୋର୍ ଏଜେଣ୍ଡାରେ କାର୍ଯ୍ୟ କରୁଛି ଦଳ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସଂଶୋଧନ ହେଉଛି ସମ୍ବିଧାନ। ରାମମନ୍ଦିର, ଧାରା-୩୭୦, ତିନି ତଲାକ୍, ନାଗରିକତା ସଂଶୋଧନ ଆଇନ, ସାମାନ ନାଗିରକ ସଂହିତା, ପରେ ୱାକଫ୍ ବିଲ୍ ଭଳି ବଡ଼ ଲକ୍ଷ୍ୟ ହାସଲ। ମୋଦିଙ୍କ ଏହି ପଦକ୍ଷେପ ମୂଳ ବିଜେପି ସମର୍ଥକଙ୍କୁ ସନ୍ତୁଷ୍ଟ କରିବା ଦେଶର ରାଜନୀତିକୁ ଏକ ନୂଆ ଦର୍ଶନ ଆଡ଼କୁ ନେଇଯାଇଛି। ସମ୍ବିଧାନ ସଂଶୋଧନ କରିବାରେ ବିଜେପିର ଲକ୍ଷ୍ୟ ହାସଲ ହୋଇଛି କିମ୍ବା ସେହି ଦିଗରେ ବଡ଼ ପଦକ୍ଷେପ ଉଠାଇଛି। ଏବେ ମୁଖ୍ୟ ମୁଦ୍ଦା ସବୁ ଶେଷ ବେଳେ ସରକାରଙ୍କ ଆଗାମୀ ଏଜେଣ୍ଡା କ'ଣ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ସରକାର ଗତ ଦୁଇଟି କାର୍ଯ୍ୟକାଳ ଓ ତୃତୀୟ ପାଳିର ପ୍ରଥମ ୧୦ ମାସରେ ବହୁ ଗୁରୁତ୍ୱପୂର୍ଣ୍ଣ ମୁଦ୍ଦା ଉଠାଇଛି। ପ୍ରଥମେ ଜମ୍ମୁ-କାଶ୍ମୀରରୁ ଧାରା ୩୭୦ ଉଠାଇବା ପରେ ରାମମନ୍ଦିର ନିର୍ମାଣ, ତିନି ତଲାକ୍ ହଟିବା, ସିଏଏ, ୟୁସିସି ପରେ ୱାକଫ୍ ବିଲ୍ ସଂଶୋଧନ ଆଦି ଦେଶର ସାଂସ୍କୃତିକ ଏକତା ଓ ଜାତୀୟତା ଚିନ୍ତା ଧାରାକୁ ପରିପ୍ରକାଶ କରୁଛି। ତେବେ ଭାରତୀୟ ଜନତା ପାର୍ଟିର ମୁଖ୍ୟ ଏଜେଣ୍ଡା ଶେଷ ହୋଇଥିବା ବେଳେ ଏବେ ମଥୁରା-କାଶୀ ବିବାଦ, ଜନସଂଖ୍ୟା ନିୟନ୍ତ୍ରଣ, ଜନସଂଖ୍ୟା ରେଜିଷ୍ଟର ବା ଏନଆରସି ଭଳି ମୁଦ୍ଦା ଉପରେ କାର୍ଯ୍ୟ କରିବ ବୋଲି କୁହାଯାଉଛି। ବିଜେପିର ପରିଭାଷାରେ ଭାରତର ସାଂସ୍କୃତିକ ଏକତା ରହିଛି। ଯେଉଁଠି ସମାନ ଆଇନ ଓ ସମାନ ପରିଚୟ ବରାବର ହେବା ଦରକାର। ଅଯୋଧ୍ୟରେ ରାମ ମନ୍ଦିର ନିର୍ମାଣ ମିଶନ ପୂର୍ଣ୍ଣ କରି ବିଜେପି ହିନ୍ଦୁ ଗୌରବ ଓ ସାଂସ୍କୃତିକ ପୁନର୍ଜାଗରଣର ପକ୍ଷକୁ ସ୍ଥାପିତ କରିଛି। ଏହା ଏଭଳି ଏକ ମୁଦ୍ଦା ଯାହା ଦଶନ୍ଧି ଦଶନ୍ଧି ଧରି ଲାଗି ରହିଥିବା ସାଂପ୍ରଦାୟିକ ଉତ୍ତେଜନାକୁ ବାଦ୍ ଦେଇ ସଫଳ ହୋଇଛି। ସେହିପରି ଜମ୍ମୁ-କାଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଇବା, କାଶ୍ମୀରକୁ ଭାରତ ସହିତ ପୂର୍ଣ୍ଣ ➤ ପୃ-୬

### ଆହୁରି ସ୍ୱଚ୍ଛ ହେବ ରିଅଲ ଇଷ୍ଟେଟ କାରବାର
## ଗଢ଼ାହେଲା ଫରେନସିକ୍ ଅଡିଟ୍ ଟିମ୍


**ଭୁବନେଶ୍ୱର :** ରେରା ପଞ୍ଜୀକୃତ ଆପାର୍ଟମେଣ୍ଟର ହେବ ଫରେନସିକ୍ ଅଡିଟ୍। କ୍ରେତାଙ୍କ ଅର୍ଥକୁ ନେଇ ବିଲଡର ଏପଟ ସେପଟ କଲେ ମିଳିବ ଆର୍ଥିକ ଦଣ୍ଡ। ଓରେରା ପକ୍ଷରୁ ବାହାରିଲା ବିଧିବଦ୍ଧ ବିଜ୍ଞପ୍ତି। ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ଗଢ଼ାଗଲା ଫରେନସିକ୍ ଅଡିଟ୍ ଟିମ୍। ଗ୍ରାହକ ହେବେ ଅଧିକ ସଶକ୍ତ, ସାବାଡ ହେବେ ଠକ ବିଲଡର। କଟକ, ଭୁବନେଶ୍ୱର ସମେତ ସାରା ରାଜ୍ୟରେ ହେବ କାର୍ଯ୍ୟକାରୀ। ଘର କିଣିବା ପାଇଁ ଗ୍ରାହକ ଅର୍ଥ ପୈଠ କରିବା ପରେ ବି ନିର୍ଦ୍ଧାରିତ ସମୟରେ ସରୁନି ପ୍ରକଳ୍ପ। ବିଭିନ୍ନ ବାହାନା ଦେଖାଇ ବିଲଡର ଜାଣିଶୁଣି ପ୍ରକଳ୍ପ ସାରୁନାହାନ୍ତି। ଗୋଟିଏ ପ୍ରକଳ୍ପରେ କ୍ରେତାଙ୍କ ଠାରୁ ଆଦାୟ ଅର୍ଥ ଅନ୍ୟ ପ୍ରକଳ୍ପରେ ବିନିଯୋଗ କରୁଛନ୍ତି ବିଲଡର। ଏପରିକି ଲୋକଙ୍କ ଅର୍ଥକୁ



ନିଜ କାମରେ ବିନିଯୋଗ କରୁଛନ୍ତି ବିଲଡର। ଘର କିଣିବା ପାଇଁ ବ୍ୟାଙ୍କରୁ ଋଣ ଆଣି ବିଲଡରଙ୍କୁ ଅର୍ଥ ଦେଇ ଫସୁଛନ୍ତି ଗ୍ରାହକ। ରେରା କର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚିଛି ଏଭଳି ଅନେକ ଅଭିଯୋଗ। ଏସବୁକୁ ନଜରରେ ରଖି ଓରେରା ନେଇଛନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ନେଇ ଏକ ପ୍ୟାନେଲ କମିଟି ଗଢ଼ିଛନ୍ତି ଓରେରା। ପ୍ରକଳ୍ପର ଆର୍ଥିକ ଅଡିଟ, ➤ ପୃ-୬

### ଶ୍ରୀମନ୍ଦିର ମେଘନାଦ ପାଚେରୀ ଐତିହ୍ୟ କୀର୍ତ୍ତି ଭାଙ୍ଗିବା ପ୍ରସଙ୍ଗକୁ ନେଇ ଏଏସଆଇର କଡ଼ା ଚେତାବନୀ
## ଦୋଷୀଙ୍କ ବିରୁଦ୍ଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ପୁରୀ:** ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟ ମେଘନାଦ ପାଚେରୀରେ ଥିବା ଐତିହ୍ୟ କୀର୍ତ୍ତିରାଜି ମଗର ମୁଣ୍ଡ ଭଙ୍ଗା ଯିବାକୁ ନେଇ ସୃଷ୍ଟି ହୋଇଛି ବିବାଦ। ପ୍ରାଚୀରର ବହୁ ପୁରାତନ କୀର୍ତ୍ତିରାଜିକୁ ଭାଙ୍ଗି ସେଠାରେ ଏକ ବଡ଼ ପାଇପ ସଂଯୋଗ କରାଯାଇଥିବା ଘଟଣାରୁ ନେଇ ସେବାୟତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେପଟେ ଘଟଣାକୁ ନେଇ ବର୍ଷିଛି ଏଏସଆଇ। ଏହା ବହୁତ ବଡ଼ ଭୁଲ ଓ ଏହାଦ୍ୱାରା ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇପାରେ। ତେଣୁ ଯିଏ ଏହା କରିଛି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଏଏସଆଇ ସୁପରିଣ୍ଟେଣ୍ଡେଣ୍ଟ। ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ମେଘନାଦ ପାଚେରୀର ରହିଥିବା



ଏକ ମଗର ମୁଖକୁ ଭଙ୍ଗାଯାଇଥିବା ନଜରକୁ ଆସିଛି। ଏହି ମଗର ମୁଖ ଦେଇ ପୂର୍ବରୁ ଶ୍ରୀମନ୍ଦିର ଭିତରୁ ବର୍ଜ୍ୟ ଜଳ ନିଷ୍କାସନ ହେଉଥିଲା। ହେଲେ ଏହାକୁ ଭାଙ୍ଗି ଏଠାରେ ପାଇପ ସଂଯୋଗ କରାଯାଇଛି। ଯାହାକୁ ନେଇ ସେବାୟତ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଘଟଣାକୁ ସହଜରେ ହଜମ ➤ ପୃ-୬

### ଚିନ୍ତାଜନକ ସ୍ଥିତିରେ ଶ୍ରୀମନ୍ଦିର ଓ ଆଖପାଖ ଅଞ୍ଚଳର ଜଳସ୍ତର
## ୪ ବର୍ଷରେ କମିଲାଣି ୧.୬ ମିଟର

**ପୁରୀ :** ଲଗାତାର ଖସିଖସି ଯାଉଛି ଶ୍ରୀମନ୍ଦିର ପରିସରରେ ଥିବା ପବିତ୍ର ଗଙ୍ଗା-ଯମୁନା କୂଅ ଜଳସ୍ତର। ମହାପ୍ରସାଦ ପ୍ରସ୍ତୁତ ପାଇଁ ଏବେ ଭରସା ବୋରିଙ୍ଗରୁ ଆସିଥିବା ପାଣି। ୧୫ ବର୍ଷ ହେବ ବୋରିଂ ପାଣି ଭରସାରେ ରନ୍ଧା ହେଉଛି ମହାପ୍ରସାଦ। କେବଳ ଶ୍ରୀମନ୍ଦିର ନୁହେଁ ଶ୍ରୀକ୍ଷେତ୍ର ସାରା କ୍ରମାଗତ ନିମ୍ନଗାମୀ ହେଉଛି ଜଳ ସ୍ତର। ଶ୍ରୀମନ୍ଦିର ସହ ଲୋକନାଥ ମନ୍ଦିରର ଭୂତଳ ଜଳସ୍ତର ହ୍ରାସ ଚିନ୍ତାଜନକ ସାଜିଛି। ଗତ ୪ ବର୍ଷ ମଧ୍ୟରେ ଶ୍ରୀମନ୍ଦିରର ଜଳସ୍ତର ୧.୬ ମିଟର ହ୍ରାସ ପାଇଛି। ସେହିପରି ଲୋକନାଥ ମନ୍ଦିରର ଜଳସ୍ତର ମଧ୍ୟ ୧.୭୧ ମିଟର କମିଛି। ତେଣୁ ଗଙ୍ଗା ଯମୁନା କୂଅର ପାଣି ବି ଶୁଖି ଶୁଖି ଯାଉଛି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସେବାୟତ। ଶ୍ରୀମନ୍ଦିର ଚାରିପାଖରେ କଂକ୍ରିଟ



ନିର୍ମାଣ ବୃଦ୍ଧି ସହ ହୋଟେଲ ଓ ବ୍ୟବସାୟୀକ ପ୍ରତିଷ୍ଠାନ ଦ୍ୱାରା ମନଇଛା ଜଳ ଉତ୍ତୋଳନକୁ ଦାୟୀ କରିଛନ୍ତି ସୁଆର ମହାସୁଆର। ଏଥିସହ ତା ଉପରେ ଲଗାମ ଲଗାଇବାକୁ କରିଛନ୍ତି ଦାବି। ଶ୍ରୀମନ୍ଦିର ରୋଷଘରେ ମହାପ୍ରସାଦ ପ୍ରସ୍ତୁତି ପାଇଁ ରାଜରାଜୁଡ଼ା ଅମଳରୁ ଗଙ୍ଗା ଓ ଯମୁନାର କୂଅ ଜଳକୁ ବ୍ୟବହାର କରାଯାଇଆସୁଛି। ଏହାର ଜଳ ପବିତ୍ର ଓ ବିଶୁଦ୍ଧ ବୋଲି ବିଶ୍ୱାସ ରହିଛି। ➤ ପୃ-୬

## ଭାରତରେ ବଢୁଛି ଛାଡ଼ପତ୍ର


**ନୂଆଦିଲ୍ଲୀ :** ପୂର୍ବରୁ ୩୦ ବର୍ଷ ଭିତରେ ଝିଅ ବାହା ନହୋଇଥିଲେ ତାକୁ ଗୋଟେ ହୀନ ଦୃଷ୍ଟିରେ ଦେଖାଯାଉଥିଲା। ଭାଗ୍ୟର ବିଡମ୍ବନା ବୋଲି କୁହାଯାଉଥିଲା। ହେଲେ ଏବେ ସମୟ ବଦଳିଛି। ଝିଅଙ୍କୁ ସ୍ୱାଧୀନତା ମିଳିଛି। ଶୀଘ୍ର ବିବାହ କରି ପାରିବାରିକ ବନ୍ଧନରେ ବାନ୍ଧି ହେବା ଅପେକ୍ଷା ବ୍ୟକ୍ତିଗତ ବିକାଶ, ଆର୍ଥିକ ସ୍ୱାଧୀନତା ଏବଂ କ୍ୟାରିଅର ଉପରେ ଧ୍ୟାନ ଦେଉଛନ୍ତି। ତେବେ ଏହାରି ଭିତରେ ଆଉ ଗୋଟେ କଥା ମଧ୍ୟ ଲକ୍ଷ କରାଯାଉଛି, ପୂର୍ବ ଅପେକ୍ଷା ଏବେ ବିବାହ ବିଚ୍ଛେଦ ବଢିଛି। କୋଡିଏ ୨୫ ବର୍ଷ ତଳେ ୧୦୦୦ ବିବାହରୁ ମାତ୍ର ୭ ଟି ବିବାହ ବିଚ୍ଛେଦ ହେଉଥିଲା। ହେଲେ ଏବେ ୧୦୦ରେ ଗୋଟିଏ ବିବାହ



ବିଚ୍ଛେଦ ହେଉଛି। ଯାହା ଅନ୍ୟ ଦେଶ ତୁଳନାରେ ବହୁତ କମ୍। କାରଣ ଆମେରିକା, ସ୍ୱିଡେନ୍, ଋଷରେ ୪୦ ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବିବାହ ବିଚ୍ଛେଦ ହୁଏ। ଅର୍ଥାତ୍ ସେଠି ଯଦି ୧୦୦ ଟି ବାହାଘର ହେଉଛି, ସେଥିରୁ ୪୦ ରୁ ଅଧିକ ଡିଭୋର୍ସ ହେଉଛି। ଆମ ଦେଶରେ ଏହା ବହୁତ କମ୍। ମାତ୍ର ୧ ପ୍ରତିଶତ। ତଥାପି ଏହା ଆମ ଦେଶ ପାଇଁ ଚିନ୍ତା ଜନକ। କାରଣ ଆମ ସଂସ୍କୃତି ଆମ ପରମ୍ପରାରେ ବିବାହ ବିଚ୍ଛେଦକୁ ସହଜରେ ଗ୍ରହଣ କରାଯାଏ ନାହିଁ। ସେପଟେ ବିଶେଷଜ୍ଞ ମାନେ ମତ ରଖୁଛନ୍ତି, ବ୍ୟକ୍ତି ସ୍ୱାଧୀନତା ପାଇଁ ଏବେ ବିବାହ ବିଚ୍ଛେଦ ଅଧିକ ବଢୁଛି। ବିଶେଷ କରି ମହିଳାମାନେ ଆର୍ଥିକ ସ୍ୱାଧୀନତା ପାଇବାରୁ, ଛୋଟଛୋଟ କଥାକୁ ସମାଧାନ ନକରି ବିବାହ ବିଚ୍ଛେଦ ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ଗାଁ ଅପେକ୍ଷା ଡିଭୋର୍ସ ବେଶି ଭାରତର ବଡବଡ ସହରରେ ହେଉଛି। ଆର୍ଥିକ ଅଗ୍ରସର ଓ ଶିକ୍ଷିତ ଦମ୍ପତି ଚୁପ୍ ଚାପ୍ ସହିବା ପରିବର୍ତ୍ତେ ସମ୍ପର୍କ ଶେଷ କରିବାର ନିଷ୍ପତି ନେଉଛନ୍ତି। ➤ ପୃ-୬

### ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ
## ବିଶ୍ୱରେ ଉତ୍ତାପ ବୃଦ୍ଧି ପାଇବ

**ନୂଆଦିଲ୍ଲୀ :** ଯାହା କହିଥିଲେ ବାବା ତାହା ସତ ହୋଇଯାଇଛି। ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ପୁଣି ଥରେ ଲୋକଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି। ଏହାର କାରଣ ହେଉଛି ବାବା ଭେଙ୍ଗାଙ୍କର ଅଧିକାଂଶ ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହୋଇଛି। ସୋଭିଏତ୍ ୟୁନିଅନର ବିଚ୍ଛିନ୍ନତା ଏବଂ ଆମେରିକାରେ ଆତଙ୍କବାଦୀ ସଂଗଠନ ଅଲ କାଏଦା ଦ୍ୱାରା ହୋଇଥିବା ୯/୧୧ ଆକ୍ରମଣ ସମେତ ତାଙ୍କର ଅନେକ ଭବିଷ୍ୟବାଣୀ ସମ୍ପୂର୍ଣ୍ଣ ସତ୍ୟ ବୋଲି ପ୍ରମାଣିତ ହୋଇଛି। ୨୦୨୫ ବର୍ଷରେ କ'ଣ ଘଟିବ? ଅନେକ ଭବିଷ୍ୟଦ୍‌ବକ୍ତା ଏହି ବିଷୟରେ ଅନେକ



ଭବିଷ୍ୟବାଣୀ କରିଛନ୍ତି। ବୁଲଗେରିଆର ବାବା ଭେଙ୍ଗାଙ୍କ ନାମ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ବାବା ଭେଙ୍ଗା ୧୯୧୧ ମସିହାରେ ବୁଲଗେରିଆରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୯୬ ମସିହାରେ ୮୬ ବର୍ଷ ବୟସରେ ଦୁନିଆ ଛାଡିଥିଲେ। ବାବା ଭେଙ୍ଗା ମାତ୍ର ୧୨ ବର୍ଷ ବୟସରେ ଦୃଷ୍ଟି ଶକ୍ତି ହରାଇଥିଲେ। ସେ ବିଶ୍ୱ ବିଷୟରେ ଅନେକ ଭବିଷ୍ୟବାଣୀ କରିଥିଲେ, ଯାହା ସତ୍ୟ ପ୍ରମାଣିତ ହୋଇଛି। ବାବା ଭେଙ୍ଗାଙ୍କୁ ବାଲକାନ ଅଞ୍ଚଳର ନୋଷ୍ଟ୍ରାଡାମସ୍ କୁହାଯାଏ। ବାବା ଭେଙ୍ଗା ୫୦୭୯ ବର୍ଷ ପର୍ଯ୍ୟନ୍ତ ପୂର୍ବାନୁମାନ କରିଥିଲେ। ୨୦୨୫ ମସିହାରେ ବିଶ୍ୱର ସମାପ୍ତି ଆରମ୍ଭ ହେବ ବୋଲି ବାବା ଭେଙ୍ଗା ପୂର୍ବାନୁମାନ କରିଥିଲେ। ସେ ଦାବି କରିଛନ୍ତି ଯେ, ➤ ପୃ-୬

### ବକ୍ରବାଣୀ



ଟ୍ରମ୍ପ୍ ଦେଖେଇଲେ ତାରିଫ୍ କୀଳା
ଆମ ବଣିକଙ୍କ ବୁଡ଼ିଲା ଭେଳା
ଭାରତ ଜିନିଷ ମହଙ୍ଗା ହବ
ଆମେରିକା ଲୋକ କିଆଁ କିଣିବ
ରପ୍ତାନୀ ଉପରେ ଆସିବ ବାଧା
ଭାରତ କମ୍ପାନୀ ଖାଇବେ ବିଧା
ଗୋଦି ମିଡିଆର କି ଅବା ଯାଏ
ବାଆ କଲେ ବସା ଦୋହଲୁଥିଏ
ଗାଲୁମାରି କିଛି ନେତା କହନ୍ତି
ଭାରତର ଲାଭ ତହିଁ ଦେଖନ୍ତି।

—ଟୁଟୁ

## ଦେଶର ମାନୁଫାକ୍ଟରିଙ୍ଗ ହବ୍ ହେବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ନୂଆ ସରକାର ଆସିବା ପରେ ରାଜ୍ୟରେ ଶିଳ୍ପାୟନ ପାଇଁ ଯେତେ ସବୁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି, ସେ ସବୁକୁ କାର୍ଯ୍ୟକାରୀ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଯୋଜନା ଅନୁସାରେ ଆମର କାର୍ଯ୍ୟ ଜାରି ରହିଛି। ସେଥିପାଇଁ ଯାହା ଆବଶ୍ୟକ, ତାହା ଆମେ କରୁଛୁ ଆଉ କରିବୁ ମଧ୍ୟ। ବଡ଼ ସ୍ୱପ୍ନ ଦେଖିବା ସହିତ କଠୋର ପରିଶ୍ରମ କରି ତାକୁ କାର୍ଯ୍ୟକାରୀ ନ କଲା ପର୍ଯ୍ୟନ୍ତ ବିଶ୍ରାମ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ନିକଟବର୍ତ୍ତୀ ହଳଦୀପଦା ଠାରେ ବିଭିନ୍ନ ଶିଳ୍ପାନୁଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ ଅବସରରେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ଶିଳ୍ପଜଗତ ପାଇଁ ଏକ ଉଲ୍ଲେଖନୀୟ ଦିବସ। ଏଠାରେ ୧୩ଟି ଶିଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଗଲା ଓ ଗୋଟିଏ ଶିଳ୍ପର ଉଦ୍‌ଘାଟନ କରାଗଲା। ଏହି ୧୪ଟି ଶିଳ୍ପରେ ପ୍ରାୟ ୬ ହଜାର କୋଟି ଟଙ୍କା ବିନିଯୋଗ କରାଯାଉଛି। ଉଦ୍ୟୋଗଗୁଡ଼ିକ ପୂର୍ଣ୍ଣକ୍ଷମ ହେଲେ ୩୭ ହଜାରରୁ ଅଧିକ ଯୁବଗୋଷ୍ଠୀଙ୍କୁ ନିଯୁକ୍ତିର ସୁଯୋଗ ମିଳିବ। ଏହା କେବଳ ଆରମ୍ଭ ମାତ୍ର। ଆଗାମୀ ଦିନରେ ଅନେକ ଶିଳ୍ପ ପ୍ରତିଷ୍ଠା ହେବ। ଓଡ଼ିଶାରେ ସବୁ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ହେବ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଆଜି ଯେଉଁ ପ୍ରକଳ୍ପ ଗୁଡ଼ିକ ଆରମ୍ଭ ହେଉଛି ସେ ଗୁଡ଼ିକ ଗୋଟିଏ କ୍ଷେତ୍ରର ନୁହେଁ। ଏଥିରେ ପୋଷାକ ପ୍ରସ୍ତୁତି, ପ୍ୟାକେଜିଙ୍ଗ, ଖାଦ୍ୟ ପ୍ରକ୍ରିୟାକରଣ, କ୍ୟାପିଟାଲ ଗୁଡସ୍ ଓ ରେଳ ଚକ ନିର୍ମାଣ ପ୍ରକଳ୍ପ ରହିଛି। ଏ ଗୁଡ଼ିକ ପାରମ୍ପରିକ ଫାକ୍ଟ୍ରି ନୁହେଁ। ଏ ଗୁଡ଼ିକ ଆଧୁନିକ ଅର୍ଥନୀତିର ବାର୍ତ୍ତାବହ। ଓଡ଼ିଶାରେ ଆଜି ଶିଳ୍ପପତିମାନେ ପୁଞ୍ଜିନିବେଶ ପାଇଁ ଅଭୂତପୂର୍ବ ଆଗ୍ରହ ପ୍ରକାଶ କରୁଛନ୍ତି ତା'ର କାରଣ




ହେଉଛି ଡବଲ ଇଞ୍ଜିନ ସରକାରର ସୁବିଧା ଓ ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ ପାଇଁ ଅନୁକୂଳ ବାତାବରଣ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଉ କୌଣସି ଅସୁବିଧା ନାହିଁ। ଶିଳ୍ପଦ୍ୟୋଗୀମାନଙ୍କୁ ନିୟମ ଅନୁଯାୟୀ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ୱତନ୍ତ୍ର କ୍ଲିୟରାନ୍ସ ଓ ପରମିସନ ସୁବିଧାରେ ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, କୃଷିକ୍ଷେତ୍ରରେ ଯାନ୍ତ୍ରିକୀକରଣ ଆଦୃତି ଫଳରେ କୃଷିକାର୍ଯ୍ୟରେ ମାନବୀୟ ଶ୍ରମର ଚାହିଦା କମି କମି ଯାଉଛି। ତେଣୁ ଅଧିକରୁ ଅଧିକ ଯୁବଶକ୍ତିକୁ ଶିଳ୍ପ ଓ ସେବାଭିତ୍ତିକ ଅର୍ଥନୀତି ପାଇଁ ପ୍ରସ୍ତୁତ କରିବାକୁ ପଡ଼ିବ। ଆମ ଯୁବ ସମାଜକୁ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ସହିତ ଇଣ୍ଡଷ୍ଟ୍ରି ରେଡି କରି ଗଢ଼ି ତୋଳିବାକୁ ପଡ଼ିବ। ଯୁବବର୍ଗଙ୍କୁ ଇଣ୍ଡଷ୍ଟ୍ରି ରେଡି କରିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ପି.ଏମ୍. ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିରୁ ଆମ ରାଜ୍ୟର ଯୁବଗୋଷ୍ଠୀ ଲାଭ ପାଇବା ସହିତ ଏହି ଯୋଜନାରେ ରାଜ୍ୟ ସରକାର ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି। ତେଣୁ ଆସନ୍ତା ୫ ବର୍ଷରେ ରାଜ୍ୟରେ ଯେତେବେଳେ ଶିଳ୍ପ ବିପ୍ଳବ ଆସିଥିବ, ସେତେବେଳେ ଆମ ରାଜ୍ୟର ଯୁବଗୋଷ୍ଠୀ ଇଣ୍ଡଷ୍ଟ୍ରି ପ୍ରସ୍ତୁତ ଥିବେ। ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** — ସ୍ୱାସ୍ଥ୍ୟ ଓ ମନ ପ୍ରଫୁଲ୍ଲ ରହିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ସପ୍ତାହର ପ୍ରଥମାର୍ଦ୍ଧରେ କାର୍ଯ୍ୟ କ୍ଷେତ୍ରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ମତାନ୍ତର ହୋଇପାରେ। ଜୀବନସାଥୀଙ୍କୁ ନେଇ ଚିନ୍ତିତ ରହିପାରନ୍ତି। ପ୍ରତିକାର : ମଙ୍ଗଳବାର ଦିନ ହନୁମାନ ଚାଳିଶା ପାଠ କରନ୍ତୁ।

**ବୃଷ** — ଛାତି ବା କାଶ, ଶର୍ଦ୍ଦି ଭଳି ବେମାରୀ ହୋଇପାରେ। ବ୍ୟବସାୟ ଓ କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ। ନୂଆ କାର୍ଯ୍ୟ ପାଇଁ ସମୟ ଅନୁକୂଳ। ଧାର୍ମିକ ବା ଆଧାତ୍ମିକ କାର୍ଯରେ ଯୋଗ ଦେବେ। ପ୍ରତିକାର : ଓଁ ଦ୍ରାଂ ଦ୍ରିଂ ଦ୍ରଂ ଶୁକ୍ରାୟନମଃ।

**ମିଥୁନ** — ଜ୍ୱରରେ ପୀଡିତ ହୋଇପାରନ୍ତି ଓ ଆତ୍ମବିଶ୍ୱାସରେ କମ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସାବଧାନ ରହନ୍ତୁ। ନୂଆ ବିପରୀତ ବନ୍ଧୁ ହୋଇପାରନ୍ତି। ପ୍ରତିକାର : ବୁଧବାର ଦିନ ଗାଈକୁ ସବୁଜ ଚାରା ବା ଘାସ ଖୁଆନ୍ତୁ।

**କର୍କଟ** — ପାଚନ ତନ୍ତ୍ର ଜନିତ ସମସ୍ୟା ହୋଇପାରେ। ବ୍ୟବସାୟରେ ନୂଆ ଭାଗୀଦାରୀ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଶତ୍ରୁଙ୍କ ବୃଦ୍ଧି ହୋଇପାରେ। ପ୍ରତିକାର : ଭଗବାନ ଶିବଙ୍କ ପୂଜା / ଆରାଧନା କରନ୍ତୁ।

**ସିଂହ** — ପେଟ ସମ୍ବନ୍ଧୀୟ ସମସ୍ୟା ହୋଇପାରେ। ବ୍ୟବସାୟରେ କ୍ଷତିର ଯୋଗ ଅଛି। ଶତ୍ରୁମାନେ ପରାଜିତ ହେବେ। କାର୍ଯ୍ୟକ୍ଷେତ୍ରରେ ରାଜନୀତିରୁ ଦୂରେଇ ରହନ୍ତୁ। ପ୍ରତିକାର : ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**କନ୍ୟା** — ମନ ବିଚଳିତ ରହିବ। ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ଧୈର୍ଯ୍ୟ ସହ କାର୍ଯ୍ୟ କଲେ ସମ୍ମାନିତ ହେବେ। ସପ୍ତାହର ଶେଷରେ ଜୀବନ ସହ ଆନ୍ତରିକତା ବୃଦ୍ଧି ହେବ। ପ୍ରତିକାର : ବୁଧବାର ଦିନ ଛୋଟ ଝିଅପିଲାଙ୍କୁ ଉପହାର ଦିଅନ୍ତୁ।

**ତୁଳା** — ଛାତି, ପେଟରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ଆର୍ଥିକ ସ୍ଥିତି ସାଧାରଣ ରହିବ। କାର୍ଯ୍ୟକ୍ଷେତ୍ରରେ ଅଯଥା ଅନାବଶ୍ୟକ କାର୍ଯ୍ୟରେ ମୁଣ୍ଡ ପୁରାନ୍ତୁ ନାହିଁ। ପ୍ରତିକାର : ଶୁକ୍ରବାର ଦିନ ମା' ସନ୍ତୋଷୀଙ୍କ ଆରାଧନା କରନ୍ତୁ।

**ବିଛା** — ସ୍ୱାସ୍ଥ୍ୟରେ ଉନ୍ନତି ହେବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। କିନ୍ତୁ ବଚସାରୁ ଦୂରେଇ ରହନ୍ତୁ। ଖର୍ଚ୍ଚରେ ବୃଦ୍ଧି ହେବ। ପ୍ରତିକାର : ପ୍ରତିଦିନ ଶିବଙ୍କୁ ଓଁ ନମ ଶିବାୟ ମନ୍ତ୍ରରେ ଧ୍ୟାନ କରନ୍ତୁ।

**ଧନୁ** — ଶରୀରରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ଆବଶ୍ୟକରୁ ଅଧିକ ଖର୍ଚ୍ଚ ହେବ। ବନ୍ଧୁ ଓ ପରିବାରରେ ସମ୍ମାନ ପାଇବେ। କାର୍ଯ୍ୟକ୍ଷେତ୍ରରେ ପ୍ରଗତି ହେବ। ପ୍ରତିକାର : ଗୁରୁବାର ଦିନ ହଳଦୀ ରଙ୍ଗର ବସ୍ତ୍ର ପରିଧାନ କରନ୍ତୁ।

**ମକର** — ଲକ୍ଷ ହାସଲ ଦିଗରେ ଅଗ୍ରସର ହେବେ। ପଦସ୍ଥ ଅଧିକାରୀ ଆପଣଙ୍କ ଉପରେ କ୍ଷୁବ୍ଧ ହୋଇପାରନ୍ତି। ଋଣ ପରିଶୋଧ କରିପାରନ୍ତି। ଆଖିରେ ପୀଡା ହୋଇପାରେ। ପ୍ରତିକାର : ପିତାମାତାଙ୍କୁ ସମ୍ମାନ କରନ୍ତୁ ଓ ମିଛ କହନ୍ତୁ ନାହିଁ।

**କୁମ୍ଭ** — ପୁରୁଣା ରୋଗରୁ ମୁକ୍ତି ମିଳିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ସମ୍ମାନ ପାଇଁ ବାଣୀରେ ଲଗାମ ଦିଅନ୍ତୁ। ଭାଇଭଉଣୀଙ୍କ ସହଯୋଗ ପାଇବେ। ଦମ୍ପତିଙ୍କର ପୁରୁଣା ମତଭେଦ ଦୂର ହେବ। ପ୍ରତିକାର : ଶନିବାର ଦିନ ଛାୟା ଦାନ କରନ୍ତୁ।

**ମୀନ** — ଆବଶ୍ୟକତାରୁ ଅଧିକ କଥା କହନ୍ତୁ ନାହିଁ। ମାନସିକ ଓ ଶାରୀରିକ କଷ୍ଟ ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଭଲ ଖବର ପାଇବେ। ଆୟରୁ ବ୍ୟୟ ଅଧିକ ହେବ। ବୈବାହିକ ଜୀବନର ଶାନ୍ତି ଅନୁଭବ କରିବେ। ପ୍ରତିକାର : ଗୁରୁଜନଙ୍କୁ ସମ୍ମାନ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

---

**ଆଇଆଇଟି କାନପୁର ବୈଜ୍ଞାନିକଙ୍କ ଚେତାବନୀ**

# ଭାରତରେ ହେବ ମିଆଁମାର ପରି ଭୟଙ୍କର ଭୂକମ୍ପ

**କାନପୁର :** ନିକଟରେ ମିଆଁମାରରେ ହୋଇଥିବା ଭୂକମ୍ପର ଭୟଙ୍କର ପରିଣତି ସାରା ବିଶ୍ୱ ଦେଖିଛି। ଏହି ଭୂକମ୍ପରେ ୨ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିବା ସହ ୪ ହଜାରରୁ ଅଧିକ ଆହତ ହୋଇଥିଲେ। ଏଥିସହିତ ଅନେକ ଲୋକ ନିଖୋଜ ହେବା ସହ ଅନେକ ବିଲଡିଂ ମାଟିରେ ମିଶିଯାଇଥିଲା। ସାଗାଇଙ୍ଗ ଫଲ୍ଟ ମିଆଁମାର ଓ ଥାଇଲାଣ୍ଡରେ ଭୂକମ୍ପ ସୃଷ୍ଟିର ମୂଳ କାରଣ ଥିଲା। ଏହି ଫଲ୍ଟକୁ ଇଣ୍ଟରନେଟ ମ୍ୟାପ ମାଧ୍ୟମରେ ସହଜରେ ଦେଖିହେବ। ଏହି ସାଗାଇଙ୍ଗ ଫଲ୍ଟ ବହୁତ ବିପଜ୍ଜନକ ବୋଲି ଆଇଆଇଟି କାନପୁରର ଆର୍ଥ ସାଇନ୍ସେସ ବିଭାଗର ପ୍ରଫେସର ଜାଭେଦ ମଲିକ କହିଛନ୍ତି। ପ୍ରଫେସର ମଲିକ କହିଛନ୍ତି, ଆମକୁ ବଡ଼ ଭୂକମ୍ପର ପ୍ରତୀକ୍ଷା କରିବା ଅନୁଚିତ। ହିମାଳୟରେ ଅନେକ ସକ୍ରିୟ ଫଲ୍ଟ ଲାଇନ ରହିଛି।



ସବୁ ଫଲ୍ଟ ଫ୍ରଣ୍ଟଲ ପାର୍ଟସ ଉପରେ କାମ କରୁଛନ୍ତି, ମାତ୍ର ଉପରେ ମଧ୍ୟ ଫଲ୍ଟ ରହିଛି। ଆମକୁ କେବଳ ପ୍ଲେଟ ସୀମାର ଆଖପାଖ ଭୂକମ୍ପକୁ ଦେଖିବା ଅନୁଚିତ। ଉତ୍ତର-ପୂର୍ବ ଓ କଶ୍ମୀର ଜୋନ-୫ରେ ରହିଛି। ଏହି କ୍ଷେତ୍ରରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଆମକୁ ଏ କ୍ଷେତ୍ରରେ ଅଧିକ ସାବଧାନ ରହିବ ଆବଶ୍ୟକ ଓ ଭୂକମ୍ପର ପ୍ରଭାବକୁ କମ୍ କରିବା ପାଇଁ କାମ କରିବା ଦରକାର। ସାଗାଇଙ୍ଗ ଓ ଗଙ୍ଗା-ବଙ୍ଗଳା ମଧ୍ୟରେ କିଛି ହେଉନାହିଁ ବୋଲି ଏହା ଆମେ କହିପାରିବା ନାହିଁ। ପୂରା ଅଞ୍ଚଳ ଚାପରେ ରହିଛି ଓ ସେଠାରେ କ୍ରମାଗତ ଭାବେ ଉର୍ଜା ଜମିବାରେ ଲାଗିଛି। ଗୋଟିଏ ଭୂକମ୍ପ ଅନ୍ୟ ଭୂକମ୍ପକୁ ଟ୍ରିଗର କରିବ ନାହିଁ ବୋଲି ଏହାକୁ ଅଗ୍ରାହ୍ୟ କରିହେବ ନାହିଁ। ଏହାକୁ 'ଟ୍ରିଗର ଷ୍ଟ୍ରେସ' କୁହାଯାଏ। ଉତ୍ତରରୁ ଦକ୍ଷିଣ ଆଡ଼କୁ ଏପରି ଗତିବିଧି ବଢ଼ୁଛି, ଏହା ଦେଖାଯିବା ଦରକାର। ଫଲ୍ଟ ଲାଇନ ବହୁତ ଗଭୀରରେ ହୋଇଥାଏ, ଯାହାକି ୧୦୦-୧୫୦ କିମିର ଗଭୀର ପର୍ଯ୍ୟନ୍ତ ଯାଇପାରେ। ମାତ୍ର ୫, ,୧୦ ଓ ୨୦ କିମିର ଗଭୀରତା ବିଶିଷ୍ଟ ଭୂକମ୍ପ ଅଧିକ କ୍ଷତି ପହଞ୍ଚାଇପାରେ। କାରଣ ଏହା କମ୍ ଗଭୀରରୁ ଉର୍ଜା ପ୍ରାପ୍ତ କରିଥାଏ।

# ଶେଷ ହେଲା ବଜେଟ୍ ଅଧିବେଶନ

**ନୂଆଦିଲ୍ଲୀ :** ଶୁକ୍ରବାର ଦିନ ଲୋକସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଯାଇଥିଲା । ଏହା ସହିତ ଜାନୁଆରୀ ୩୧ ତାରିଖରୁ ଆରମ୍ଭ ହୋଇଥିବା ବଜେଟ ଅଧିବେଶନ ସମାପ୍ତ ହୋଇଛି। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ମନ୍ତବ୍ୟ ଉପରେ ମୁଲତବୀ ପରେ ମଧ୍ୟାହ୍ନ ୧୨ ଟାରେ ଗୃହ ଆରମ୍ଭ ହେବା ମାତ୍ରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ତାଙ୍କର ବିଦାୟୀ ଭାଷଣ ପଢି ନୂତନ ଅଧିବେଶନ ଆରମ୍ଭ ହେବା ପର୍ଯ୍ୟନ୍ତ ଗୃହକୁ



ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖିଥିଲେ। ବାଚସ୍ପତି ବିର୍ଲା କହିଛନ୍ତି ଯେ ଅଧିବେଶନ ସମୟରେ ୧୬ଟି ବିଲ୍ ଗୃହୀତ ହୋଇଥିଲା ଏବଂ ଗୃହର ଉତ୍ପାଦକତା ୧୧୮ ପ୍ରତିଶତରୁ ଅଧିକ ଥିଲା। ଯେତେବେଳେ ସେ କହୁଥିଲେ, ବିରୋଧୀ ସଦସ୍ୟମାନେ ବିର୍ଲାଙ୍କ ଗାନ୍ଧୀଙ୍କ ବିରୁଦ୍ଧରେ ମନ୍ତବ୍ୟ ବିରୋଧରେ ସ୍ଲୋଗାନ ଦେଇଥିଲେ ଏବଂ କହିଥିଲେ ଯେ ୱାକଫ ସଂଶୋଧନ ବିଲ୍ ବିନା ଆଲୋଚନାରେ ଗୃହୀତ ହେବା ଦୁର୍ଭାଗ୍ୟଜନକ, ଯାହା ଗୃହର ମର୍ଯ୍ୟାଦା ବିରୁଦ୍ଧରେ ଥିଲା। ଅଧିବେଶନ ସମୟରେ, ଲୋକସଭା ବିଭିନ୍ନ ମନ୍ତ୍ରଣାଳୟ ପାଇଁ ଅନୁଦାନ ଦାବି ସହିତ ଅର୍ଥ ବିଲ୍ ମଞ୍ଜୁର କରିବା ପରେ ସରକାର ଏହାର ବଜେଟ୍ କାର୍ଯ୍ୟ ସମାପ୍ତ କରିଥିଲେ।

**ବିଲ ଗେଟ୍ସଙ୍କ ଭବିଷ୍ୟବାଣୀ**

## ଆଗକୁ ସପ୍ତାହକୁ ଦୁଇଦିନ କାମ କରିବେ କର୍ମଚାରୀ



**ନୂଆଦିଲ୍ଲୀ :** କର୍ମଚାରୀମାନେ ସପ୍ତାହକୁ ଦୁଇଦିନ କାମ କରିବା ସପକ୍ଷରେ ଅନେକ ଉଦ୍ୟାଗପତି ଓ ବ୍ୟବସାୟୀମାନେ କହିଥାନ୍ତି। ତେବେ ଏହା ମଧ୍ୟରେ ବିଶ୍ୱର ଅନ୍ୟତମ ଧନୀବ୍ୟକ୍ତି ବିଲ ଗେଟ୍ସକୁ ଏକ ବଡ଼ ଭବିଷ୍ୟବାଣୀ କରିଛନ୍ତି। ଆଗାମୀ ୧୦ ବର୍ଷ ମଧ୍ୟରେ କର୍ମଚାରୀମାନେ ସପ୍ତାହକୁ ଦୁଇ ଦିନ କାମ କରିବେ। ସପ୍ତାହକୁ କେବଳ ଦୁଇଦିନର କାମ କରିବାର ଆବଶ୍ୟକତା ପଡ଼ିବ ବୋଲି ଗେଟ୍ସ ଭବିଷ୍ୟବାଣୀ କରିଛନ୍ତି। କୃତ୍ରିମ ବୁଦ୍ଧିମତା (ଏଆଇ) ଆମର ଅଧିକାଂଶ ଚାକିରି ନେଇଯିବ ଓ ଶ୍ରମ ଶକ୍ତିର ଆବଶ୍ୟକତା ବହୁତ କମ୍ ହୋଇଯିବ। ଏଥିସହିତ ଲୋକଙ୍କ କାମ କରିବାର ତରିକା ମଧ୍ୟ ସମ୍ପୂର୍ଣ୍ଣ ଭାବେ ବଦଳିଯିବ ବୋଲି ସେ କହିଛନ୍ତି। ଗେଟ୍ସଙ୍କ ଭବିଷ୍ୟବାଣୀ ପାରମ୍ପରିକ ଭାବନାଠାରୁ ବିଲକୁଲ ଅଲଗା। ଏହି ଭବିଷ୍ୟବାଣୀ ଉତ୍ପାଦକତା, ରୋଜଗାର ଓ ଲୋକଙ୍କ ଦୈନନ୍ଦିନ ଜୀବନରେ ଏଆଇର ଭୂମିକାକୁ ନେଇ ଯୁକ୍ତି ଆରମ୍ଭ ହୋଇଯାଇଛି। ଏପରି ସ୍ଥିତିରେ ପ୍ରଶ୍ନ ଉଠୁଛି, ଲୋକଙ୍କର ଚାକିରିର ସ୍ଥାନକୁ କ'ଣ ଏଆଇ ରିପ୍ଲେସ କରିବ? ୨୦୨୨ରେ ଓପନଏଆଇ ତରଫରୁ ଚାଟଜିପିଟି ଲଞ୍ଚହେବା ପରେ ଲୋକଙ୍କର ଚିନ୍ତାଧାରା ଓ କାମକୁ ଏଆଇ ବଦଳାଇ ଦେଇଛି। ଏଆଇ ଚାଟବୋଟ୍ସ ଯେପରିକି ଜେମିନି, ଗ୍ରୋକ ଓ ଡିପସିକର ଅଧିକରୁ ଅଧିକ ବ୍ୟବହାର କରାଯାଉଛି। ବିଭିନ୍ନ କ୍ଷେତ୍ରରେ ଚାକିରି ଯାଇପାରେ ବୋଲି ଅନେକ ବୃତ୍ତିଧାରୀ ଚିନ୍ତାରେ ରହିଥିବା ଗେଟ୍ସ କହିଛନ୍ତି।

**ଇପିଏଫ୍‌ଓ ସହଜ କଲା ପାଣ୍ଠି ଉଠାଣ ପ୍ରକ୍ରିୟା**

# ଆବଶ୍ୟକ ପଡ଼ିବନି ବ୍ୟାଙ୍କ ଖାତା ଯାଞ୍ଚ

**ନୂଆଦିଲ୍ଲୀ :** କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ)ପାଣ୍ଠି ଉଠାଣ ପ୍ରକ୍ରିୟାକୁ ସହଜ କରିଛି। ଅନ୍ଲାଇନରେ ଟଙ୍କା ଉଠାଣ ସମୟରେ ବାତିଲ ଚେକ୍ର ଚିତ୍ର ଅପଲୋଡ୍ କରିବା ଏବଂ ସଦସ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ନିଯୁକ୍ତିଦାତାଙ୍କ ଦ୍ୱାରା ଯାଞ୍ଚ କରାଯିବା ଆବଶ୍ୟକତା ପଡ଼ିବ ନାହିଁ ବୋଲି ଘୋଷଣା କରାଯାଇଛି। ବର୍ତ୍ତମାନ ଇପିଏଫ୍‌ଓ ସଦସ୍ୟ ଭବିଷ୍ୟନିଧି ପାଣ୍ଠରୁ ଟଙ୍କା ଉଠାଣ ପାଇଁ ବାତିଲ ଚେକ୍ ଓ ୟୁଏଏନ୍ ସହ ସଂଯୁକ୍ତ ବ୍ୟାଙ୍କ ଖାତା ଅପ୍ଲୋଡ଼ କରିବା ଆବଶ୍ୟକ ହେଉଛି। ଏଥିସହ ନିଯୁକ୍ତିଦାତାଙ୍କୁ ଆବେଦନକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ଅନୁମୋଦନ କରିବାକୁ ପଡୁଛି। ଶ୍ରମ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ, ଅନଲାଇନ୍ ଦାବି ଦାଖଲ କରିବା ସମୟରେ ଚେକ୍ କିମ୍ବା ବ୍ୟାଙ୍କ ଖାତା ଅପଲୋଡ୍ କରିବାର ଆବଶ୍ୟକତାକୁ ଇପିଏଫ୍‌ଓ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାହାର କରିଛି। ଏହି ପଦକ୍ଷେପ ଦାବି ସମାଧାନ ପ୍ରକ୍ରିୟାକୁ ଉଲ୍ଲେଖନୀୟ ଭାବରେ ସୁଗମ କରିବ ଏବଂ ଦାବି ପ୍ରତ୍ୟାଖ୍ୟାନ ସମ୍ବନ୍ଧୀୟ ଅଭିଯୋଗ ହ୍ରାସ କରିବ। ପ୍ରାରମ୍ଭରେ କିଛି କେୱାଇସି-ଅପଡେଟ୍ ହୋଇଥିବା ସଦସ୍ୟଙ୍କ ପାଇଁ ପାଇଲଟ୍ ଆଧାରରେ ଏହି ପଦକ୍ଷେପ କାର୍ଯ୍ୟକାରୀ କରାଯାଇଥିଲା। ୨୦୨୪ ମେ' ୨୮ରେ ଏହା ପାଇଲଟ ଆଧାରରେ ଲାଗୁ ହେବା ପରେ ୧.୭ କୋଟି ଇପିଏଫ୍ ସଦସ୍ୟ ଉପକୃତ ହୋଇଛନ୍ତି। ଏହାର ସଫଳତା ପରେ ଇପିଏଫ୍‌ଓ ଏହି ସୁବିଧା ସମସ୍ତ ସଦସ୍ୟଙ୍କୁ ଦେବାକୁ ଯାଉଛି।

**ଟ୍ରାଫିକ୍ ନିୟମ କଡ଼ାକଡ଼ି**

# ଇ-ଚାଲାଣ ପୈଠ ନକଲେ ଡ୍ରାଇଭିଂ ଲାଇସେନ୍ସ ହେବ ଜବତ

**ନୂଆଦିଲ୍ଲୀ :** ଟ୍ରାଫିକ୍ ନିୟମ ଉଲ୍ଲଂଘନ ଘଟଣାରେ ଦଣ୍ଡସ୍ୱରୂପ ଯେତିକି ଇ-ଚାଲାଣ କଟାଯାଉଛି, ତା'ର ମାତ୍ର ୪୦ ପ୍ରତିଶତ ଦେୟ ଆଦାୟ ହେଉଥିବା ଜଣାପଡ଼ିଛି। ଅନେକ ନିୟମ ଉଲ୍ଲଂଘନକାରୀ ଜରିମାନା ରାଶି ଭରୁନାହାନ୍ତି। ତେଣୁ ବେପରୁଆ ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଟ୍ରାଫିକ୍ ନିୟମ ପାଳନକୁ କଡ଼ାକଡ଼ି କରିବାକୁ ଯାଉଛନ୍ତି। ତଦନୁଯାୟୀ, ୩ ମାସ ମଧ୍ୟରେ ଟ୍ରାଫିକ୍ ଇ-ଚାଲାଣ (ଜରିମାନା) ପୈଠ ନ କଲେ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍)କୁ ସ୍ଥଗିତ ରଖାଯିବ। ଲାଲବତିକୁ ଅତିକ୍ରମ କରିଯିବା କିମ୍ବା ବିପଜ୍ଜନକ ଡ୍ରାଇଭିଂ ପାଇଁ ଗୋଟିଏ ଆର୍ଥିକ୍ ବର୍ଷରେ ୩ ଥର



ଚାଲାଣ କଟାଯାଇଥିଲେ, ଲାଇସେନ୍ସକୁ ଅନ୍ୟୁନ ୩ ମାସ ପାଇଁ ଜବତ କରାଯିବ। ଯଦି ଜଣେ ଡ୍ରାଇଭର ପୂର୍ବ ଆର୍ଥିକ୍ ବର୍ଷରୁ ଅନ୍ୟୁନ ୨ଟି ଚାଲାଣ ପୈଠ ନ କରି ଅଟକାଇ ରଖିଥିବେ, ତେବେ ତାଙ୍କ ଉପରେ ଅଧିକ ବୀମା ପ୍ରିମିୟମ୍ ଲଗାଯିବ। କେନ୍ଦ୍ରୀୟ ମୋଟର ଯାନ ଆଇନର ବ୍ୟବସ୍ଥା ଅନୁଯାୟୀ ଇଲେକ୍ଟ୍ରୋନିକ ପର୍ଯ୍ୟବେକ୍ଷଣ କାର୍ଯ୍ୟକାରିତା ସମ୍ପର୍କିତ ଅନୁପାଳନ ରିପୋର୍ଟ ଦାଖଲ କରିବା ପାଇଁ ସୁପ୍ରିମକୋର୍ଟ ୨୩ ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେବା ପରେ ସରକାର ଆଇନ ପାଳନକୁ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ଆଇନର ଧାରା ୧୩୬ଏ ଅନୁଯାୟୀ, ଉତ୍ତମ ଟ୍ରାଫିକ ପରିଚାଳନାକୁ ସୁନିଶ୍ଚିତ କରାଇବା ଏବଂ ଟ୍ରାଫିକ୍ ଆଇନର କାର୍ଯ୍ୟକାରିତା ପାଇଁ ସିସିଟିଭି କ୍ୟାମେରା, ଅଟୋମେଟିକ୍ ନମ୍ବର ପ୍ଲେଟ୍ ଚିହ୍ନଟ ବ୍ୟବସ୍ଥା, ସ୍ପିଡ୍ ଗନ୍, ଶରୀରରେ ପିନ୍ଧାଯାଇପାରୁଥିବା କ୍ୟାମେରା ଆଦି ଉନ୍ନତ ପ୍ରଯୁକ୍ତି ବ୍ୟବହାର କରାଯାଇପାରିବ। ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ଦିଲ୍ଲୀରେ ଇ-ଚାଲାଣ ଜରିଆରେ ସର୍ବନିମ୍ନ ୧୪ ପ୍ରତିଶତ ଜରିମାନା ଆଦାୟ ହୋଇଥିବା ଜଣାପଡ଼ିଛି। କର୍ନାଟକରେ ଇ-ଚାଲାଣ ଜରିଆରେ ଜରିମାନା ଆଦାୟ ପରିମାଣ ୨୧ ପ୍ରତିଶତ ରହିଥିବାବେଳେ ତାମିଲନାଡୁ ଓ ଉତ୍ତରପ୍ରଦେଶରେ ୨୭%, ଓଡ଼ିଶାରେ ୨୯% ରହିଛି। ଅନ୍ୟପକ୍ଷରେ ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ହରିୟାଣାରେ ଜରିମାନା ଆଦାୟ ହାର ୬୨ରୁ ୭୬ ପ୍ରତିଶତ ରହିଛି। ତଥ୍ୟରୁ ଆହୁରି ଜଣାପଡ଼ିଛି, ଯେଉଁମାନେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି, ପୋଲିସ୍ ଲଗାଇଥିବା ଜରିମାନା ଉପରେ ସେମାନଙ୍କୁ ପାଖାପାଖି ୮୦ ପ୍ରତିଶତ ଛାଡ଼ ମିଳିଛି।

## ୧ ଟଙ୍କା ମୁଦ୍ରା ତିଆରି ପାଇଁ ୧.୧୧ ଟଙ୍କା ଖର୍ଚ୍ଚ



**ନୂଆଦିଲ୍ଲୀ :** ଏକ ଟଙ୍କା ମୁଦ୍ରା ବହୁତ ଆର୍ଥିକ ଗୁରୁତ୍ୱ ରଖି ନ ପାରେ, କିନ୍ତୁ ଭାରତୀୟ ପରିବାରରେ ଏହାର ମୂଲ୍ୟ ଯଥେଷ୍ଟ ଭାବପ୍ରବଣ। ତେବେ ଏହି ୧ ଟଙ୍କା ମୁଦ୍ରା ତିଆରି ପାଇଁ ୧ ଟଙ୍କାରୁ ଅଧିକ ମୂଲ୍ୟ ଲାଗିଥାଏ। ସୂଚନା ଅଧିକାର ଆଇନରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତର ଦେଇ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) କହିଛି ଯେ ୧ ଟଙ୍କା ମୁଦ୍ରା ତିଆରି ପାଇଁ ହାରାହାରି ୧.୧୧ ଟଙ୍କା ଖର୍ଚ୍ଚ ହୋଇଥାଏ। ୧୯୨୨ରୁ ତିଆରି ହେଉଥିବା ଏକ ୧ ଟଙ୍କା ମୁଦ୍ରା ଷ୍ଟିଲ୍ରେ ପ୍ରସ୍ତୁତ ହୋଇଥାଏ। ୨୦୧୫ ଏବଂ ୨୦୧୬ରେ ସର୍ବାଧିକ ୨୧୫୧ ନିୟୁତ ୧ ଟଙ୍କା ମୁଦ୍ରା ପ୍ରସ୍ତୁତ କରାଯାଇଥିଲା। ଗତବର୍ଷ ୯୦୩ ନିୟୁତ ୧ ଟଙ୍କା ମୁଦ୍ରା ପ୍ରସ୍ତୁତ ହୋଇଥିବାବେଳେ ଚଳିତବର୍ଷ ଏହା ହ୍ରାସ ପାଇ ୬୩୦ ନିୟୁତରେ ପହଞ୍ଚିଛି। ଅନ୍ୟପକ୍ଷରେ ୨ ଟଙ୍କିଆ, ୫ ଟଙ୍କିଆ ଓ ୧୦ ଟଙ୍କିଆ ମୁଦ୍ରା ପ୍ରସ୍ତୁତ କରିବାକୁ ଅପେକ୍ଷାକୃତ କମ୍ ଖର୍ଚ୍ଚ ହୋଇଥାଏ। ୨ ଟଙ୍କିଆ ମୁଦ୍ରା ପ୍ରସ୍ତୁତ ପାଇଁ ୧.୨୮ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ୫ ଟଙ୍କିଆ ମୁଦ୍ରା ପାଇଁ ୩.୬୯ ଟଙ୍କା ଓ ୧୦ ଟଙ୍କିଆ ମୁଦ୍ରା ତିଆରି ପାଇଁ ୫.୫୪ ଟଙ୍କା ଖର୍ଚ୍ଚ ହୋଇଥାଏ। ସେହିପରି ୨ ହଜାର ଟଙ୍କିଆ ନୋଟ୍ ପ୍ରିଣ୍ଟ କରିବା ପାଇଁ ୪ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ୧ ହଜାରଟି ୧୦ ଟଙ୍କିଆ ନୋଟ୍ ପ୍ରିଣ୍ଟ କରିବା ପାଇଁ ୯୬୦ ଟଙ୍କା ଖର୍ଚ୍ଚ ହୋଇଥାଏ।

## ଅଙ୍ଗଦାନ କଲେ ସରକାରୀ କର୍ମଚାରୀଙ୍କୁ ୪୨ ଦିନ ଛୁଟି



**ନୂଆଦିଲ୍ଲୀ :** ଅଙ୍ଗଦାନ କଲେ ସରକାରୀ କର୍ମଚାରୀମାନଙ୍କୁ ୪୨ ଦିନର ସ୍ୱତନ୍ତ୍ର ଛୁଟି ଦେବାର ବ୍ୟବସ୍ଥା କରିଛନ୍ତି କେନ୍ଦ୍ର ସରକାର। ବୁଧବାର କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଲୋକସଭାରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସରକାରୀ ଡାକ୍ତରଙ୍କ ଅନୁମୋଦନରେ ଯେକୌଣସି ଅସ୍ତ୍ରୋପଚାର ପାଇଁ ସର୍ବାଧିକ ୪୨ ଦିନ ପାଇଁ ଏହି ଛୁଟି ସରକାରୀ କର୍ମଚାରୀଙ୍କୁ ମିଳିପାରିବ। ଡାକ୍ତରଖାନାରେ ଭର୍ତ୍ତି ହେବା ଦିନଠାରୁ ଛୁଟିର ଦିନ ଗଣନା ଆରମ୍ଭ ହେବ। ମାତ୍ର ଆବଶ୍ୟକସ୍ଥଳେ ଅସ୍ତ୍ରୋପଚାରର ଗୋଟିଏ ସପ୍ତାହ ପୂର୍ବରୁ ନିଆଯାଇପାରିବ ବୋଲି ମନ୍ତ୍ରୀ ଅବଗତ କରାଇଛନ୍ତି। ଏହି ବ୍ୟବସ୍ଥା ୨୦୨୩ ମସିହାରେ କାର୍ଯ୍ୟକାରୀ କରାଯାଇଥିଲା। ଏହା ଅଙ୍ଗଦାନକୁ ଅଧିକରୁ ଅଧିକ ପ୍ରୋତ୍ସାହିତ କରିବ ବୋଲି ସରକାର ଆଶା ପୋଷଣ କରିଛନ୍ତି। ସୂଚନାଯୋଗ୍ୟ ଯେ କେନ୍ଦ୍ରୀୟ ସରକାରୀ ସ୍ୱାସ୍ଥ୍ୟ ଯୋଜନା (ସି.ଜି.ଏଚ୍.ଏସ୍.) ଅଧୀନରେ ସରକାରୀ କର୍ମଚାରୀ ଏବଂ ସେମାନଙ୍କ ପରିବାର ଶସ୍ତା ଦରରେ ଚିକିତ୍ସା, ଔଷଧ ଏବଂ ଡାକ୍ତରଖାନାରେ ଭର୍ତ୍ତି ସୁବିଧା ପାଇଥାନ୍ତି। ଅବସର ପରେ ମଧ୍ୟ ସିଜିଏଚ୍ଏସ୍ ସୁବିଧା ବଳବତ୍ତର ରହିଥାଏ। ଏହାଛଡ଼ା ମହିଳା କର୍ମଚାରୀଙ୍କୁ ୬ ମାସର ପ୍ରସୂତି ଛୁଟି ଏବଂ ପୁରୁଷମାନଙ୍କୁ ୧୫ ଦିନର ପିତୃତ୍ୱ ଛୁଟି ପ୍ରଦାନ କରାଯାଇଥାଏ।

# ଖୁବ୍‌ଶୀଘ୍ର ଭାରତର ଆକାଶରେ ଉଡ଼ିବ ଏୟାର ଟ୍ୟାକ୍ସି

**ନୂଆଦିଲ୍ଲୀ :** ଖୁବ୍‌ଶୀଘ୍ର ଭାରତର ଆକାଶରେ ଉଡ଼ିବ ଏୟାର ଟ୍ୟାକ୍ସି। ଜଳ ପଥ ପରେ ଛୋଟ ଛୋଟ ଜାଗାକୁ ଯିବା ପାଇଁ ଏହି ଏୟାର ଟ୍ୟାକ୍ସି ହିଁ ହେବ ସାଧନ। ଷ୍ଟାର୍ଟଅପ୍ ମହାକୁମ୍ଭରେ ଏହାର ଝଲକ ଦେଖିବାକୁ ମିଳିଛି। ଏରୋସ୍ପେସ୍ ଷ୍ଟାର୍ଟଅପ୍ ସର୍ଲା ଆଭିଏସନ୍ ଏହାର ପ୍ରୋଟୋଟାଇପ୍ ଏୟାର ଟ୍ୟାକ୍ସି 'ଶୂନ୍ୟ' ପ୍ରଦର୍ଶନ କରିଛି। ଏହି ଟ୍ୟାକ୍ସି ଥରକେ ୧୬୦ କିଲୋମିଟର ପର୍ଯ୍ୟନ୍ତ ଉଡ଼ିପାରିବ। କିନ୍ତୁ ଏହାକୁ ୨୦-୩୦ କିଲୋମିଟରର ଛୋଟ-ଛୋଟ ଯାତ୍ରା ପାଇଁ ବ୍ୟବହାର କରାଯିବ ବୋଲି ସୂଚନା ମିଳିଛି। କମ୍ପାନୀ କହିଛି ଯେ ଏହି ଏୟାର ଟ୍ୟାକ୍ସି ଏହା ଘଣ୍ଟା ପ୍ରତି ୨୫୦ କିଲୋମିଟର ବେଗରେ ଉଡ଼ିପାରିବ। ମାତ୍ର ୨୦ ମିନିଟର ଚାର୍ଜ ହେଲେ କାର୍ ଉଡ଼ାଣ ଭରିପାରିବ। ଶୂନ୍ୟ ଫ୍ଲାଇଁ ଟ୍ୟାକ୍ସି ଗୁଡ଼ିକ ଭିଡ଼ ଅଞ୍ଚଳରେ ଯାତ୍ରା ସମୟକୁ ଯଥେଷ୍ଟ ହ୍ରାସ କରିବ ବୋଲି ଆଶା କରାଯାଉଛି। ଏଥିରେ ପାଇଲଟଙ୍କ ସମେତ ୭ ଜଣ ବସିପାରିବେ। କମ୍ପାନୀ ଜାନୁଆରୀରେ ଅନୁଷ୍ଠିତ ଇଣ୍ଡିଆ ମୋବିଲିଟି ଗ୍ଲୋବାଲ ଏକ୍ସପୋରେ ପ୍ରଥମ ଥର ପାଇଁ ଏହାକୁ ପ୍ରଦର୍ଶନ କରିଥିଲା। କମ୍ପାନୀର ସହ-ପ୍ରତିଷ୍ଠାତା ଶିବମ ଚୌହାନ ଦୈନିକ ଭାସ୍କରକୁ କହିଛନ୍ତି ଯେ ସେ ୨୦୨୮ ସୁଦ୍ଧା ବେଙ୍ଗାଲୁରୁରୁ ଉଡ଼ନ୍ତା ଟ୍ୟାକ୍ସି ସେବା ଆରମ୍ଭ କରିବେ। ଏହା ପରେ, ମୁମ୍ବାଇ, ଦିଲ୍ଲୀ, ନୋଏଡା ଏବଂ ପୁଣେ ଭଳି ସହରରେ ଏୟାର ଟ୍ୟାକ୍ସି ସେବାକୁ ବିସ୍ତାର କରିବାର ଯୋଜନା ରହିଛି। 'ଶୂନ୍ୟ'ରେ ଥରେ ବସି ଯାତ୍ରା କଲେ ଏହାର ଭଡ଼ା ଓଲା-ଉବରର ପ୍ରିମିୟମ୍ ଟ୍ୟାକ୍ସି ସେବା ସହିତ ସମକକ୍ଷ ହେବାର ଯୋଜନା କରାଯାଇଛି। ଯାତ୍ରୀ ପରିବହନ ବ୍ୟତୀତ, ସେ ସହରାଞ୍ଚଳରେ ଜରୁରୀକାଳୀନ ଚିକିତ୍ସା ଆବଶ୍ୟକତା ପୂରଣ କରିବା



ପାଇଁ ମାଗଣା ଏୟାର ଆମ୍ବୁଲାନ୍ସ ସେବା ଆରମ୍ଭ କରିବାର ଘୋଷଣା ମଧ୍ୟ କରିଛନ୍ତି ସହ-ପ୍ରତିଷ୍ଠାତା ଶିବମ ଚୌହାନ। ବେଙ୍ଗାଲୁରୁ ସ୍ଥିତ ଏହି ପ୍ଲାଟଫର୍ମଟି ଭାରତର ପ୍ରଥମ ମହିଳା ପାଇଲଟ ସର୍ଲା ଠୁକରାଲଙ୍କ ନାମରେ ନାମିତ କରାଯାଇଛି। ଅକ୍ଟୋବର ୨୦୨୩ ରେ ଆଡ୍ରିଆନ୍ ସ୍ମିଟ, ରାକେଶ ଗାଓଁକର ଏବଂ ଶିବମ୍ ଚୌହାନଙ୍କ ମିଳିତ ହୋଇ ଏହାର ପ୍ରତିଷ୍ଠା କରିଥିଲେ। ସର୍ଲା ଆଭିଏସନ୍ ଶୂନ୍ୟକୁ ଏୟାର ଟ୍ୟାକ୍ସି ସେବା ପାଇଁ ଡିଜାଇନ୍ କରିଛି। ଏହା ସର୍ବାଧିକ ୬୮୦ କିଲୋଗ୍ରାମ ଭାର ବହନ କରିପାରିବ। ସରଳା ଆଭିଏସନ୍ ବ୍ୟତୀତ ମାରୁତି ସୁଜୁକି ଇଣ୍ଡିଆ ମଧ୍ୟ ଗ୍ଲୋବାଲ୍ ମୋବିଲିଟି ଏକ୍ସପୋ-୨୦୨୫ରେ ଏହାର ଉଡ଼ନ୍ତା କାରର ପ୍ରୋଟୋଟାଇପ୍ ମଡେଲ୍ ମଧ୍ୟ ପ୍ରଦର୍ଶିତ କରିଛି। ଏହି ବ୍ରାଣ୍ଡ୍ ଏହାର ମୂଳ କମ୍ପାନୀ ସୁଜୁକି ମୋଟର କର୍ପୋରେସନ (ଏସ୍ଏମ୍ସି) ସହିତ ମିଶି ଏକ ଉଡ଼ନ୍ତା ଇଲେକ୍ଟ୍ରିକ୍ କାର ତିଆରି କରୁଛି। ଏଥିପାଇଁ କମ୍ପାନୀ ଜାପାନୀ ଷ୍ଟାର୍ଟଅପ୍ ସ୍କାଏଡ୍ରାଇଭ ସହିତ ପାର୍ଟନର୍ସିପ କରିଛି। ଏଥିସହିତ ମହିନ୍ଦ୍ରା ଓ ଚେନ୍ନାଇର ଭିନାଟା ଏରୋମୋବିଲିଟି କମ୍ପାନୀ ହାଇବ୍ରିଡ୍ ଉଡ଼ନ୍ତା କାର ତିଆରି କରୁଛି।

## ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଗୃହୀତ



**ଭୁବନେଶ୍ୱର :** ପ୍ରାୟ ଦୁଇ ଦଶନ୍ଧି ପରେ ଶେଷରେ ବୁଧବାର ରାତି ତମାମ ଚାଲିଥିଲା ବିଧାନସଭା। ରାତି ତମାମ ଆଲୋଚନା ପରେ ଭୋର ୪ଟା ୨୯ରେ ପାରିତ ହେଲା ବିଶ୍ୱବିଦ୍ୟାଳୟ ସଂଶୋଧିତ ବିଲ ୨୦୨୪। ସାଢେ ୧୨ ଘଣ୍ଟାରେ ଆଲୋଚନା ବେଳେ ବିରୋଧୀ ଏବଂ ଶାସକ ଦଳ ଭିତରେ ହେଲା ସରଗରମ ଆଲୋଚନା। ଶେଷ ଯାଏଁ ଉପସ୍ଥିତ ଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ହେଲେ ଗୃହରେ ନଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଦୁଇ ମହିଳା ବିଧାୟିକା ଉପାସନା ମହାପାତ୍ର ଏବଂ ସଞ୍ଜାଳି ମୁର୍ମୁ ମଧ୍ୟ ଶେଷ ଯାଏଁ ଉପସ୍ଥିତ ଥିଲେ। ବିରୋଧୀ ଦଳ ପକ୍ଷରୁ ବରିଷ୍ଠ ବିଧାୟକ ରାଜା ସ୍ୱାଇଁ, ଅରୁଣ ସାହୁ, ଗଣେଶ୍ୱର ବେହେରା, ଧ୍ରୁବ ସାହୁ ବିଲ ବିରୋଧରେ ବଳିଷ୍ଠ ଯୁକ୍ତି ବଢିଥିଲେ। ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ବିରୋଧୀଙ୍କୁ କଡା କାଉଣ୍ଟର କରିଥିଲେ। ଶାସକ ଦଳର ପ୍ରାୟ ସମସ୍ତ ମନ୍ତ୍ରୀ ଏବଂ ବିଧାୟକ ଉପସ୍ଥିତ ଥିଲେ। ବିଜେଡି ବିଧାୟକ ଅରୁଣ ସାହୁ ୩ ଘଣ୍ଟାରୁ ଅଧିକ ଏବଂ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦେଢ଼ ଘଣ୍ଟାରୁ ଅଧିକ, ଗଣେଶ୍ୱର ବେହେରା ଘଣ୍ଟାଏରୁ ଅଧିକ ସମୟ ଧରି ନିଜର ଯୁକ୍ତି ରଖିଥିଲେ। ଉଚ୍ଚ ଶିକ୍ଷା ମନ୍ତ୍ରୀ ସୁର୍ଯ୍ୟବଂଶୀ ସୂରଜ ମଧ୍ୟ ଘଣ୍ଟାଏରୁ ଅଧିକ ସମୟ ଧରି କାଉଣ୍ଟର କରିଥିଲେ। ସାଢେ ୧୨ ଘଣ୍ଟା ଧରି ବହୁ ଯୁକ୍ତି ତର୍କ ଏବଂ ଆଲୋଚନା ପରେ ବିଶ୍ୱବିଦ୍ୟାଳୟ ସଂଶୋଧିତ ବିଲ ୨୦୨୪ ପାରିତ ହୋଇଛି। ଭୋର ସମୟରେ ଓଡିଶା ପ୍ରତି ଶିକ୍ଷାର ସୂର୍ଯ୍ୟୋଦୟ ହେବ ବୋଲି କହିଥିଲେ ଉଚ୍ଚ ଶିକ୍ଷା ମନ୍ତ୍ରୀ।

## କଟକ ପ୍ରସିଦ୍ଧ ଦହିବରା ଆଳୁଦମ୍‌କୁ ଜିଆଇ ଟ୍ୟାଗ୍ ପାଇଁ ଆବେଦନ

**ଭୁବନେଶ୍ୱର :** କଟକର ପ୍ରସିଦ୍ଧ ଦହିବରା-ଆଳୁଦମ୍‌ର (ଜିଆଇ) ଭୌଗୋଳିକ ପରିଚୟ ଟ୍ୟାଗ୍ ପଞ୍ଜୀକରଣ ପାଇଁ ରାଜ୍ୟ ସରକାର ଆବେଦନ କରିଛନ୍ତି। ଏହା ଭୌଗୋଳିକ ଦ୍ରବ୍ୟ ସୂଚନା ସୁରକ୍ଷା ତଥା ପଞ୍ଜୀକରଣ ଅଧିନିୟମ ୧୯୯୯ର ବିଭାଗ ୧୧(୧) ଅନ୍ତର୍ଗତ ଆବେଦନ କରାଯାଇଥିବା ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଧାନସଭାରେ ସୂଚନା ପ୍ରଦାନ କରିଛନ୍ତି। ବିଧାୟକ ସୋଫିଆ ଫିର୍ଦୋସଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ସେ ଏହା କହିଛନ୍ତି। ଦହିବରା ଆଳୁଦମ୍ ବିକ୍ରୟରେ ସମ୍ପୃକ୍ତ ସ୍ଥାନୀୟ ବିକ୍ରେତାଙ୍କୁ ସମର୍ଥନ ଏବଂ ସେମାନଙ୍କୁ ଆବଶ୍ୟକ ଭିତ୍ତିଭୂମି ଏବଂ ସୁବିଧା ଯୋଗାଇବା ପାଇଁ ସରକାର ପାଣ୍ଠି ବଣ୍ଟନ କରିବାକୁ କି ଯୋଜନା କରୁଛନ୍ତି, ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ସରକାର ସ୍ଥାନୀୟ ବିକ୍ରେତାଙ୍କ ପାଇଁ ପର୍ଯ୍ୟଟନ ଏବଂ ଜୀବିକା ସୁଯୋଗ ବୃଦ୍ଧି ପାଇଁ ସମର୍ପିତ ଦହିବରା ଆଳୁଦମ୍ ଜୋନ୍ ପ୍ରତିଷ୍ଠା କରିବେ କି ବୋଲି ବିଧାୟିକା ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି, ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଜିଆଇ ଟ୍ୟାଗ୍ ପାଇଁ ସିଧାସଳଖ ଆବେଦନ କରାଯାଇ ପାରିବ ନାହିଁ। ମନ୍ତ୍ରଣାଳୟ ଆବେଦନ କରାଯାଇଥିବା ତଥ୍ୟକୁ ପ୍ରୋତ୍ସାହିତ କରିପାରିବେ। ଏନେଇ ମନ୍ତ୍ରଣାଳୟ ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି ବୋଲି ସେ କହିଛନ୍ତି।

### ସତ ଖୋଲିଲା ନୀତି ଆୟୋଗର ଏସ୍‌ଡିଜି ରିପୋର୍ଟ

# ନବୀନଙ୍କ ଶାସନରେ ଓଡ଼ିଶାର ସ୍ଥିତି ଥିଲା ଦୟନୀୟ


**ଭୁବନେଶ୍ୱର :** ଓଡିଶା ଦିବସରେ ରାଜ୍ୟର ବିକାଶକୁ ନେଇ ମୁହାଁମୁହିଁ ବିଜେଡି-ବିଜେପି। କିଏ କରିଛି ବିକାଶ ? ନବୀନ କହିଲେ, ୨୦୦୦ ରୁ ୨୦୨୪ ଥିଲା ଓଡିଶା ବିକାଶର ନୂଆ ଯୁଗ। ୨୪ ବର୍ଷର ସିଏମ୍ ଏବେକାର ବିରୋଧୀ ଦଳ ନେତାଙ୍କୁ କଡ଼ା ସମାଲୋଚନା କଲେ ପୃଥ୍ୱୀରାଜ। କହିଲେ, ନବୀନ ନିଜ ପିଠି ଥାପୁଡେଇବା ବନ୍ଦ କରନ୍ତୁ। କହିଲେ ୨୪ ବର୍ଷ ସରକାରରେ ଓଡ଼ିଶାକୁ କେତେ ବର୍ଷ ପଛକୁ ନେଇଛନ୍ତି ତାହା ଦେଖିଛନ୍ତି ଓଡ଼ିଶାବାସୀ। ୨୪ ବର୍ଷ ବିଜେଡି ସରକାରରେ କେତେ ବିକଶିତ ହୋଇଥିଲା ଓଡ଼ିଶା ? କେତେଦୂର ଲୋକଙ୍କ ପାଖରେ ପହଞ୍ଚି ପାରିଥିଲା ମୌଳିକ ସୁବିଧା ? ସବୁ ଅଞ୍ଚଳର ବିକାଶ ହୋଇଥିଲା ତ ? ଓଡ଼ିଶା ଦିବସରେ ରାଜ୍ୟର ବିକାଶକୁ ନେଇ ପୁଣି ଥରେ ଆରମ୍ଭ ହୋଇଛି ବିତର୍କ। ମୁହାଁମୁହିଁ ହୋଇଥିଲେ ବିଜେଡି ଓ ବିଜେପି। ଶଙ୍ଖ ଭବନରେ ବିଜେଡି ପକ୍ଷରୁ ଆୟୋଜିତ ଓଡ଼ିଶା ଦିବସ ପାଳନ ଅବସରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା କହିଛନ୍ତି ୨୦୦୦ ରୁ ୨୦୨୪ ଥିଲା ଓଡ଼ିଶା ବିକାଶର ନୂଆ ଯୁଗ। ଗତ ଚବିଶ ବର୍ଷ ମଧ୍ୟରେ କୃଷି, ପୁଞ୍ଜି ନିବେଶ, ଭିତ୍ତିଭୂମି, ଅର୍ଥନୀତି, କ୍ରୀଡ଼ା, ଶିକ୍ଷା, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ପରିଚାଳନା ସହିତ ବିକାଶର ବିଭିନ୍ନ ସୂଚକାଙ୍କରେ



ଓଡିଶା ଆଗରେ ଅଛି। ଗରିବୀ ୭୦ ପ୍ରତିଶତରୁ ୧୦ ପ୍ରତିଶତକୁ କମିଛି ଯାହାର କଡ଼ା ଜବାବ ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ନବୀନଙ୍କ ଶାସନରେ କେମିତି ଥିଲା ରାଜ୍ୟର ବିକାଶ, ତାହାର ସଦ୍ୟତମ ପ୍ରମାଣ ନୀତି ଆୟୋଗଙ୍କ ରିପୋର୍ଟ। ନୀତି ଆୟୋଗର ଏସ୍‌ଡିଜି ସୂଚକାଙ୍କ ୨୦୨୪ରେ ଓଡ଼ିଶାର ସ୍ଥିତି ଅତି ଦୟନୀୟ ରହିଛି। ରିପୋର୍ଟ କହୁଛି ନବୀନଙ୍କ ଶାସନରେ ଓଡ଼ିଶାକୁ ମିଳିଥିଲା ଦୁସ୍ଥ ଓ ପଛୁଆ ରାଜ୍ୟର ପରିଚୟ। ସାମଗ୍ରିକ ବିକାଶ ଲକ୍ଷ୍ୟ ହାସଲରେ ୨୮ଟି ରାଜ୍ୟ ମଧ୍ୟରୁ ଓଡ଼ିଶା ରହିଛି ୨୨ ତମ ସ୍ଥାନରେ। ତେବେ ଓଡ଼ିଶାର ସବୁଠୁ ଦୟନୀୟ ପ୍ରଦର୍ଶନ ଦେଖିବାକୁ ମିଳିଛି ଲିଙ୍ଗଗତ ବୈଷମ୍ୟ କ୍ଷେତ୍ରରେ। ୨୮ଟି ରାଜ୍ୟ ମଧ୍ୟରୁ ମାତ୍ର ୩୯ ପଏଣ୍ଟ ସହ ଶେଷରେ ରହିଛି ଓଡ଼ିଶା। ଉତ୍ତମ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ସ୍ଥାନ ସାରା ଦେଶରେ ୨୭। ସେହପରି ଶାନ୍ତି ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଓଡ଼ିଶା ତଳଆଡୁ ରହିଛି ଦ୍ୱିତୀୟ ସ୍ଥାନରେ। ଏହାଛଡ଼ା କ୍ଷୁଧାମୁକ୍ତ ସୂଚକାଙ୍କରେ ୪୫ ଅଙ୍କ ସହ ୨୪ ତମ ସ୍ଥାନରେ ଅଛି ଆମ ରାଜ୍ୟ। ଏସ୍‌ଡିଜି ଇଣ୍ଡେକ୍ସରେ ଶିଳ୍ପ ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶାର ରାଙ୍କ ରହିଛି ୨୨ ତମ ସ୍ଥାନରେ। ମୋହନ ସରକାରଙ୍କୁ ମିଳିଛି ଏକ ଦୁସ୍ଥ ଓ ପଛୁଆ ଓଡ଼ିଶା। ଏହି ସ୍ଥିତିରୁ ଓଡ଼ିଶାକୁ ବାହାର କରି ବିକାଶର ଧାରାରେ ଦୌଡ଼ାଇବା ଏବେ ବିଜେପି ସରକାର ପାଇଁ ବଡ଼ ଚ୍ୟାଲେଞ୍ଜ।

## ବିଶ୍ୱସ୍ତରରେ ରାଜ୍ୟକୁ ଅନନ୍ୟ ପରିଚୟ ଦେଇଛି ଓଡ଼ିଶା ହସ୍ତତନ୍ତ

**ଭୁବନେଶ୍ୱର :** ଯେମିତି ସମୃଦ୍ଧ ଆମର ରାଜ୍ୟର କଳା ସଂସ୍କୃତି ସେମିତି ପ୍ରସିଦ୍ଧ ଆମର ହସ୍ତତନ୍ତ। ଜାତୀୟ ତଥା ବିଶ୍ୱ ସ୍ତରରେ ରାଜ୍ୟକୁ ଅନନ୍ୟ ପରିଚୟ ଦେଇଛି ଓଡ଼ିଶାର ହସ୍ତତନ୍ତ। କୋଟପାଡ଼ ହ୍ୟାଣ୍ଡଲୁମ୍, ଗୋପାଳପୁର ଟସର, ହବସପୁରୀ, ବମକେଇ ଶାଢ଼ୀ, ଧଳାପଥର ପଥର, ଖଣ୍ଡୁଆ ଶାଢ଼ୀ, ବାନ୍ଧ ଶାଢ଼ୀକୁ ଏଥିପାଇଁ ତ ମିଳିଛି ଜିଆଇ ଟ୍ୟାଗ୍। ଦିନକୁ ଦିନ ବଢ଼ିଚାଲିଛି ଏସବୁ ହାତବୁଣା ବସ୍ତ୍ରର ଚାହିଦା। ଗୋଟିଏ ପଟେ ଅନନ୍ୟ ପରିଚୟ ଅନ୍ୟପଟେ ରାଜ୍ୟର ଅର୍ଥନୀତି ପାଇଁ ବୁଷ୍ଟର ଡୋଜ୍ ଭଳି କାମ କରୁଛି ଏସବୁ ହସ୍ତତନ୍ତ। ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ବରିଷ୍ଠ ରାଜନେତା ଓ ବିଶିଷ୍ଟ ବ୍ୟକ୍ତିମାନେ ଅନେକ ସମୟରେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ସାମଗ୍ରୀ ପରିଧାନ କରିବା ସହ ପ୍ରଚାର ପ୍ରସାର କରୁଥିବା ଦେଖିବାକୁ ମିଳେ। ଓଡ଼ିଶାର ହସ୍ତତନ୍ତକୁ ବିଶ୍ୱ ବଜାରରେ ଆହୁରି ପରିଚିତ କରାଇବାକୁ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି ରାଜ୍ୟର ବିଜେପି ସରକାର। ଓଡ଼ିଆ ପକ୍ଷରେ ପାରମ୍ପରିକ ପୋଷାକ ପରିଧାନ କରିବାକୁ ଆହ୍ୱାନ ଦିଆଯାଇଛି। ପ୍ରକୃତିର ଏକକୁ



ଆରେକ ପ୍ରାକୃତିକ ବିଭବ, ଅମାପ ଅମୂଲ୍ୟ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ରାଜ୍ୟରେ ରହିଛି ଅପାର ସୁଯୋଗ ଓ ସମ୍ଭାବନା। କିନ୍ତୁ ୨୪ ବର୍ଷ ଧରି ରାଜ୍ୟରେ ଶାସନ କରିଥିବା ବିଜେଡି ସରକାର ଅମଳରେ ରାଜ୍ୟର ଲକ୍ଷ ଲକ୍ଷ ହସ୍ତତନ୍ତ କାରିଗର ଅବହେଳିତ ଅବସ୍ଥାରେ ରହିଥିଲେ। ନା ସେମାନଙ୍କୁ ମିଳୁଥିଲା ସମ୍ମାନ ନା ଦିଆଯାଉଥିଲା ପ୍ରୋତ୍ସାହନ। ତେବେ ବିଜେପି ସରକାର ଆସିବା ଦିନଠାରୁ ବୁଣାକାର ଭାଇ ଭଉଣୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ସହ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପାଇଁ ଉପଯୁକ୍ତ ବଜାର ବ୍ୟବସ୍ଥା କରାଯାଉଛି। ହସ୍ତତନ୍ତ ପଛରେ ଆମେ ପାରମ୍ପରିକ ଶବ୍ଦ ବ୍ୟବହାର କରୁଥିବା ବେଳେ ସମୟ ସହ ତାଳ ଦେଇ ଓଡ଼ିଶାର ହ୍ୟାଣ୍ଡଲୁମ୍ ଏବେ ଫ୍ୟୁଜନ ଫର୍ମରେ ମାର୍କେଟକୁ ଆସିଛି। କେବଳ ଶାଢ଼ୀ, କୁର୍ତ୍ତାରେ ସୀମିତ ନରହି ଇଣ୍ଡୋ-ୱେଷ୍ଟର୍ଣ୍ଣ ଭଳି ଆଧୁନିକ ବସ୍ତ୍ର ଭୂଷଣରେ ହସ୍ତତନ୍ତର ଛିଟା ଦେଖିବାକୁ ମିଳୁଛି। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ୱାକାଥନ ଓ ମାରାଥନ ଜରିଆରେ ଏସବୁର ବ୍ୟାପକ ପ୍ରଚାର ପ୍ରସାର କରାଯାଉଛି। ଓଡ଼ିଶାର ପାରମ୍ପରିକ ପୋଷାକକୁ ବିଶ୍ୱ ବଜାରରେ ବ୍ୟାପକ ପ୍ରଚାର ପ୍ରସାର କରାଇବା ସହ ରାଜ୍ୟର ହସ୍ତଶିଳ୍ପ ଏବଂ କାରିଗରଙ୍କର ଅର୍ଥନୀତିକୁ ନୂଆ ଦିଶା ଦେଖାଇବାକୁ ସାରଥୀ ସାଜିଛନ୍ତି ରାଜ୍ୟ ସରକାର।

## ସଚିବ ଆସିବେ ବୋଲି ଶୌଚାଳୟରେ ଲୁଚାଇଲେ ୪୪ ଅଚଳ ଭେଣ୍ଟିଲେଟର

**କଟକ :** ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଶୌଚାଳୟରେ ଲୁଚାଇ ରଖାଯାଇଥିଲା ୪୪ ଅଚଳ ଭେଣ୍ଟିଲେଟର। ଏଥିପାଇଁ କର୍ମଚାରୀମାନେ ଶୌଚାଳୟ ଯିବାରେ ସମସ୍ୟା ଭୋଗିଥିଲେ। ମୁଖ୍ୟଶାସନ ସଚିବ ଓ ସ୍ୱାସ୍ଥ୍ୟ ସଚିବ ଏସ୍‌ସିବି ଗସ୍ତରେ ଆସିବା ପୂର୍ବରୁ ମେଡିସିନ୍ ବିଭାଗ ଆଇସିୟୁରେ ଥିବା ୪୪ଟି ଅଚଳ ଭେଣ୍ଟିଲେଟରକୁ ଶୌଚାଳୟ ଭିତରେ ଲୁଚାଇ ଦିଆଯିବା ଘଟଣା ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ପିଏମ୍ କେୟାର ଯୋଜନାରେ ଆସିଥିବା ଏହି ଭେଣ୍ଟିଲେଟର ଗୁଡ଼ିକ ଆସିବା ଦିନଠାରୁ ଠିକ୍‌ରେ କାମ କରୁ ନଥିବା କୁହାଯାଉଛି। ଭେଣ୍ଟିଲେଟର ଅଚଳ ସଂପର୍କରେ ବିଭାଗୀୟ ମୁଖ୍ୟମାନେ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ବହୁ ପୂର୍ବରୁ ସୂଚିତ କରାଇଥିଲେ ବି କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନଥିଲା। ଏସ୍‌ସିବିକୁ କୋଭିଡ୍ ସମୟରେ ଭାରତ ସରକାରଙ୍କ ପକ୍ଷରୁ ୫୦ରୁ ଅଧିକ ଭେଣ୍ଟିଲେଟର ଯୋଗାଇ ଦିଆଯାଇଥିଲା। ସେଥିରୁ ମେଡିସିନ୍ ବିଭାଗକୁ ୪୪ଟି ଭେଣ୍ଟିଲେଟର ଦିଆଯାଇଥିଲା। କିନ୍ତୁ ଆସିବା ଦିନରୁ ଏଥିରେ ତ୍ରୁଟି ପରିଲକ୍ଷିତ ହେଉଥିଲା। ଅଚଳ ହୋଇପଡ଼ିଥିବା ଭେଣ୍ଟିଲେଟର ଗୁଡ଼ିକୁ ସଜାଡ଼ିବା ପାଇଁ କେଟିପିଏଲ୍



ସଂସ୍ଥାକୁ ଦିଆଯାଇଥିଲା। ସଂପୃକ୍ତ ସଂସ୍ଥା ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ବାରମ୍ବାର ସଜାଡ଼ିଥିଲେ ବି କିଛି ମିନିଟ୍ ପାଇଁ ଚାଲିବା ପରେ ପୁଣି ଅଚଳ ହୋଇପଡୁଥିଲା। କୋଭିଡ୍ ହସ୍ପିଟାଲ ବନ୍ଦ ପରେ ସେହି ଭେଣ୍ଟିଲେଟର ଗୁଡ଼ିକ ୬ମାସରୁ ଅଧିକ ସମୟ ଧରି ଗଦା ହୋଇ ଗୋଟିଏ କୋଠାରୀରେ ପକାଇ ରଖାଗଲା। ଫଳରେ ସଂପୂର୍ଣ୍ଣ ଅଚଳ ହୋଇଗଲା। ଏ ସଂପର୍କରେ ଖବର ପ୍ରକାଶ ପାଇବା ପରେ ବିଧାନସଭାରେ ପ୍ରସଙ୍ଗ ଉଠିଥିଲା। ଏହାପରେ ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ସଚିବ ଏସ୍‌ସିବି ଆସିବେ ବୋଲି ଘୋଷଣା ହେବା ପରେ ଏହି ଅଚଳ ଭେଣ୍ଟିଲେଟର ଗୁଡ଼ିକୁ ତରବରିଆ ଭାବେ ଶୌଚାଳୟରେ ଲୁଚାଇ ଦିଆଯାଇଥିଲା। ଏ ସଂପର୍କରେ ଏସ୍‌ସିବି କୁଳସଚିବ କିଛି କହି ନଥିଲେ ବି ଜଣେ ବରିଷ୍ଠ ବିଶେଷଜ୍ଞ କିନ୍ତୁ ଏହାକୁ ସ୍ୱୀକାର କରିଛନ୍ତି।

# କୀଟନାଶକ ବଢ଼ାଉଛି କ୍ୟାନସର

**ଭୁବନେଶ୍ୱର :** ଜୈବିକ ଫସଲ ଓ ଫସଲରେ କୀଟନାଶକ ବ୍ୟବହାର ନେଇ ପ୍ରଶ୍ନକାଳରେ ଘମାଘୋଟ ବିତର୍କ ହୋଇଛି। ଫସଲରେ ଅଧିକ କୀଟନାଶକ ବ୍ୟବହାର ବ୍ୟବହାର କରାଯାଉଛି, ଜମିର ଗୁଣବତ୍ତା ନଷ୍ଟ ହେଉଛି ଏବଂ କ୍ୟାନ୍ସର ଭଳି ବ୍ୟାଧି ବ୍ୟାପୁଛି। ଅର୍ଗାନିକ ବା ଜୈବିକ ଚାଷ ପାଇଁ କଣ ବ୍ୟବସ୍ଥା କରାଯାଉଛି ବୋଲି ପ୍ରଶ୍ନ କରିଥିଲେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ଚାଷୀ ଅଧିକ ପରିମାଣରେ କୀଟନାଶକ ଏବଂ ରାସାୟନିକ ସାରର ବ୍ୟବହାର କାରଣରୁ ବଲାଙ୍ଗୀର ଏବଂ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ କର୍କଟ ରୋଗୀଙ୍କ ସଂଖ୍ୟା ବଢୁଛି ବୋଲି ଗୃହରେ ଉତ୍ତର ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଉ ଏଥିପାଇଁ ବଳଭଦ୍ର ଜୈବିକ ମିଶନକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଜୈବିକ ଚାଷ କ୍ଷେତ୍ରଫଳ ବୃଦ୍ଧି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ ଆପତ୍ତି ଉଠାଇ କହିଛନ୍ତି, ବାହାରୁ ବିହନ ଆସୁଛି। ହେଲେ ଏହା ଓଡ଼ିଶାର ଜଳବାୟୁ ପାଇଁ ଠିକ ନୁହେଁ। ଯେଉଁଥି ପାଇଁ ମୁଗ ଜାତୀୟ ଚାଷ ନଷ୍ଟ ହେଉଛି। ଏହାଦ୍ୱାରା କେବଳ ସରକାର କା ମାଲ ଦରିୟା ମେ ଡାଲ ପରି ହେଉଛି। ଏହାର ଉତ୍ତରରେ ଉପମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନ ମନ୍ତ୍ରୀ କହିଥିଲେ ଯେ ସବୁ ବ୍ୟବସ୍ଥିତ ହେବା ଯାଏଁ ଅପେକ୍ଷା କରିବାକୁ ପଡିବ। ଦେଶୀ ପ୍ରଣାଳୀ କାର୍ଯ୍ୟକାରୀ ହେବ। ଅଧିକ ଉତ୍ପାଦନକାରୀ ରାଜ୍ୟ ପଞ୍ଜାବର ମୃତ୍ତିକାର ମାନ ହ୍ରାସ ପାଉଛି। ଭବିଷ୍ୟତରେ କଣ ହେବ କେହି କହି ପାରିବେ ନାହିଁ। ହେଲେ ଓଡ଼ିଶାରେ ମାଟି ଉର୍ବର ରହିଛି



ବୋଲି ଭଲ ଚାଷର ସମ୍ଭାବନା ଥିବା ନେଇ ଗୃହକୁ ଅବଗତ କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେପଟେ ପଞ୍ଜାବ ହରିୟାଣାରେ ପାଞ୍ଚ ଏକର ଜମି ଥିବା ଚାଷୀ କୋଟିପତି ହେଉଛନ୍ତି। ଡାଲି ଜାତୀୟ ଚାଷରେ କମ ସାର ଏବଂ କୀଟନାଶକ ବ୍ୟବହାର କରି ଅଧିକ ଫସଲ ଅମଳ କରାଯାଇପାରିବ ବୋଲି ସରକାର କଣ ପଦକ୍ଷେପ ନେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ ବିଜେପି ବିଧାୟକ ସନାତନ ବିଜୁଳି। ପାଣିର ଅଭାବ ପାଇଁ ଖରିଫ ଫସଲ ପରେ ଚାଷ ଜମି ଗୁଡିକ ପଡିଆ ରହୁଛି। ପାଣି ବ୍ୟବସ୍ଥା ଥିବା ଜମି ଗୁଡିକରେ ଡାଲି ଜାତୀୟ ଫସଲ କରାଯାଉଛି। ଜଳ ସମ୍ପଦ ବିଭାଗ ସହିତ ମିଶି ବିଭିନ୍ନ ପଦ୍ଧତିରେ ଜଳସେଚନ ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। କୋଲଡ ଷ୍ଟୋରେଜ ପଲିସି ନୂଆ ରାସ୍ତା ଦେଖାଇବ। ହରିୟାଣା ଏବଂ ପଞ୍ଜାବ ତୁଳନାରେ ଆମ ଜମି ଉର୍ବର ଥିବାରୁ ଭବିଷ୍ୟତରେ ପନିପରିବା ଏବଂ ଡାଲି ଜାତୀୟ ଚାଷରେ ବଳକା ରାଜ୍ୟ ହେବାକୁ ଯାଉଛି ଉତ୍ତର ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

### ସିଏଜି ଖୋଲିଲେ ଗୁମର; ଲଘୁ ଖଣିଜ ସମ୍ପଦର ମନଇଚ୍ଛା ଲୁଟ୍

# ୮୬୪କୋଟି ଟଙ୍କାର ରାଜସ୍ୱ ବାଟମାରଣା

**ଭୁବନେଶ୍ୱର :** ବିଜେଡି ସରକାର ଶାସନରେ ରାଜ୍ୟରେ ମନଇଚ୍ଛା ଲଘୁ ଖଣିଜ ସମ୍ପଦ ଲୁଟ୍ ହୋଇଛି। ଲଘୁ ଖଣିଜ ସାମଗ୍ରୀକୁ ଲୁଟ୍ କରିବା ଓ ଚୋରି ରୋକିବା ପାଇଁ ସରକାରୀ କଳ କୌଣସି ପ୍ରକାରର ଯାଂଚ କିମ୍ବା ତଦାରଖ କରିବାକୁଂ ମଧ୍ୟ ଆଗ୍ରହ ଦେଖାଇନାହିଁ। ଖଣିଜ ସମ୍ପଦ ଲୁଟେରାଙ୍କ ପ୍ରଭାବ ଏତେ ଅଧିକ ଥିଲା ଯେ, ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଡଙ୍କାରୀ ପାହାଡ଼ରୁ କଳାପଥର ଲୁଟିଥିବା ଜଣେ ଲିଜଧାରୀଙ୍କଠୁ ୫୮.୬୩କୋଟି ଟଙ୍କାର ଜୋରିମାନା ଆଦାୟ କରାଯାଇପାରିନାହିଁ। ଏପରିକି ଅଧିକ କଳାପଥର ଚୋରି ଯୋଗୁ ୯୮.୩୦କୋଟି ଟଙ୍କାର ରାଜସ୍ୱ କ୍ଷତି ମଧ୍ୟ ହୋଇଛି। ଏସବୁ ବ୍ୟତୀତ ପ୍ରାଧିକୃତ ସଂସ୍ଥା ଦ୍ୱାରା ଲଘୁ ଖଣିଜ କ୍ରୟ ଟ୍ରାନଜିଟ୍ ପାସ୍ ନଦେବା ଯୋଗୁ ୨୦୧୫ରୁ ୨୦୨୨ ମସିହା ମଧ୍ୟରେ ମୋଟ ୮୬୪.୪୫କୋଟି ଟଙ୍କାର ଖଣିଜ ରାଜସ୍ୱ ବାଟମାରଣା ମଧ୍ୟ ହୋଇଛି। ବିଧାନସଭାରେ ସିଏଜିଙ୍କ ଦ୍ୱାରା ଉପସ୍ଥାପିତ ରିପୋର୍ଟରୁ ରାଜ୍ୟର ଲଘୁ ଖଣିଜ ସମ୍ପଦକୁ କିଭଳି ଲୁଟ୍ କରାଯାଇଛି ଓ କୋଟିକୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି ତା'ର ନଗ୍ନ ଚିତ୍ର ପଦାକୁ ଆସିଛି। ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ବର୍ଷ ପାଇଁ ପ୍ରସ୍ତୁତ ଏହି ଅଡିଟ୍ ରିପୋର୍ଟରେ ୨୦୧୫-୨୨ ମସିହା ମଧ୍ୟରେ ଲଘୁ ଖଣିଜରୁ ମୋଟ ୨୯.୬୮.୭୫କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଥିବାବେଳେ ଅନିୟମିତତା ଓ ଦୁର୍ବଳ ବ୍ୟବସ୍ଥା ତଥା ତଦାରଖ ଅଭାବରୁ ରାଜ୍ୟକୁ ଶହ ଶହ କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡ଼ିଛି। ୨୦୨୧ ଅଗଷ୍ଟରୁ ୨୦୨୨ ସେପ୍ଟେମ୍ବର ମାସ ମଧ୍ୟରେ କରାଯାଇଥିବା ଏହି ଅଡିଟରେ ୨୨ଟି ତହସିଲର ୫୨୦ଟି ଲଘୁ ଖଣିଜ ଉତ୍ସର ଯାଞ୍ଚ କରାଯାଇଥିଲା। ଏଥିରୁ ୧୪୭ଟି(୨୮.୨୭%) ଉତ୍ସ କାର୍ଯ୍ୟକ୍ଷମ ଥିବାବେଳେ ୩୭୩ଟି (୭୧.୭୩%) ଉତ୍ସ ଅଚଳ ରହିଥିଲା। ସିଏଜି ତାଙ୍କ ଅଡିଟ୍‌ରେ ଦର୍ଶାଇଛନ୍ତି ଯେ, ବିଡିଂ ପ୍ରକ୍ରିୟାରେ ତ୍ରୁଟି, ପରିବେଶ ମଞ୍ଜୁରୀରେ ବିଳମ୍ବ, ପୁରୁଣା ଦର ଲାଗୁ, ବକେୟା ଆଦାୟରେ ଅନାଗ୍ରହ, ଅବୈଧ ଖନନ, ଜଙ୍ଗଲ ଜମିରେ ଖନନ ସହ ଅତିରିକ୍ତ ଖନନ ଯୋଗୁ ବ୍ୟାପକ ରାଜସ୍ୱ କ୍ଷତି ହୋଇଛି।



ପ୍ରଥମେ ସର୍ବୋଚ୍ଚ ବିଡର ଅନିଚ୍ଛା ପ୍ରକାଶ କରିବା ପରେ ବିଡ଼ର ଚୂଡ଼ାନ୍ତ ଚୟନରେ ଅନିୟମିତତା ଯୋଗୁ ୬.୨୧କୋଟି ଟଙ୍କା ରାଜସ୍ୱ କ୍ଷତି। ଉଦାହରଣ ସ୍ୱରୂପ ଧର୍ମଶାଳା ତହସିଲ ଅନ୍ତର୍ଗତ ଜେନାପୁର ଓ ବୃନ୍ଦାଦେଇପୁରଠାରେ ବ୍ରାହ୍ମଣୀ ନଦୀର ବାଲି ନିଲାମୀ ପାଇଁ ସର୍ବୋଚ୍ଚ ବିଡର ନବଘନ ଜେନା ଓ ଦ୍ୱିତୀୟ ସର୍ବୋଚ୍ଚ ବିଡର ତାଙ୍କ ସମ୍ପର୍କୀୟ ଜୟନ୍ତ କୁମାର ଜେନା ରହିଥିଲେ। ଉଭୟ ଭିନ୍ନ ଭିନ୍ନ ଦରରେ ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିଲେ। କିନ୍ତୁ ସର୍ବୋଚ୍ଚ ବିଡର ନବଘନ ଜେନା ଉଦ୍ଦେଶ୍ୟମୂଳକ ଭାବେ ବ୍ୟକ୍ତିଗତ କାରଣ ଦର୍ଶାଇ ଏହି ଟେଣ୍ଡର ପ୍ରକ୍ରିୟାରୁ ଓହରିଗଲେ ଓ ପ୍ରଶାସନ ସବୁ ଜାଣି ମଧ୍ୟ ତାଙ୍କର ସମ୍ପର୍କୀୟଙ୍କୁ ଏହି ବାଲିଘାଟର ଟେଣ୍ଡର ଦେଲେ। ନିଲାମରେ ଚୂଡ଼ାନ୍ତ ଚୟନ ପରେ ସେଥିରୁ ଓହରିଯିବା ପାଇଁ କୌଣସି ଦଣ୍ଡ ଓ ଜୋରିମାନର ପ୍ରାବଧାନ ନଥିବା ଯୋଗୁ ଏଭଳି ଅନିୟମିତତା ହୋଇଛି। ଏଥିରେ ରାଜ୍ୟ ସରକାରଙ୍କୁ ମଧ୍ୟ ରାଜସ୍ୱ କ୍ଷତି ସହିବାକୁ ପଡ଼ିଲା। ଜଗତସିଂହପୁର, ଜଳେଶ୍ୱର ଓ ଗୁରୁଣ୍ଡିଆ ତହସିଲରେ ଲଘୁ ଖଣିଜ ଯୋଜନା ଅନୁମୋଦନ ପରେ ତୁରନ୍ତ ପରିବେଶ ମଞ୍ଜୁରୀ(ଇସି) ପାଇଁ ସମ୍ପୃକ୍ତ ତହସିଲଦାର ଆବେଦନ ନକରିବା ଯୋଗୁ ପ୍ରାୟ ୨୦.୧୦କୋଟି ଟଙ୍କା ରାଜସ୍ୱ କ୍ଷତି ସହିବାକୁ ପଡ଼ିଛି। ଲିଜ୍ ଚୁକ୍ତି ଓ ପରିବେଶ ମଞ୍ଜୁରୀ ବିନା ଖନନ ଯୋଗୁ ୪.୩୮କୋଟି ଟଙ୍କାର ଖଣିଜ ମୂଲ୍ୟ ଆଦାୟ ହୋଇପାରିନାହିଁ। କେନ୍ଦ୍ର ସରକାରଙ୍କ ଅନୁମୋଦନ ବିନା ଜଙ୍ଗଲ ଜମିରେ ଖନନ ଯୋଗୁ ୫୧.୬୯ କୋଟି ଟଙ୍କାର ଖଣିଜ ରାଜସ୍ୱ ରାଜ୍ୟ ସରକାର ହରାଇଛନ୍ତି। ଅନୁମୋଦିତ ଯୋଜନାଠାରୁ ଅଧିକ ଖନନ ଓ ତହସିଲଦାରଙ୍କ ଦ୍ୱାରା 'ୱାଇ' ଫର୍ମ ଯାଞ୍ଚ ନହେବା ଯୋଗୁ ୩୩.୫୦କୋଟି ଟଙ୍କାର ଖଣିଜ ରାଜସ୍ୱ ଆଦାୟ ହୋଇପାରିନାହିଁ। ଟ୍ରାନଜିଟ୍ ପାସ୍ ବିନା ଲଘୁ ଖଣିଜ ସାମଗ୍ରୀ କ୍ରୟ କ୍ଷେତ୍ରରେ କେବଳ ରୟାଲିଟି କାଟିବାର ବ୍ୟବସ୍ଥା ଯୋଗୁ ୮୬୪.୪୫ କୋଟି ଟଙ୍କା ରାଜସ୍ୱ କ୍ଷତି ହୋଇଛି। ଅନ୍ୟପଟେ ଓଡ଼ିଶା ଲଘୁ ଖଣି ନିୟମ-୨୦୧୬ ଅନୁସାରେ ସଂଶୋଧିତ ଦର ପରିବର୍ତ୍ତେ ପୁରୁଣା ଦର ଲାଗୁ କରିବା ଯୋଗୁ ୮.୪୦କୋଟି ଟଙ୍କା ରାଜସ୍ୱ କ୍ଷତି ହୋଇଛି।ସେହିପରି ବକେୟା ଆଦାୟରେ ଆନ୍ତରିକତା ନଦେଖାଇ ଯୋଗୁ ଲିଜଧାରୀଙ୍କଠୁ ୯୨.୧୮ଲକ୍ଷ ଟଙ୍କା ବକେୟା ଓ ସୁଧ ଆଦାୟ ହୋଇପାରିନାହିଁ। ଅଡିଟରେ ସ୍ପଷ୍ଟ ଭାବେ ସିଏଜି କହିଛନ୍ତି ଯେ, ଓଡ଼ିଶା ସ୍ପେସ୍ ଆପ୍ଲିକେସନ୍ ସେଣ୍ଟର ମାଧ୍ୟମରେ ସାଟେଲାଇଟ୍ ଆଧାରିତ ନିରୀକ୍ଷଣ ଗ୍ରହଣ କରାଯାଇ ନାହିଁ। ଖଣିଜ ସାମଗ୍ରୀ ଚୋରି ରୋକିବା ଓ ଅବୈଧ ଖନନ ବିରୋଧରେ ଯୋଜନାକୁ କାର୍ଯ୍ୟକାରିତା ମଧ୍ୟ ମନ୍ଥର ରହିଥିଲା। ନିୟମିତ ପରିଦର୍ଶନ ଓ ନିରୀକ୍ଷଣ ବ୍ୟବସ୍ଥା ମଧ୍ୟ ଦୁର୍ବଳ ଥିଲା, ଯାହାର ସୁଯୋଗ ନେଇ ମନଇଚ୍ଛା ଲଘୁ ଖଣିଜ ସମ୍ପଦ ଲୁଟ୍ ହୋଇଥିବା ଜଣାପଡ଼ିଛି।



କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା ।

ଏକମାତ୍ର

ଭୁବନେଶ୍ୱର, ୭ ଏପ୍ରିଲ - ୧୩ ଏପ୍ରିଲ, ୨୦୨୫

# ବିଜେଡି ଏବେ କରିବ କ'ଣ ?

ଅଭିନବ ଢଙ୍ଗରେ ଚାଲିଛି ବର୍ତ୍ତମାନ ବିଜୁ ଜନତା ଦଳ। ଏହାର ମୁଖିଆ ବା ବିଜେଡି ସୁପ୍ରିମୋ ସମ୍ପୂର୍ଣ୍ଣ ଫିଟ ରହି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଛନ୍ତି ବୋଧହୁଏ। କାରଣ ଭି କେ ପାଣ୍ଡିଆନଙ୍କ ନୂଆ ନିଯୁକ୍ତି ଚର୍ଚ୍ଚା ଏବଂ ସେ ନବୀନ ନିବାସ ଛାଡିବା ପ୍ରସଙ୍ଗ ସବୁଠି ଆଲୋଚନାର ବିଷୟ ପାଲଟିଛି। ଏହାରି ମଧ୍ୟରେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା ମଧ୍ୟ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। କେହି କେହି କହୁଛନ୍ତି, ଯେହେତୁ ପାଣ୍ଡିଆନ ବିଦେଶରେ ଚାକିରି କରିବେ ସୁଜାତା ମଧ୍ୟ ତାଙ୍କ ସହ ଲଣ୍ଡନ ପଳାଇବେ। ଏହି ଘଟଣାର ଚେର ଖୋଳୁଥିବା ଲୋକ କହୁଛନ୍ତି ଯେ, ସୁଜାତା ବିଜେଡି ସରକାର ବେଳେ ଅଖଣ୍ଡ କ୍ଷମତାର ଅଧିକାରୀ ରହିଥିଲେ। ଯେହେତୁ ଭିକେ ପାଣ୍ଡିଆନ ନବୀନ ଶାସନର ଚାବି ଭାବେ ଦଳ ଚଳାଉଥିଲେ ଏବଂ ନବୀନ ପଟ୍ଟନାୟକ ନାମକୁ ମାତ୍ର ମୁଖିଆ ରହିଥିଲେ। କିନ୍ତୁ ଯାହା ଶୁଣାଯାଉଛି ପାଣ୍ଡିଆନ ଦମ୍ପତି ବିଦେଶ ପଳାଇବା ଓ ନବୀନ ନିବାସ ଛାଡିବା ଖବର ଏକ ସୁଚିନ୍ତିତ ଯୋଜନା ବା ନୂଆ ରାଜନୀତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜେଡିର କିଛି ବରିଷ୍ଠ ନେତାଙ୍କୁ ଦାୟିତ୍ୱ ଦେଇଛନ୍ତି ଯେ, ବିଭିନ୍ନ ଜିଲ୍ଲାରୁ ଲୋକ ଆଣି ନବୀନ ନିବାସ ପହଞ୍ଚିବେ ଏବଂ ସେମାନେ ନବୀନ ବାବୁଙ୍କୁ ଅନୁରୋଧ କରିବେ ପାଣ୍ଡିଆନ ଦମ୍ପତି ଓଡିଶା ଛାଡିଲେ ବିଜେଡି ତଥା ଓଡ଼ିଶାର ଅପୂରଣୀୟ କ୍ଷତି ହୋଇଯିବ। ତେଣୁ ତାଙ୍କୁ ବିଜେଡିର ସମ୍ପୂର୍ଣ୍ଣ ଦାୟିତ୍ୱ ଦେଲେ ସେ ଦଳକୁ ଆହୁରି ମଜବୁତ କରିବେ ଏବଂ ନବୀନ ପୁଣିଥରେ ୨୦୨୯ ମସିହା ନିର୍ବାଚନ ଜିଣି ରାଇଜ ଶାସନ କରିବେ। ଏ କଥାରେ କେତେ ସତ୍ୟତା ରହିଛି ତାହା ଆଗାମୀ ସମୟ କହିବ। କିନ୍ତୁ ନବୀନ-ପାଣ୍ଡିଆନ ଦିଲ୍ଲୀ, ତାମିଲନାଡୁ ଗସ୍ତ ସମସ୍ତଙ୍କୁ ଚିନ୍ତାରେ ପକାଇଛି। ତାମିଲନାଡୁ ସିଏମ କାଳେ ପାଣ୍ଡିଆନ ବିଦେଶ ଯାଇ ଚାକିରୀ କରିବା ଘଟଣାରେ ହସ୍ତକ୍ଷେପ କରି ପାଣ୍ଡିଆନଙ୍କୁ ବୁଝାଇବେ ଯେ, ଆଉ ବିଦେଶ ନଯାଇ ବିଜେଡି ଦାୟିତ୍ୱ ନେଲେ ଇଣ୍ଡିଆ ମେଣ୍ଟ ଆହୁରି ମଜବୁତ ହେବା ସହିତ ଓଡିଶାରୁ ବିଜେପି ସରକାର ସହଜରେ ହଟି ପାରିବ। ସେ ଯାହା ବି ହେଉ ପାଣ୍ଡିଆନ ନବୀନଙ୍କୁ ଛାଡ଼ି ବିଦେଶ ଯିବା କଥାକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ନବୀନ ମଧ୍ୟ ବିନା ପାଣ୍ଡିଆନରେ କ୍ଷମତାକୁ ଫେରିବା ସହଜ ମନେ କରୁଥିଲେ ୨୦୨୪ ସାଧାରଣ ନିର୍ବାଚନ ପରାଜୟ ପରେ ପାଣ୍ଡିଆନଙ୍କୁ ନବୀନ ନିବାସରେ ରଖିଥାନ୍ତେ କି ବୋଲି ପ୍ରଶ୍ନ ହେବା ବିଚିତ୍ର ମଧ୍ୟ ନୁହେଁ। ପାଣ୍ଡିଆନ ମହୋଦୟ ବିଜେଡି ପାଇଁ ଏତେ ବଡ଼ ପଦବୀ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ବିଜେଡିର ପରାଜୟ ପରେ ରାଜନୀତିରୁ ସନ୍ୟାସ ନେବା କଥା ସିନା ମୁହଁରେ କହିଦେଲେ ହେଲେ ଆତ୍ମା କଣ ବିଜେଡିକୁ ଛାଡ଼ି ପାରିବ କି ? ଏଭଳି ଦ୍ୱନ୍ଦ୍ୱ ଭିତରେ ନିର୍ବାଚନ ପର ଠାରୁ ସାଧାରଣ ଜନତା ଏବଂ ବିଜେଡି ନେତା କର୍ମୀ ରହିଥିଲା ବେଳେ ରାଜ୍ୟର ବିଜେପି ସରକାର ମଧ୍ୟ ପାଣ୍ଡିଆନଙ୍କ ପ୍ରତି ଆଦୌ କଠୋର ଥିବା ମନେ ହେଉନାହିଁ। କେବଳ ଭିତିରି ସମ୍ପର୍କ ପଦାକୁ ଆସୁନି ସିନା କେଉଁଠିନା କେଉଁଠି ପାଣ୍ଡିଆନଙ୍କ ପ୍ରଭାବ ଆଜିର ସରକାର ଭିତରେ ଥିଲା ଭଳି ମନେହେଉଛି। କାରଣ ମଧ୍ୟ ଅନେକ। ଯେଉଁ କେତେକ ଅଣଓଡ଼ିଆ ଅଫିସର ବିଜେଡି ଶାସନରେ କ୍ଷମତାଶାଳୀ ଥିଲେ ଓ ସରକାର ତାଙ୍କ ନିୟନ୍ତ୍ରଣରେ ରହିଛି ବୋଲି ନିର୍ବାଚନ ପ୍ରଚାର ବେଳେ ବିଜେପି କହୁଥିଲା, ଆଜି ସେଭଳି କୌଣସି ଅଫିସର ଦଣ୍ଡିତ ହୋଇନାହାନ୍ତି ବରଂ ପଦୋନ୍ନତି ନେଇ ଦିଲ୍ଲୀ ଯାଇଛନ୍ତି। ତେଣୁ ରାଜ୍ୟ ବିଜେପି ଆଭିମୁଖ୍ୟ କଣ ତାହା



ତାରକ ମହାନ୍ତି

ସେତେବେଳେ ଲୋକ ବୁଝିଯାଇଥିଲେ। ନଚେତ ଏତେ ଏତେ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଥିବା ଅଫିସର ଦଣ୍ଡିତ ନହେବା ଆଶ୍ଚର୍ଯ୍ୟ ଲାଗୁନି କି ? କେନ୍ଦ୍ର ସହିତ ଏଭଳି ନେତାଙ୍କ ସମ୍ପର୍କ ନଥିଲେ ସେମାନେ ସୁରକ୍ଷା ପାଉଛନ୍ତି କିପରି ଏବଂ ତାଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେଲାନି କାହିଁକି ବୋଲି ଅନେକ ପ୍ରଶ୍ନ କରୁଛନ୍ତି। ତେଣୁ ରାଜନୀତିରେ ସବୁ ସମ୍ଭବ ପ୍ରସଙ୍ଗ ବି ସତ ହୋଇପାରେ। କ୍ଷମତାର ଲଡୁ ଏତେ ମଧୁର ଯେ, ଥରେ ଖାଇଲେ ତାହାକୁ କି ଭୁଲିହୁଏ ! ଏହି କ୍ଷମତା ପାଇଁ ଅଧିକ ପାଗଳ ନବୀନ ପଟ୍ଟନାୟକ ନିରବ ରହିପାରନ୍ତେ କି ! ତେଣୁ ସେ ଗୋପନରେ ଗୋଟି ଚାଳନା କରୁଥିବେ ନିଶ୍ଚୟ। କ୍ଷମତାକୁ ଫେରିବା ପାଇଁ ଯେକୌଣସି ବାଟ ଆପଣେଇ ପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଏହି ବାଟ କଣ ତାହା ଦ୍ୱନ୍ଦ୍ୱ ସୃଷ୍ଟି କଲେ ବି ବିନା ନବୀନରେ ପାଣ୍ଡିଆନ ଏବଂ ବିନା ପାଣ୍ଡିଆନରେ ନବୀନ ବିଜେଡିରେ କିଛି ଘଟିବ ନାହିଁ। ତେଣୁ ପାଣ୍ଡିଆନ ମାର୍କା ନେତା ପାଣ୍ଡିଆନଙ୍କୁ ସମର୍ଥନ କରିବେ ଏବଂ ନବୀନ ମାର୍କା ନେତା ନବୀନଙ୍କୁ ସମର୍ଥନ କଲେ ବିଜେଡିର ହିଁ ଲାଭ। ସେହି ଦିଗରେ ନବୀନ ଓ ପାଣ୍ଡିଆନ ରହିଥିବା ଆଲୋଚନା ହେଉଛି। ଯଦିଓ ଏହାର ଭିତିରି ସ୍ୱରୂପ କଣ ଏବଂ ଉଭୟ ନବୀନ - ପାଣ୍ଡିଆନଙ୍କ ଆଭିମୁଖ୍ୟ କଣ ତାହା ଗୋପନ ଦଲିଲ। ସେ ଯାହାବି ହେଉ ନବୀନ ନିବାସରେ ଏଭଳି କିଛି ଚକ୍ରାନ୍ତ ଚାଲିଛି ଯାହାର ଖବର ପଦାକୁ ଆସୁନାହିଁ। ବୋଧେ ନବୀନ କିଛି ନୂଆ ମାଷ୍ଟର ଷ୍ଟ୍ରୋକ ଦେଇ ବିଜେଡିକୁ ପୁଣି ଥରେ ସଶକ୍ତ କରିବାକୁ ଚାହୁଁଛନ୍ତି। ନେତୃତ୍ୱ ସହିତ ସଂଗଠନ ପରିବର୍ତ୍ତନ କିମ୍ବା ଦଳୀୟ ଦାୟିତ୍ୱ ଆଉ କାହା ହାତରେ ଦେଇ ନିଜେ ଆଶ୍ୱସ୍ତି ଲାଭ କରିବା ଚିନ୍ତା କରୁଛନ୍ତି। ନତୁବା ସେହି ପାଣ୍ଡିଆନ ଏବଂ ସୁଜାତାଙ୍କୁ ଦଳପତି କରିପାରନ୍ତି ବୋଲି ମଧ୍ୟ ସମ୍ଭାବନା ସୃଷ୍ଟି ହେଲାଣି। ବିଶେଷ ସୂତ୍ର ଖବର ଅନୁସାରେ ପାଣ୍ଡିଆନ ଦମ୍ପତି ହିଁ ଆଗକୁ ବିଜେଡିର ମଙ୍ଗ ଧରିବେ। ଆଗରୁ ଯାହା ଆଶଙ୍କା କରାଯାଉଥିଲା ବିଜେଡିରେ ତାହା ବୋଧେ ଘଟିବାକୁ ଯାଉଛି। ନବୀନ ବାବୁ ହୁଏତ ଓଡ଼ିଆ ଅସ୍ମିତା ଯୋଗୁଁ ନିର୍ବାଚନରେ ପରାଜୟ କଥାଟିକୁ ଅନୁଭବ କରି ସାଙ୍ଗଠନିକ ସ୍ତରରେ କିଛି ବଡ଼ ନିଷ୍ପତ୍ତି ନେଇପାରନ୍ତି। ମହିଳାଙ୍କୁ ଅଗ୍ରାଧିକାର ଦେଇଆସିଥିବା ବିଜେଡି ସୁପ୍ରିମୋ ହୁଏତ ସୁଜାତାଙ୍କୁ ଦଳରେ ସାମିଲ କରି କିଛି ବଡ଼ ପଦବୀ ଦେଇପାରନ୍ତି ବୋଲି ମଧ୍ୟ ଆକଳନ କରାଯାଉଛି। ପ୍ରଚ୍ଛଦପଟରେ ରହି ପାଣ୍ଡିଆନ ସବୁ କରିବେ ଓ ସୁଜାତା ଓଡ଼ିଆ ଅସ୍ମିତାର ମଙ୍ଗୁଆଳ ସାଜିବେ। କାରଣ ଅତୀତରେ ନବୀନ ବାବୁ ଏଭଳି କିଛି ନୂଆ ଫର୍ମୁଲାର ବ୍ୟବହାର କରି ସଫଳତା ପାଇଛନ୍ତି। ସେହି ଆଧାରରେ ଓଡ଼ିଆ ଲୋକଙ୍କ ଆଗରେ ନୂଆ କିଛି କରି ପୁରୁଣା ଭାବମୂର୍ତ୍ତି ଫେରାଇ ଆଣିବାକୁ ଉଦ୍ୟମ ହୋଇପାରେ। ଏବେ ନବୀନ ନିବାସରେ ଘନ ଘନ ମିଟିଂ ଏଭଳି କିଛି ଇଶାରା ଦେଉଛି। ଉଭୟ ପାଣ୍ଡିଆନ ଦମ୍ପତି ଏବେ ସରକାରୀ ଦାୟିତ୍ୱରୁ ମୁକ୍ତ ହୋଇସାରିଛନ୍ତି। ତାଙ୍କ ପାଇଁ ରାଜନୀତି କରିବାରେ କିଛି ପ୍ରତିବନ୍ଧକ ନାହିଁ। ହେଲେ ବିଜେଡି ୱାକଫ ବିଲ୍ ଭୋଟକୁ ନେଇ ଅଡୁଆରେ ପଡିଛି। ଆଗରୁ ଏହି ବିଲ୍‌କୁ ବିରୋଧ କରିବେ ବୋଲି କହୁଥିବା ବିଜେଡି ଶେଷରେ ବିବେକ କଥା କହି ନିଜ ମୁଣ୍ଡରୁ ଦୋଷ ହଟାଉଛି। ବିଜେଡିର ଆଭିମୁଖ୍ୟ ଏଭଳି ଯେ, ପୁଳାପୁଳା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଗୋଟିଏ ମହଲ କହିଲେଣି ଯେ, ନିଷ୍ପତ୍ତି ନେବାରେ ବିଜେଡି ନେତୃତ୍ୱ ସମ୍ପୂର୍ଣ୍ଣ ଅକ୍ଷମ, ତାହା ୱାକଫ ବିଲ୍ ଭୋଟ ଘଟଣାରୁ ଜଣାପଡିଛି। ଲୋକସଭାରେ ମୂଳପୋଛ ହୋଇଯାଇଥିବା ତଥା ଜାତୀୟ ରାଜନୀତିରେ ଅପ୍ରାସଙ୍ଗିକ ବିଜେଡି ଏବେ କରିବ କ'ଣ ?

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମୋଦିଙ୍କ ଦାକ୍ଷିଣାତ୍ୟ ଅଭିଯାନ



ସୌମେନ୍ଦ୍ର ଜେନା

ଦିଲ୍ଲୀ ପ୍ରଦେଶର ନିର୍ବାଚନ ସରିଗଲା ପରେ ଏବେ ମୋଦିଙ୍କ ଲକ୍ଷ୍ୟ ଦାକ୍ଷିଣାତ୍ୟ ଦିଗରେ ରହିଛି । ଦକ୍ଷିଣ ଭାରତର କେରଳ, ତାମିଲନାଡୁ ଓ କର୍ଣ୍ଣାଟକ ପ୍ରଦେଶ ମଧ୍ୟରୁ କର୍ଣ୍ଣାଟକ ଓ କେରଳରେ ବିଜେପିର ଉପସ୍ଥିତି ସଂସଦରେ ରହିଥିବା ସ୍ଥଳେ କେବଳ ଗୋଟିଏ ପ୍ରଦେଶ ତାମିଲନାଡୁ ବିଜେପି ପାଇଁ କଷ୍ଟକର ସ୍ଥିତିରେ ନାହିଁ , ପ୍ରଚଣ୍ଡ ବିରୋଧୀ ସ୍ଥିତିରେ ରହିଛି । ବର୍ତ୍ତମାନର ଶାସକଦଳ ଡିଏମ୍‌କେ ରାଜ୍ୟରେ ବିଜେପିର ପ୍ରଭାବ ଆଗାମୀ ଦିନରେ ବଢିବାର ସମ୍ଭାବନା ଲକ୍ଷ୍ୟ କରି ଏବେଠୁ ହିନ୍ଦୀ ବନାମ ତାମିଲ, ଉତ୍ତର ବନାମ ଦକ୍ଷିଣ, ଆର୍ଯ୍ୟ ବନାମ ଦ୍ରାବିଡ ସଂଘର୍ଷକୁ ଓହ୍ଲାଇଛି । ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଏବଂ ତାଙ୍କ ପୁତ୍ର ଉଦୟନିଧି ଉଭୟେ ହିନ୍ଦୁଧର୍ମ, ସନାତନ ବିଚାର, ଭାରତୀୟ ସଂସ୍କୃତିକୁ ଆଘାତ କଲାପରି ବିଷୟକୁ ବିରୋଧ କରି ଆସୁଛନ୍ତି । ଏହା ଯେ ଆକସ୍ମିକ ତା ନୁହେଁ । ଟଙ୍କାରୁ ହିନ୍ଦୀ ଲିପିକୁ ହଟାଇବା ଦାବି, ନୂତନ ଶିକ୍ଷାନୀତିକୁ ବିରୋଧ, ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣକୁ କେନ୍ଦ୍ରକରି ବାରମ୍ବାର ବିବାଦୀୟ ବୟାନବାଜୀ ଦୃଷ୍ଟିକୁ ଆସିବା ରାଜ୍ୟ ଶାସକଦଳର ହତାଶାର ପରିଣାମ । ଆସନ୍ତା ବର୍ଷ ୨୦୨୬ରେ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଥିବା ହେତୁ ଡିଏମ୍‌କେ ଦଳ ପାଇଁ ଚିନ୍ତା ବଢିଛି ।

ତାମିଲନାଡୁର ରାଜନୀତି ୧୯୬୭ପରଠାରୁ ଆଞ୍ଚଳିକଦଳର ହାତରେ ରହିଆସିଛି । କେବେ ଡିଏମ୍‌କେ,କେବେ ଅନ୍ନାଡିଏମକେ ମଧ୍ୟରେ କ୍ଷମତାର ଅଦଳ ବଦଳ ହୋଇଆସିଛି । ଏଆଇଡିଏମ୍‌କେ ନେତ୍ରୀ ଜୟଲଳିତାଙ୍କ ମୃତ୍ୟୁ ପରେ ଦଳୀୟ କନ୍ଦଳ ଯୋଗୁ ଏଆଇଡିଏମ୍‌କେ ଦଳ ବିଭାଜିତ ହୋଇଛି । ଗତ ବିଧାନସଭା ନିର୍ବାଚନ ପୂର୍ବରୁ ଏଆଇଡିଏମକେ ନେତୃବୃନ୍ଦଙ୍କ ମଧ୍ୟରେ ଏକତା ଆଣି ମିଳିମିଶି ଲଢିବା ପାଇଁ ମୋଦି ଯେଉଁ ପ୍ରୟାସ କରିଥିଲେ ତାହା ବିଭାଜିତ ଦୁଇଦଳର ନେତାମାନଙ୍କ ଅହଂକାର ପାଇଁ ସଫଳ ହୋଇନଥିଲା । ଫଳରେ ଜନତା ବିଭକ୍ତ ବିରୋଧୀଙ୍କ ସପକ୍ଷରେ ଯିବାକୁ ଋହିଁଲେ ନାହିଁ । କିନ୍ତୁ ତାମିଲନାଡୁର ରାଜ୍ୟ ବିଜେପି ନେତା ଅନ୍ନାମଲାଇଙ୍କ କଠୋର ଉଦ୍ୟମ ଯୋଗୁ ଚେନ୍ନାଇ, କୋଏମ୍ବାଟୁର ସମେତ ରାଜ୍ୟର କେତେକ ଲୋକସଭା ଆସନରେ ଦଳ ନିଜ ସପକ୍ଷରେ ସମର୍ଥନ ବୃଦ୍ଧି କରିବାକୁ ସକ୍ଷମ ହୋଇଥିଲା । ଦଳ ସପକ୍ଷରେ ୧୧ପ୍ରତିଶତ ଲୋକେ ଭୋଟ ଦେଇଥିଲେ । ଚେନ୍ନାଇ ସହର ଏବଂ ନିକଟବର୍ତ୍ତୀ ଅଞ୍ଚଳ ଲୋକସଭା ଏବଂ ୨୨ଟି ବିଧାନସଭା ଅଞ୍ଚଳରେ ଦଳ ୨୦ ପ୍ରତିଶତ ମତ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ।

ତାମିଲନାଡୁର ରାଜନୀତିକୁ ଦେଖିଲେ ୧୯୫୭ରେ ଚେନ୍ନାଇ ମ୍ୟୁନିସପାଲ ନିର୍ବାଚନରେ ଡିଏମ୍‌କେ ପ୍ରଥମଥର ପାଇଁ ବିଜୟ ଲାଭକରି ୧୯୬୭ରେ ବିଧାନସଭାରେ ବିଜୟୀ ହୋଇଥିଲା । ଚେନ୍ନାଇର ଶିକ୍ଷିତବର୍ଗଙ୍କ ସଂପର୍କର ପ୍ରଭାବ ରାଜ୍ୟର ଅନ୍ୟାନ୍ୟ ଆସନ ଉପରେ ପଡିଥାଏ । ଯେଉଁ ଦଳ ଚେନ୍ନାଇ ସହରକୁ ଦଖଲ କରେ ପରବର୍ତ୍ତୀ କାଳରେ ବିଧାନସଭା ନିର୍ବାଚନରେ ମଧ୍ୟ ବିଜୟୀ ହୋଇଥାଏ । ସେ ଦୃଷ୍ଟିରୁ ଦେଖିଲେ ବିଜେପି ଚେନ୍ନାଇ ସହର ଭିତରେ ନିଜ ସ୍ଥିତିକୁ ମଜଭୁତ କରୁଥିବାରୁ ଷ୍ଟାଲିନ ଓ ଉଦୟନିଧିଙ୍କ ଚିନ୍ତା ବୃଦ୍ଧି ପାଇଛି । ତାମିଲନାଡୁ ମନ୍ତ୍ରୀ ମୁରୁଗାନ ହିନ୍ଦୀକୁ ଗାଳିଦେବାକୁ ଭୁଲିନାହାନ୍ତି । ସେମିତି ଅଭିନେତା ବିଜୟ ମଧ୍ୟ ନିଜେ ସିବିଏସ୍‌ଇ ସ୍କୁଲ ଚଳାଉଥିଲା ବେଳେ ନିଜ ପିଲାମାନଙ୍କୁ ତ୍ରିଭାଷୀ ବ୍ୟବସ୍ଥା ଥିବା ସିବିଏସ୍‌ଇ ସ୍କୁଲରେ ପଢାଉଥିଲା ସମୟରେ ହିନ୍ଦୀକୁ ବିରୋଧ କରୁଛନ୍ତି ନିଜେ ରାଜନୈତିକ ଅସ୍ତିତ୍ୱପାଇଁ ।

ସ୍ୱାଧୀନତା ପରେ କୃଷ୍ଣମେନନ ଦକ୍ଷିଣ ରାଜ୍ୟ (କେରଳ +ତାମିଲନାଡୁ) ଗଠନ ପାଇଁ ଯୁକ୍ତ ବାଢିଥିଲେ । ସେ ମାଡ୍ରାସ ପ୍ରେସିଡେନ୍‌ସୀର ବିଭାଜନ କରିବାକୁ ଋହୁଁନଥିଲେ । କିନ୍ତୁ ପ୍ରତିରକ୍ଷା ମନ୍ତ୍ରୀ ଥିଲା ବେଳେ କୃଷ୍ଣମେନନ୍ ଚୀନ ବିପକ୍ଷ ଯୁଦ୍ଧରେ ଯେପରି ମୌନରହି ସଙ୍କଟ ବୃଦ୍ଧିର କାରଣ ହୋଇଥିଲେ, ସେମିତି ତାମିଲନାଡୁର ସଂକୀର୍ଣ୍ଣ ରାଜନୀତି ଦେଖି ଅଧିକ କିଛି କରିପାରି ନଥିଲେ । ଅଥଚ ମାଡ୍ରାସ ପ୍ରେସିଡେନ୍‌ସୀରେ ଥିବା କେରଳରେ ହିନ୍ଦୀର ବିରୋଧ ନଥିଲା । ଏବେ ବି କେରଳର ପ୍ରାଥମିକ ବିଦ୍ୟାଳୟରେ ଏବଂ ତିରୁଅନନ୍ତପୁରମ୍‌ଠାରେ ହିନ୍ଦୀ ସପକ୍ଷରେ ପ୍ରସ୍ତାବ ଗୃହୀତ ହୋଇଥିଲା । ହିନ୍ଦୀକୁ ରାଷ୍ଟ୍ରଭାଷା କରାଯିବା ସପକ୍ଷରେ କେରଳ ରହିଥିଲା । ଏପରିକି ଏକଦା ଇଣ୍ଡିଆନ ମୁସଲିମ ଲିଗର ଲୋକେ ହିନ୍ଦୀ ସପକ୍ଷରେ ପ୍ରସ୍ତାବ ଆଣିଥିଲେ । ୧୯୬୬ରେ କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ଜଣେ କେରଳୀ ବ୍ୟକ୍ତି ହୋଇଥିଲେ । କେରଳରେ ହିନ୍ଦୀର ବ୍ୟାପକ ପ୍ରଋର ଦୃଷ୍ଟିରୁ ସେଠାକାର ଲୋକେ ବାହାରେ ଋକିରୀ ପାଇବା ଏବଂ କଥାବାର୍ତ୍ତା ପାଇଁ ହିନ୍ଦୀକୁ ବ୍ୟବହାର କରିବା ସହଜ ହେବାଯୋଗୁ ଏବେ ଆରବଜଗତରେ ସଂଖ୍ୟାଧିକ କେରଳୀ ଶ୍ରମିକ କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି । କେରଳରେ ଆଦୌ ହିନ୍ଦୀ ଭାଷାକୁ ବିରୋଧ କରି ଆନ୍ଦୋଳନ ହୋଇନଥିଲା ଅଥଚ କେରଳ ସହ ମାଡ୍ରାସ ପ୍ରେସିଡେନ୍‌ସୀ ମଧ୍ୟରେ ରହିଥିବା ତାମିଲନାଡୁରେ ଇଭି ରାମସ୍ୱାମୀ ଉଭୟ ସଂସ୍କୃତ ଏବଂ ହିନ୍ଦୀକୁ ବିରୋଧ କରୁଥିଲେ । ୧୯୬୫ ସୁଦ୍ଧା ହିନ୍ଦୀକୁ କାର୍ଯ୍ୟକାରୀ ଭାଷାରେ ପରିଣତ କରିବାଲାଗି ଉଦ୍ୟମ ହେବା ସମୟରେ ଡିଏମ୍‌କେ ଦଳ ପକ୍ଷରୁ ହିନ୍ଦୀର ପ୍ରଚଳନ ସାଂସ୍କୃତିକ ସାମ୍ରାଜବାଦ ବୋଲି କହି ସମାଲୋଚନା କରାଗଲା । ତାମିଲନାଡୁରେ ଉର୍ଦ୍ଦୁ ଏବଂ ଇଂରାଜୀ ଭାଷାର ଶିକ୍ଷା ପାଇଁ ବିରୋଧ ନଥିବା ବେଳେ ହିନ୍ଦୀକୁ ପ୍ରାଦେଶିକତା ବିଋରର ପ୍ରସାର ଦୃଷ୍ଟିରୁ କରାଗଲା । ଶ୍ରୀଲଙ୍କାରେ ତାମିଲ ସମସ୍ୟାବେଳେ ଏ ପ୍ରକାର ବିଋର ଅତି ଚରମସୀମାରେ ପହଞ୍ଚିଥିଲା । ତାମିଲନାଡୁରେ ସନ୍ତ୍ରାସବାଦ ମୁଣ୍ଡ ଟେକିବା ସହ ତାମିଲ ରାଷ୍ଟ୍ରବାଦ କଥା କୁହାଗଲା । ଏପରିକି ଶ୍ରୀଲଙ୍କା ଏବଂ ତାମିଲନାଡୁକୁ ମିଶାଇ ବୃହତ ତାମିଲରାଷ୍ଟ୍ର ନିର୍ମାଣ ପାଇଁ ସ୍ଲୋଗାନ ମଧ୍ୟ ଶୁଣାଗଲା ।

ଏକଥା ସତ ଯେ ତାମିଲନାଡୁର ଦୁଇ ପ୍ରମୁଖ ଦଳ ଡିଏମ୍‌କେ ଏବଂ ଅନ୍ନାଡିଏମ୍‌କେ କେନ୍ଦ୍ର ସରକାରଙ୍କୁ କୌଶଳଭିତ୍ତିକ ସମର୍ଥନ ପ୍ରଦାନ କରିଥିଲେ । କେବେ କଂଗ୍ରେସ, କେବେ ଜନତାଦଳ ଆଉ କେବେ ବିଜେପି ସହ ମନ୍ତ୍ରିମଣ୍ଡଳରେ ରହି ରାଜ୍ୟପାଇଁ ଅଧିକ ସୁବିଧା ମଧ୍ୟ ନେଇଥିଲେ । କିନ୍ତୁ ନିଜ ସ୍ଥିତି ପାଇଁ ରାଜ୍ୟରେ ହିନ୍ଦୀକୁ ବିରୋଧ କରିଥିଲେ । ଏହା ପଛରେ ଦକ୍ଷିଣର ମିସନାରୀଗୋଷ୍ଠୀଙ୍କ ପ୍ରୋତ୍ସାହନ ରହିଥିଲା । ଧର୍ମାନ୍ତରଣ ପାଇଁ ମିଶନାରୀ ଗୋଷ୍ଠୀ ମୂଳରୁ ବ୍ରିଟେନର ଯୋଜନାକୁ କାର୍ଯ୍ୟକାରୀ କରିଆସିଛନ୍ତି । କେଉଁଠି ଭାଷାକୁ, କେଉଁଠି ଜାତିକୁ, କେଉଁଠି ପରମ୍ପରାକୁ, କେଉଁଠି ଅଞ୍ଚଳକୁ ଅସ୍ତ୍ର କରି ସେମାନେ ବିଭାଜନ ଆଣିଛନ୍ତି । ଉତ୍ତର ପୂର୍ବାଞ୍ଚଳର ଭାରତ ଏହାର ସ୍ପଷ୍ଟ ପ୍ରମାଣ । ଯେଉଁ କାରଣରୁ ଷ୍ଟାଲିନଙ୍କ ପରିବାର ସନାତନ ବିରୋଧୀ ମନ୍ତବ୍ୟ ଦେବାକୁ ପଛାଉନାହାନ୍ତି । ଦକ୍ଷିଣ ଭାରତର ବିଭାଜନ କଥା କହି ସେ ଏବେ ଗୋଟିଏ ପରେ ଗୋଟିଏ ବ୍ୟବସ୍ଥାକୁ ବିରୋଧ କରିବାରେ ଲାଗିଛନ୍ତି । ଜନସଂଖ୍ୟା ଅନୁସାରେ ନିର୍ବାଚନମଣ୍ଡଳୀ ଗଠନ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲାବେଳେ ତାମିଲନାଡୁ ସରକାର ଆଗାମୀ ବର୍ଷଗୁଡିକ ପାଇଁ ମଧ୍ୟ ଏହି ପ୍ରକ୍ରିୟାକୁ ବନ୍ଦ କରିବାକୁ ଋହୁଁଛନ୍ତି ।

ଉତ୍ତର ଭାରତ ପରେ ଏବେ ମୋଦି ଦକ୍ଷିଣ ଭାରତରେ ନିଜ କାର୍ଯ୍ୟକ୍ରମକୁ ବୃଦ୍ଧି କରିବାକୁ ପ୍ରୟାସ କରିଋଲିଛନ୍ତି । ପାର୍ଲିଆମେଣ୍ଟ ଭବନ ନିର୍ମାଣଠାରୁ ଆରମ୍ଭ କରି କାଶୀ ଓ ଅଯୋଧ୍ୟା ସହ ତାମିଲବାସୀଙ୍କୁ ଯୋଡିବା ପାଇଁ ଉଦ୍ୟମ କରିଛନ୍ତି । ଏସବୁର ପ୍ରଭାବ ମଧ୍ୟ ଦକ୍ଷିଣରେ ନପଡୁଛି ତା ନୁହେଁ । ତେଣୁ ଭାଷାକୁ କେନ୍ଦ୍ରକରି ହେଉଥିବା ବିରୋଧ ଯେ କେବଳ ରାଜନୈତିକ ବିଷୟ ତାହା ସମସ୍ତେ ବୁଝିପାରୁଛନ୍ତି । ତାମିଲବାସୀଙ୍କୁ ଦୀର୍ଘ ପଋଶ ବର୍ଷରୁ ଅଧିକ କାଳ ଧରି ହିନ୍ଦୀ ବିରୋଧୀ ଓ ଉତ୍ତର-ଭାରତର ବିରୋଧୀ କରି ଛିଡା କରିବା ପାଇଁ ଯେଉଁ ପ୍ରୟାସ ଆଞ୍ଚଳିକ ଦଳଗୁଡିକ କରି ଆସିଛନ୍ତି ତାକୁ ସାମ୍ନା କରିବାକୁ ମୋଦି ସନାତନ ଧର୍ମକୁ ଅସ୍ତ୍ର କରିଛନ୍ତି । ମଠ-ମନ୍ଦିର, ପର୍ବପର୍ବାଣୀ, ହସ୍ତଶିଳ୍ପ, ପ୍ରାଚୀନ ଗ୍ରନ୍ଥ, ମହାତ୍ମାମାନଙ୍କୁ ଆଧାର କରି ଋଲିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ଅଭିଯାନ ତାମିଲନାଡୁର ବିଷାକ୍ତ ପ୍ରଋରକୁ ପ୍ରତିହତ କରିପାରିବ ବୋଲି ସେ ଆଶା ରଖିଛନ୍ତି । କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଏସ୍.ଜୟଶଙ୍କର ଏବଂ ନିର୍ମଳା ସୀତାରମଣଙ୍କ ପରି ଦୁଇ ତାମିଲମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଛନ୍ତି,ଯଦିଓ ତାମିଲନାଡୁର ଜଣେ ହେଲେ ବି ସାଂସଦ ନିର୍ବାଚନରେ ବିଜେପି ଦଳ ପକ୍ଷରୁ ବିଜୟୀ ହୋଇନାହାନ୍ତି । ଯୋଗ୍ୟତା ଏବଂ ଆଞ୍ଚଳିକ ଗୁରୁତ୍ୱକୁ ମୋଦି ଛୋଟ ହେବାକୁ ଦେଇନାହାନ୍ତି । ନିଜ ମନ୍ତ୍ରିମଣ୍ଡଳର ତାମିଲ ସଦସ୍ୟ ସଦସ୍ୟାଙ୍କୁ ଅନ୍ୟ ରାଜ୍ୟରୁ ରାଜ୍ୟସଭାକୁ ଆଣି ମନ୍ତ୍ରୀତ୍ୱ ପ୍ରଦାନ କରିଛନ୍ତି ।

ଏବେ କିନ୍ତୁ ମୋଦିଙ୍କୁ ବିରୋଧ କରିବାକୁ ନୂଆ ନୂଆ ପେଖାନା ବାହାର କରୁଛନ୍ତି ଷ୍ଟାଲିନ । ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ କିମ୍ବା ବିଦ୍ୟାଳୟରେ ହିନ୍ଦୀ ଭାଷା ଶିକ୍ଷାକୁ ହେଉଥିବା ବିରୋଧ ମଧ୍ୟରେ ସୀମିତ ନରହି କେନ୍ଦ୍ର-ରାଜ୍ୟ ସଂପର୍କକୁ ମଧ୍ୟ ଅସ୍ତ୍ର କରିବେ ବୋଲି ଘୋଷଣା କରିଛନ୍ତି । କହିବାକୁଗଲେ ଏତିକିରେ ଷ୍ଟାଲିନ ସୀମିତ ନରହି ତାମିଲସ୍ଥାନ ଗଠନ ଆଡକୁ ଯାଉଛନ୍ତି ବୋଲି ସମୀକ୍ଷକମାନେ କହୁଛନ୍ତି । କାରଣ ଏ ପ୍ରକାର ବିଚ୍ଛିନ୍ନତାବାଦୀ ବିଋର ତାମିଲନାଡୁର ରାଜନେତାଙ୍କ ପାଇଁ କିଛି ନୂଆ ନୁହେଁ । ଏପରିକି ଅତୀତରେ ରାଜ୍ୟନେତାମାନଙ୍କ ପ୍ରୋତ୍ସାହନ କ୍ରମେ ଶ୍ରୀଲଙ୍କାରେ ତାମିଲସନ୍ତ୍ରାସୀଙ୍କୁ ସୃଷ୍ଟି କରିବାକୁ ଆର୍ଥିକ ଓ ରାଜନୈତିକ ସହଯୋଗ ପ୍ରଦାନ କରାଯାଇଥିଲା, ଯାହାକି ଆଜିଯାଏଁ ଦ୍ୱିପାକ୍ଷିକ ସଂପର୍କକୁ ପ୍ରଭାବିତ କରିଆସିଛି । ତାମିଲ ନେତାମାନଙ୍କ ମାନସିକତା ଯୋଗୁ ଶ୍ରୀଲଙ୍କାର ସିଂହଳୀ ଲୋକେ ଆଜି ମଧ୍ୟ ଭାରତୀୟଙ୍କୁ ବିଶ୍ୱାସକୁ ନେଇପାରୁନାହାନ୍ତି । ଦୀର୍ଘଦିନର ହିଂସା, ରକ୍ତପାତ, ବୋମା ବିସ୍ଫୋରଣ, ସନ୍ତ୍ରାସୀ ଆକ୍ରମଣକୁ ନିଜ ଆଖିରେ ଦେଖିଥିବା ସିଂହଳୀଲୋକେ ଏବେ ମଧ୍ୟ ଭାରତୀୟମାନଙ୍କୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖି ଆସୁଛନ୍ତି ।

କହିବାକୁ ଗଲେ ବ୍ରିଟିଶମାନେ ସେମାନଙ୍କ ରାଜକୀୟ ସ୍ୱାର୍ଥପାଇଁ ଯେଉଁ ବିଭାଜନର ମଞ୍ଜି ଶିକ୍ଷା, ସମାଜ, ବ୍ୟବସ୍ଥା ମଧ୍ୟରେ ରୋପଣ କରିଥିଲେ ତାହା ଆଜି ବଟବୃକ୍ଷ ସଦୃଶ ହୋଇଛି । ବର୍ଣ୍ଣ, ଜାତି, ପ୍ରଦେଶ, ଭାଷାକୁ କେନ୍ଦ୍ରକରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟିକରି ସେମାନେ ଧର୍ମାନ୍ତରଣକୁ ଦକ୍ଷିଣ ଭାରତରେ ବ୍ୟାପକ କରିଥିରେ,ତାର ପ୍ରଭାବ ଏବେ ଦେଖିବାକୁ ମିଳୁଛି । ମୋଦି ଦକ୍ଷିଣ ଭାରତରେ ନିଜ ଦଳକୁ ସଶକ୍ତ କରିବାକୁ ଉଦ୍ୟମ କଲାବେଳେ ଆଞ୍ଚଳିକ ଦଳଗୁଡିକର ନେତାମାନେ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି,ଏହା ହେବା ସ୍ୱାଭାବିକ । କିନ୍ତୁ ଲୋକଙ୍କ ମତକୁ ଗୁରୁତ୍ୱ ଦେଇ କାର୍ଯ୍ୟକରିବା ବଦଳରେ ଦେଶ ଓ ସମାଜର ବିଭାଜନ କରିବା ପାଇଁ ହେଉଥିବା ଷଡଯନ୍ତ୍ରକୁ ନୀରବରେ ଗ୍ରହଣ କରାଯିବା ଅନୁଚିତ୍ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ସ୍ୱପ୍ନ ଓ ସଂକଳ୍ପର ଅନୁରଣନ : ଉତ୍କଳ ପ୍ରଦେଶ



ଡକ୍ଟର ମନୋରଞ୍ଜନ ବିଷୋୟୀ

ପୁରୁଷାନୁକ୍ରମେ ଧାରାବାହିକ ଭାବରେ ମାନବ ଗୋଟିଏ ଗୋଷ୍ଠୀର ଅଂଶ ଭାବରେ ସାଉଁଟି ନେଇଥିବା ଅନୁଭୂତି ଓ ଅଭିଜ୍ଞତାର ପୁଞ୍ଜିକୁ ଆଧାର କରି ପରମ୍ପରା 'ସଂସ୍କୃତି' ଭାବରେ ପରିଚିତ ହୁଏ । ପ୍ରତ୍ୟେକ ମାନବ ଗୋଷ୍ଠୀର ଏକ ନିର୍ଦ୍ଦିଷ୍ଟ ଆଚରଣ ବିଧି ରହିଥାଏ । ଜନ୍ମ ପରବର୍ତ୍ତୀ ସମୟରେ ମାନବ ଏହାକୁ ଅନୁକରଣ କରିବା ନିମନ୍ତେ ବାଧ୍ୟ ହୁଏ । ଏହାର ପରିସର ମଧ୍ୟ ପରିବ୍ୟାପ୍ତ । ଯଥାର୍ଥରେ ଧାରାବାହିକ ନିତ୍ୟ ଆଚରଣର ପରିମାର୍ଜିତ ପରିଭାଷାକୁ ସଂସ୍କୃତି କୁହାଯାଇଥାଏ । କାରଣ ମାନବୀୟ ଆଚରଣ ଓ ଉଚ୍ଚାରଣ ଆଧାରରେ ଗଢ଼ି ଉଠିଥାଏ ପରମ୍ପରା ଓ ପରମ୍ପରାର ସଜ୍ଞୀକରଣରେ ଜନ୍ମନିଏ ସଂସ୍କୃତି । ତେଣୁ ସଂସ୍କୃତି ହେଉଛି ଏକ ପ୍ରେରଣା । ବ୍ୟକ୍ତିଗତ ଓ ସାମୂହିକ ଆତ୍ମ ଆବିଷ୍କାରର ପ୍ରେରଣା ।

ଏ ପରିପ୍ରେକ୍ଷୀରେ କହିରଖେ ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି । ବହୁଚିନ୍ତା, ବହୁ ବିଶ୍ୱାସ ଓ ବହୁ ଆଚରଣର ସମନ୍ୱୟ ଭିତରେ; ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ । ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ । ବିଶ୍ୱକଲ୍ୟାଣ ହେଉଛି ଏହାର ମୂଳମନ୍ତ୍ର । 'ସର୍ବଜନହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ ।

ଏହି ଧାରାରେ ମହାଭାରତୀୟତାର ଅଭିନ୍ନ ଅଂଶ ଭାବରେ ଉତ୍କଳୀୟ ସଂସ୍କୃତିକୁ ଗ୍ରହଣ କରାଯାଇଥାଏ । କପିଳ ସଂହିତା କହେ- "ବର୍ଷଣାମ୍ ଭାରତ ଶ୍ରେଷ୍ଠ, ଦେଶାନାଂ ମୁତ୍କଳଶ୍ମୃତ୍ୟ / ଉତ୍କଳସ୍ୟ ସମୋଦେଶ, ଦେଶୋନାସ୍ତି ମହୀତଳେ ।" ବାସ୍ତବିକ କହିବାକୁ ଗଲେ; ମହାଭାରତୀୟ ମୌଳିକ ଦୃଷ୍ଟିଭଙ୍ଗୀକୁ ଅକ୍ଷୁଣ୍ଣ ରଖି ଉତ୍କଳୀୟ ସଂସ୍କୃତି ଆପଣାର ମହନୀୟତାରେ ଦୀପ୍ତିମାନ । ସମତଳ, ଉପକୂଳ ଓ ପାର୍ବତ୍ୟାଞ୍ଚଳକୁ ନେଇ ଆର୍ଯ୍ୟ, ଦ୍ରାବିଡ଼ ଓ ଆରଣ୍ୟକ ସଂସ୍କୃତିର ସମନ୍ୱୟ ଭିତରେ ବିଶ୍ୱବକ୍ଷରେ ଆଙ୍କିଛି ଆପଣାର ସ୍ୱତନ୍ତ୍ର ପରିଚୟ ।

ଏଠାରେ ବହୁ ଧର୍ମର ପ୍ରଭାବ ପରିଲକ୍ଷିତ ହୋଇଥିଲେ ମଧ୍ୟ ଉତ୍କଳର ରାଷ୍ଟ୍ରଦେବତା ଭାବରେ ଶ୍ରୀଜଗନ୍ନାଥ ପ୍ରତିଷ୍ଠା ଲାଭ କରିଛନ୍ତି । ସେ ହେଉଛନ୍ତି ସର୍ବଧର୍ମର ସମନ୍ୱୟ । ଆନନ୍ଦ ବଜାରରେ ଭକ୍ତ ଜଗନ୍ନାଥଙ୍କ ମହାପ୍ରସାଦକୁ ବିନା ବାଛ ବିଚାରରେ ଗ୍ରହଣ କରନ୍ତି । ଦେବତା ହୋଇବି ତାଙ୍କ ଠାରେ ମାନବ ରୂପ ପ୍ରକାଶ ପାଏ । ସେ ମଧ୍ୟ ପତ୍ନୀ ସହ କଳହ କରନ୍ତି, ଭାଇ ଭଉଣୀଙ୍କୁ ନେଇ ମାଉସୀ ଘର ବୁଲି ଯାଆନ୍ତି । ପ୍ରତ୍ୟେହ ଦୈନନ୍ଦିନ କର୍ମ ସହ ସେ ମଧ୍ୟ ରୋଗର ଶିକାର ହୁଅନ୍ତି । ତାଙ୍କର ବି ନବକଳେବର ହୁଏ । ଏଭଳି ଅନେକ କଥା, କିମ୍ବଦନ୍ତୀ ଓ ବିଶ୍ୱାସବୋଧ ଭିତରେ ଓଡ଼ିଆ ଜାତିର ମହତ୍ତ୍ୱ ପ୍ରକଟିତ ହୋଇଆସିଛି । ଏ ଜାତିର କଥା ଓ ଗାଥା; ଉଡ୍ର, ଉତ୍କଳ, କଳିଙ୍ଗ, କଙ୍ଗୋଦ ଆଦି ନାମରେ ପ୍ରାଚୀନ ଭାରତୀୟ ଭୂଖଣ୍ଡରେ ସ୍ୱୀକୃତି ଲାଭ କରିଅଛି । ପରିବ୍ରାଜକ ହୁଏନ୍‌ସାଂ (ଖ୍ରୀ.ଅ. ୬୨୯)ଙ୍କ ଉ-ଚ (ଉଡ୍ର), କଙ୍ଗ- ଉଦୋ (କଙ୍ଗୋଦ), କ-ଲିଂଗ (କଳିଙ୍ଗ) ଏହି ଜାତିର ପ୍ରାଚୀନତାକୁ ପ୍ରମାଣିତ କରିଆସୁଥିବା ସ୍ଥଳେ ଅନେକେ ବୈଦିକ ଯୁଗଠାରୁ ଆରମ୍ଭ କରି ବୌଦ୍ଧଶାସ୍ତ୍ରର ଓକ୍‌ଳ ବା ଉତ୍କଳ ମାନଙ୍କ ଭିତରେ କଳିଙ୍ଗ ବା ଉଡ୍ର ଜାତିର ଅତୀତକୁ ଖୋଜିଥାନ୍ତି । ଏପରିକି ସମ୍ରାଟ ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲିପି, ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲିପି ଆଜି ଏ ଜାତିର ପ୍ରାଚୀନତାକୁ ପ୍ରମାଣିତ କରି ଆସିଛି । ଭୌମ ବଂଶ, କେଶରୀ ବଂଶ, ଗଙ୍ଗବଂଶ ଓ ସୂର୍ଯ୍ୟବଂଶ ଆଦିଙ୍କ ଶାସନ କାଳରେ ଏକ ସମୃଦ୍ଧ ଜନପଦର ଗୌରବ ଲାଭ କରିଥିବା ଏ ଜାତି କମେ ନିଷ୍ପ୍ରଭ ହୋଇଉଠେ । ୧୫୬୮ରୁ କ୍ରମେ ଆଫଗାନ୍, ମୋଗଲ ଓ ମରହଟ୍ଟା ଅଧୀନ ଓଡ଼ିଆ ହରାଇବସେ ଆପଣାର ପରିଚୟ ।

୧୮୦୩ ମସିହା ବେଳକୁ ବ୍ରିଟିଶ୍ ସାମ୍ରାଜ୍ୟର ଆଧିପତ୍ୟ ଓଡ଼ିଶା ଉପରେ ବିସ୍ତାରଲାଭ କରେ । ଓଡ଼ିଶା ଅଧିକାର ପରେ ନୂତନ ଶିକ୍ଷା ନୀତି ପ୍ରଣୟନ, ମୁଦ୍ରଣ ଶିଳ୍ପର ବିକାଶ, ପତ୍ରପତ୍ରିକା ପ୍ରକାଶନ, ଡାକ ଓ ରେଳ ବ୍ୟବସ୍ଥା ଓଡ଼ିଶାକୁ ଅଭ୍ୟୁଦୟ ପଥରେ ଅବସ୍ଥାପିତ କରିଥିଲା । କିନ୍ତୁ ଇଂରେଜମାନଙ୍କ ଦ୍ୱୈତ ଶାସନ ନୀତି, ଆର୍ଥନୀତିକ ଶୋଷଣ, ନୂତନ ଜମିଜମା ବନ୍ଦୋବସ୍ତ ସୃଷ୍ଟି କରିଥିଲା ଘୋର ଜନ ଅସନ୍ତୋଷ । ୧୮୬୬ ମସିହା ପ୍ରଳୟଙ୍କରୀ 'ନ'ଅଙ୍କ ଦୁର୍ଭିକ୍ଷ' ସମୟରେ ଶାସକ ଗୋଷ୍ଠୀର ଅନୁଦାର ମନୋବୃତ୍ତି ଏ ଜାତିକୁ ପୁନଃ ସଂଗଠିତ ହେବା ଦିଗରେ ଅନୁପ୍ରେରିତ କରିଥିଲା । ଦୈବୀ ଅପେକ୍ଷା ମାନବକୃତ ଅବହେଳା ଫଳରେ ଓଡ଼ିଶାର ଜନଜୀବନ କ୍ରମେ ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ପରିଣତି ସ୍ୱରୂପ ଓଡ଼ିଶାର ଜାତୀୟ ଜୀବନରେ ସଂଗଠିତ ଭାବରେ ବିଦ୍ରୋହ କରିବା ମନୋବୃତ୍ତି କ୍ରମେ ଉଗ୍ରରୂପ ଧାରଣ କରିଥିଲା । 'ସିପାହୀ ବିଦ୍ରୋହ'ର ଚାଳିଶ ବର୍ଷ ପୂର୍ବରୁ 'ପାଇକ ବିଦ୍ରୋହ' ଆରମ୍ଭ ହୋଇଥିଲା । ବ୍ରିଟିଶ୍‌ମାନଙ୍କ ଶୋଷଣ ନୀତି ଓ ଅସାଧୁ କର୍ମଚାରୀଙ୍କ ଅତ୍ୟାଚାରରେ ଓଡ଼ିଶା ତଳିତଳାନ୍ତ ହୋଇ ଯାଇଥିଲା । ଏପରିକି ନୂତନ ଶାସନ ବ୍ୟବସ୍ଥା ସଂପର୍କରେ ଅନଭିଜ୍ଞ ଓଡ଼ିଶାର ଜମିଦାର ଶ୍ରେଣୀ ସୂର୍ଯ୍ୟାସ୍ତ ଆଇନ ବଳରେ ହରାଇଥିଲେ ସେମାନଙ୍କ ପ୍ରତିଷ୍ଠା । କଲିକତାର ଫୋର୍ଟ ଉଇଲିୟମ୍ ଦୁର୍ଗଠାରେ ସ୍ୱଳ୍ପ ମୂଲ୍ୟରେ ନିଲାମ ହୋଇଥିଲା ଓଡ଼ିଶାର ଜମିଦାରୀ ।

ଅବଶ୍ୟ ଇଂରେଜମାନଙ୍କ କୂଟନୀତି ଓ ହୀନ ଚକ୍ରାନ୍ତ ବିରୁଦ୍ଧରେ ୧୮୦୫ ମସିହାରେ ବିପ୍ଳବୀ ଜୟୀ ରାଜଗୁରୁ, ୧୮୧୭ ମସିହାରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଖୋର୍ଦ୍ଧା 'ପାଇକ ବିଦ୍ରୋହ' ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଥିଲେ । ଏହି ବିପ୍ଳବର ବହ୍ନି କ୍ରମେ ବାଣପୁରର ବିପ୍ଳବୀ ନେତା କୃତ୍ତିବାସ ପାଟଶାଣୀ, ଘୁମୁସରର ଚକରା ବିଷୋୟୀ ଓ ଦୋହରା ବିଷୋୟୀ ଏବଂ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏଙ୍କ ମାଧ୍ୟମରେ ପରିବ୍ୟାପ୍ତ ହୋଇଥିଲା କିନ୍ତୁ ରଣ କୌଶଳ ଓ ଅସ୍ତ୍ରଶସ୍ତ୍ରରେ ଇଂରେଜମାନେ ଥିଲେ ଅଧିକ ଶକ୍ତିଶାଳୀ । ଫଳତଃ ଅଚିରେ ଏ ବିଦ୍ରୋହ ପ୍ରଶମିତ ହୋଇଥିଲା । କିନ୍ତୁ ୧୮୬୬ ମସିହାରେ ନ'ଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜନଜୀବନ ନିମନ୍ତେ ଥିଲା ଦାରୁଣ ଦୁଃସ୍ୱପ୍ନ । ଶାସକ ଗୋଷ୍ଠୀର ଅପାରଗତା କାରଣରୁ ଏକ ବିଶାଳ ଜାତି ଚରମ ଦୁଃଖ, ଦୁର୍ଦ୍ଦଶା ଭୋଗ କରିଥିଲା ।

ଏ ପରିପ୍ରେକ୍ଷୀରେ କହିରଖେ ପ୍ରାଚ୍ୟ ଜଗତର ପ୍ରାଚୁର୍ଯ୍ୟ ଲୁଣ୍ଠନ ନିମନ୍ତେ ବ୍ରିଟିଶ୍ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଏ ଦିଗରେ ଆରମ୍ଭ କରିଥିଲା ଅଭିଯାନ । ଧର୍ମ ପ୍ରଚାର ଓ ବାଣିଜ୍ୟିକ ସଂପର୍କ ସ୍ଥାପନ ଧାରାରୁ ଇଂରେଜମାନେ ବିଚ୍ୟୁତ ହୋଇ ଦେଶ ଲୁଣ୍ଠନ ଦିଗରେ ହୋଇ ଉଠିଥିଲେ ଅଧିକ ତତ୍ପର । ଏପରିକି ଆମ ଆର୍ଥିକ ଓ ସାଂସ୍କୃତିକ ବିକାଶ ଦିଗରେ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଆଦୌ ଯତ୍ନଶୀଳ ନଥିଲେ । ୧୮୫୭ ବିଦ୍ରୋହ ପରେ ବ୍ରିଟିଶ୍ ପାର୍ଲାମେଣ୍ଟ୍ ଅଧୀନକୁ ଯିବା ସତ୍ତ୍ୱେ ଓଡ଼ିଶାର ବିକାଶ ଦିଗରେ ଯାହା ଯଥେଷ୍ଟ ହୁଏନାହିଁ । ଏହି ସମୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ୫ ଭାଗରେ ବିଭକ୍ତ ହୋଇଥିବା ଦେଖିବାକୁ ମିଳେ । ଯଥା- ୧. ବେଙ୍ଗଲ-ଓଡ଼ିଶା ଡିଭିଜନ୍, ୨. ଛୋଟନାଗପୁର ଡିଭିଜନ୍, ୩. ସେଣ୍ଟ୍ରାଲ୍ ପ୍ରଭିନ୍ସ, ୪. ମାଡ୍ରାସ୍ ପ୍ରେସିଡେନ୍ସି, ୫. ଗଡ଼ଜାତ ଅଞ୍ଚଳ । ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଉପକୂଳ ଓ ଗଡ଼ଜାତ ରାଜ୍ୟଗୁଡ଼ିକୁ ବଙ୍ଗ ପ୍ରଦେଶ, ଗଞ୍ଜାମ ଓ କୋରାପୁଟ ଅଞ୍ଚଳକୁ ମାନ୍ଦ୍ରାଜ ଓ ସମ୍ବଲପୁର - ପାଟଣା ଅଞ୍ଚଳକୁ କେନ୍ଦ୍ର ବା ସେଣ୍ଟ୍ରାଲ୍ ପ୍ରଭିନ୍ସ ସହ ସଂଯୋଜିତ କରାଯାଇଥିଲା । ଏପରିକି ବଙ୍ଗଳା, ତେଲୁଗୁ ଓ ହିନ୍ଦୀ ଭାଷାଭାଷୀ ଲୋକଙ୍କ ଭିତରେ ଅସ୍ତିତ୍ୱ ହରାଇବାକୁ ଆରମ୍ଭ କରେ ଓଡ଼ିଆ ଜାତି । ସମୟାନୁକ୍ରମେ ଊନବିଂଶ ଶତାବ୍ଦୀର ବିଭିନ୍ନ ସମୟରେ ପ୍ରାଚୀନ ଓଡ଼ିଶାର ଅଙ୍ଗଚ୍ଛେଦ ସଂଗେ ସଂଗେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଲୋପ ଦିଗରେ ସୁଚିନ୍ତିତ ଉଦ୍ୟମ କରାଯାଇଥିବା ଲକ୍ଷ୍ୟ କରିହୁଏ । ଇତିହାସ କହେ ଓଡ଼ିଆ ଭାଷା ସଂକଟ ୧୮୪୮-୪୯ରେ ସରକାରୀ ଦପ୍ତର ଓ ଅଦାଲତରେ ବଂଗଭାଷାର ବ୍ୟବହାର ଆଦେଶନାମାରୁ ମୁଣ୍ଡ ଟେକିଥିଲା । ରାଜେନ୍ଦ୍ରଲାଲ ମିତ୍ରଙ୍କ ଓଡ଼ିଆ ଓ ବଙ୍ଗଳ ଭାଷା ସଂପର୍କିତ ମନ୍ତବ୍ୟ ଜାତୀୟ ଜୀବନରେ ସୃଷ୍ଟି କରିଥିଲା ଘୋର ପ୍ରତିକ୍ରିୟା । ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନ ନିମନ୍ତେ ବଙ୍ଗବାସୀଙ୍କ ପକ୍ଷରୁ ଉଦ୍ୟମ ତଥା କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ 'ଓଡ଼ିଆ ଏକ୍‌ଟା ସ୍ୱତନ୍ତ୍ର ଭାଷା ନୟ' ଆନ୍ଦୋଳନ ଏ ଜାତିକୁ ଆତ୍ମଜାଗୃତି ଦିଗରେ ପ୍ରରୋଚିତ କରିଥିଲା । ଓଡ଼ିଆ ମାନଙ୍କ ଏହି ସଂକଟରୁ ମୁକ୍ତି ପାଇବା ନିମନ୍ତେ ଆରମ୍ଭ ହୋଇଥିଲା ସାମୂହିକ ଉଦ୍ୟମ । ଗୌରୀଶଙ୍କର ରାୟ, ବୈକୁଣ୍ଠନାଥ ଦେ, ପ୍ୟାରିମୋହନ ଆଚାର୍ଯ୍ୟ, ରାମଶଙ୍କର ରାୟ, ଫକୀରମୋହନ ସେନାପତି ଓ ରାଧାନାଥ ରାୟ ଆଦିଙ୍କ ଉଦ୍ୟମରେ ବିଧିବଦ୍ଧ ଭାବେ ଓଡ଼ିଆ ଜାତି ଓ ଭାଷାର ଅଭ୍ୟୁଦୟର ବାର୍ତ୍ତା ପ୍ରଚାରିତ ହୋଇଥିଲା । ଏପରିକି ସରକାରଙ୍କ ଠାରୁ ତିନିଶହ ଟଙ୍କାର ଅନୁଦାନ ରାଶି ପାଇ ପ୍ୟାରୀମୋହନ ରଚନା କରିଥିଲେ ଓଡ଼ିଆ ଭାଷାରେ ଇତିହାସ ପୁସ୍ତକ (୧୮୭୮) । 'ଉତ୍କଳ ଦୀପିକା' ମାଧ୍ୟମରେ ଓଡ଼ିଆଙ୍କ ସମସ୍ୟା ଜାତୀୟ ସ୍ତରରେ ଉପସ୍ଥାପିତ ହୋଇଥିଲା । ଏପରିକି ଫକୀରମୋହନଙ୍କ 'ସମ୍ବାଦ ବାହିକା', 'ଉତ୍କଳ ଦର୍ପଣ' ଆଦି ଓଡ଼ିଆ ଅସ୍ମିତାର କଥା କହିଥିଲା । ଏ କ୍ଷେତ୍ରରେ ବାମଣ୍ଡାର ରାଜା ସାର୍ ବାସୁଦେବ ସୁଡ଼ଳଦେବଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ଥିଲା ଅନ୍ୟ ଏକ ସ୍ମରଣୀୟ ଉଦ୍ୟମ । ପାରଳାଖେମୁଣ୍ଡିରୁ ଶ୍ୟାମସୁନ୍ଦର ରାଜଗୁରୁ ଓ ଆପନ୍ନା ପରିଚ୍ଛାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା 'ଉତ୍କଳ ହିତୈଷିଣୀ ସମାଜ' । ଜନ୍ମ ହୋଇଥିଲା 'ଗଞ୍ଜାମ ନିଉଜ୍' । ସେହିପରି ଓଡ଼ିଆଙ୍କ ଅଭାବ ଅସୁବିଧାକୁ ନେଇ ପ୍ରକାଶ ପାଇଥିଲା ବ୍ରହ୍ମପୁରରୁ ୧୮୬୭ରେ 'ସ୍ୱଦେଶୀ' । ଠିକ୍ ସେହିପରି ୧୮୭୧ ବେଳକୁ ଭାଷା ସାହିତ୍ୟର ବିକାଶ ନିମନ୍ତେ ରମେଶ ଚନ୍ଦ୍ର ଦତ୍ତଙ୍କ ଆବାହକତ୍ୱରେ 'ଉତ୍କଳ ସଭା' ଗଢ଼ି ଉଠିଥିଲା । ୧୮୮୫ରେ ଏହାର ସଂପାଦକ ଦାୟିତ୍ୱ ମଧୁସୂଦନ ଦାସ ଗ୍ରହଣ କରିବା ସହ ଏହି 'ଉତ୍କଳ ସଭା' ଓଡ଼ିଆଙ୍କ ସମସ୍ୟାର ପ୍ରତିନିଧି ହୋଇ ଉଠିଥିଲା । ଏପରିକି ସର୍ବଭାରତୀୟ ସ୍ତରରେ ଓଡ଼ିଆ ଜାତିର ସମସ୍ୟା ଉପସ୍ଥାପିତ କରିବା ନିମନ୍ତେ ଉଦ୍ୟମ ୧୯୦୨ ମସିହାରେ ହରିହର ମର୍ଦ୍ଦରାଜଙ୍କ ଦ୍ୱାରା ରମ୍ଭା ବଂଗଳାରେ ଆୟୋଜିତ ରାମଚନ୍ଦ୍ର ମର୍ଦ୍ଦରାଜ ଜନ୍ମୋତ୍ସବ ଅବସରରେ ମୁଣ୍ଡ ଟେକିଥିଲା । ଖଲ୍ଲିକୋଟ ଇଷ୍ଟେଟ୍ ପ୍ରେସ୍ ନାମରେ ରମ୍ଭା ଠାରେ ଏକ ମୁଦ୍ରାଣାଳୟ ସ୍ଥାପନ କରାଯାଇ ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନାରେ ୧୯୦୨ ଜୁନ୍ ମାସରେ 'ପ୍ରଜାବନ୍ଧୁ' ପ୍ରକାଶ ପାଇଥିଲା ।

ଏ ପରିପ୍ରେକ୍ଷୀରେ କହିରଖେ ଏକତ୍ରୀକରଣର ଅଭିପ୍ରାୟ ନେଇ ୧୯୦୩ ଏପ୍ରିଲ ୧୧-୧୨ ତାରିଖ ଗଂଜାମ ସମ୍ମିଳନୀ ବ୍ରହ୍ମପୁରଠାରେ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା । ମଧୁସୂଦନ ଦାସ, ରାଧାନାଥ ରାୟ, ବିଶ୍ୱନାଥ କର, ନନ୍ଦକିଶୋର ବଳ, ଗୋପାଳ ଚନ୍ଦ୍ର ପ୍ରହରାଜ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ ଆଦି ଏହି ସମ୍ମିଳନୀରେ ଯୋଗଦେଇ ଉତ୍କଳ ସମ୍ମିଳନୀର ନକ୍‌ସା ପ୍ରସ୍ତୁତ କରିଥିଲେ । ଏପରିକି ଗଞ୍ଜାମ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ପରେ ମଧୁବାବୁଙ୍କ ଉଦ୍ୟମରେ ୧୯୦୩ ଡିସେମ୍ବର ୩୦-୩୧ ଦୁଇଦିନ ଧରି କଟକ ଇଦ୍‌ଗା ପଡ଼ିଆରେ ମୟୂରଭଂଜ ରାଜା ରାମଚନ୍ଦ୍ର ଭଞ୍ଜଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ।

ସେହିପରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ବାସ୍ତବିକ ଅବିସ୍ମରଣୀୟ । ଇଷ୍ଟେଟ୍ ବନ୍ଧା ପକାଇ ଗୋଲଟେବୁଲ୍ ବୈଠକରେ ଯୋଗଦେବା ଓ ଦୃଢ଼ କଣ୍ଠରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନିମନ୍ତେ ଦାବି ଉପସ୍ଥାପନା କରିବା ଥିଲା ବେଶ୍ ସ୍ମରଣୀୟ । ଏଭଳି ଯୋଗଜନ୍ମାମାନଙ୍କ ଉଦ୍ୟମର ଫଳସ୍ୱରୂପ ଆତ୍ମପ୍ରତ୍ୟୟ ହରାଇ ବସିଥିବା ଓଡ଼ିଆ ନବଜାଗୃତିର ସ୍ୱପ୍ନ ଦେଖିଛି । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ଆରମ୍ଭ ହୋଇଛି ବହୁ ଉଦ୍ୟମ । ଏହି ଉଦ୍ୟମର ସମୟରେ ଏ ଜାତିର କର୍ଣ୍ଣଧାର ସାଜିଛନ୍ତି ବହୁ ପୁଣ୍ୟାତ୍ମା ପୁରୁଷ । ତେଣୁ ମହାଭାରତୀୟ ମୁକ୍ତିଯୁଦ୍ଧ ଏବଂ ସେହି ଧାରାରେ ଉତ୍କଳୀୟତାର ପୁନଃ ସଂସ୍ଥାପନ ସହ ସ୍ୱତନ୍ତ୍ର ପ୍ରଦେଶ ଗଠନ ଏଠାରେ ସୃଷ୍ଟି କରିଛି ନବ ଉତ୍କଳୀୟ ଅସ୍ମିତା । ବିଂଶ ଶତକର ପଞ୍ଚମ ଦଶକ ବେଳକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସ୍ୱପ୍ନ ସାର୍ଥକ ହୋଇଥିଲା । ତଥାପି ଏବେବି ଏକ ପୂର୍ଣ୍ଣାଙ୍ଗ ଉତ୍କଳର ସ୍ୱପ୍ନ ରାଜନୀତିକ ପଶାପାଲିରେ ସଫଳ ହୋଇନାହିଁ । ତଥାପି ଖୁସିର କଥା ଓଡ଼ିଆ ଭାଷା ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ପରିବାର ମଧ୍ୟରେ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି । ହେଲେ ସ୍ୱତନ୍ତ୍ର ପ୍ରଦେଶ ଓ ଭାଷାର ଉନ୍ନତି କଳ୍ପେ ଯେଉଁ ସ୍ୱପ୍ନ ଦିନେ ଆମ ପୂର୍ବପୁରୁଷମାନେ ଦେଖିଥିଲେ ଓ ସେ ଦିଗରେ ବହୁ ଉଦ୍ୟମ କରିଥିଲେ, ତାକୁ ବଜାୟ ରଖିବା ଦିଗରେ ଆମେ କେତେଦୂର ସଫଳ ହୋଇଛେ ତାକୁ ଅନୁଧ୍ୟାନ କରିବାର ବେଳ ଆସିଛି ।

**ବନ୍ଦେ ଉତ୍କଳ ଜନନୀ ।**

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ*
*ସଂପର୍କ: ୮୮୯୫୧୪୧୭୨୭*

## ସରିଲା ଜିଲ୍ଲା ମହୋତ୍ସବ 'କଲ୍ଲୋଳ'

# ପୁନଃଗଠନ ୩୩ ବର୍ଷ ପରେ ବି ବିକାଶର ବହୁ ପଛରେ ଜଗତସିଂହପୁର



**ଜଗତସିଂହପୁର :** ପାଞ୍ଚ ଦିନ ଧରି ଚାଲୁଥିବା ଜିଲ୍ଲା ମହୋତ୍ସବ ସହ ୩୩ ବର୍ଷରେ ପଦାର୍ପଣ କରିଛି ଜଗତସିଂହପୁର ଜିଲ୍ଲା। ୧୯୯୩ ମସିହା ଏପ୍ରିଲ ମାସ ୩ ତାରିଖ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ୧୩ ଜିଲ୍ଲାକୁ ତିରିଶ ଜିଲ୍ଲାରେ ବିଭକ୍ତ କରାଯାଇଥିଲା। ସେଥି ମଧ୍ୟରୁ ଜଗତସିଂହପୁର ଜିଲ୍ଲା ଥିଲା ଅନ୍ୟତମ। ସ୍ୱର୍ଗତ ପୂର୍ବତନ ବିଧାୟକ ବିଷ୍ଣୁ ଦାସଙ୍କ ପ୍ରଚେଷ୍ଟା, ଉତ୍ତୁଙ୍ଗ ଅନମନୀୟ ଜନ ପ୍ରତିନିଧି ଓ ପ୍ରଶାସନକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ନିଜେ ଜଗତସିଂହପୁର ଆସି ନୂଆ ଜିଲ୍ଲା ଭେଟି ଦେଇଥିଲେ ବିଜୁ ବାବୁ। ଚଳିତ ବର୍ଷ ୩୩ ବର୍ଷ ପଦାର୍ପଣରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଚାଲିଥିଲା ଜିଲ୍ଲା ମହୋତ୍ସବ କଲ୍ଲୋଳ। ବିଭିନ୍ନ ଦିନ ମାନଙ୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ଆରମ୍ଭ କରି ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ବହୁ ଶିକ୍ଷସଂସ୍ଥାର ମୁଖ୍ୟ ମାନେ ଯୋଗ ଦେଇଥିଲେ। ଜିଲ୍ଲାର ଭୌଗଳିକ ଦୃଷ୍ଟିକୋଣରୁ ଦେଖିଲେ, ଥିବା ବିସ୍ତୀର୍ଣ୍ଣ ବେଳାଭୂମି ଏବଂ ପାରାଦ୍ୱୀପ ବନ୍ଦରକୁ ଭିତ୍ତି କରି ଅନେକ ଶିଳ୍ପସଂସ୍ଥା ଗଢି ଉଠିଛି। କୃଷି, ଶିଳ୍ପ, ଏବଂ କଳା, ଶିକ୍ଷା ସଂସ୍କୃତିରେ ସୁନାମ ସହ ବହୁ ଉତ୍ତୁଙ୍ଗ ବ୍ୟକ୍ତିତ୍ୱଙ୍କୁ ଜନ୍ମ ଦେଇଛି ଏହି ଜିଲ୍ଲା। ଅପାର ସମ୍ଭାବନା ଥିବା ସତ୍ତ୍ୱେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ବିକାଶର ବହୁ ପଛରେ ପଡ଼ିଯାଇଛି ଜଗତସିଂହପୁର। ୩୨ ବର୍ଷ ଭିତରେ ପର୍ଯ୍ୟଟନ ଶିଳ୍ପର ଭରପୁର ସୁଯୋଗ ଥିବା ସ୍ୱତେ କୌଣସି ପର୍ଯ୍ୟଟନ ସ୍ଥଳୀର ବିକାଶ ହୋଇନି। ଶିକ୍ଷା ଭିତ୍ତିଭୂମି ବିକାଶରେ ପଛୁଆ ଏହି ଜିଲ୍ଲା କିନ୍ତୁ ଉନ୍ନତ ମାନବସମ୍ବଳ ସମ୍ପନ୍ନ। ସରକାରୀ କଲେଜଟିଏ ନାହିଁ। ବୈଷୟିକ ଶିକ୍ଷା ପାଇଁ କଲେଜଟିଏ ଏବେବି ସ୍ୱପ୍ନ। ସ୍ୱାସ୍ଥ୍ୟ କଥା ନକହିଲେ ଭଲ। ମେଡ଼ିକାଲ କଲେଜ ପାଇଁ ଚାହିଁ ବସିଛନ୍ତି ଜିଲ୍ଲା ବାସୀ। ଗମନା ଗମନ ପୂର୍ଣ୍ଣ ବିକଶିତ ନୁହେଁ। ଏହି ଜିଲ୍ଲାରେ ବାବା ଗୋରେଖନାଥ ଅବସ୍ଥିତ। ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ପୀଠର ନବୀକରଣ କାମ ଅଧାପନ୍ତରିଆ ହୋଇ ପଡ଼ିଛି। ସଦର ମହକୁମାକୁ ରେଳ ସଂଯୋଗ ହୋଇ ପାରିନି। ବିଭିନ୍ନ ଶିଳ୍ପସଂସ୍ଥାର ଆଞ୍ଚଳିକ ଉନ୍ନୟନ ପାଣ୍ଠି ବି ଦିଗହରା ସହିତ ସହରର ବିକାଶ ଲାଭ ପାଇଁ ଯୋଜନା ନାହିଁ। ନିକଟରେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ମେଡ଼ିକାଲ କଲେଜ ପାଇଁ ଘୋଷଣା କରିଥିଲା ବେଳେ ଜିଲ୍ଲା ମହୋତ୍ସବ ମଞ୍ଚରେ ଏକ ସରକାରୀ କଲେଜ ସହ ଏକ ବିକଶିତ ଜିଲ୍ଲା ଗଢ଼ିବା ପାଇଁ ମୋର ଜଗତସିଂହପୁର ପ୍ରତି ବହୁ ଦୁର୍ବଳତା ଅଛି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କେତେ ଶୀଘ୍ର କାର୍ଯ୍ୟକାରୀ ହେବ ଜିଲ୍ଲାବାସୀ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୁଶୁଡୁଛି ...

କଡ଼ା ବିରୋଧ କରିଥିଲେ। ତେବେ ମୁନ୍ନାଙ୍କ ଆଲୋଚନା ସରିବାର ମାତ୍ର କିଛି ସମୟ ମଧ୍ୟରେ ଦଳର ସାଂସଦ ସସ୍ମିତ ପାତ୍ର ଟୁଇଟ୍ କରି ୱକଫ ବିଲ୍ ପ୍ରସଙ୍ଗରେ ଦଳର ସାଂସଦମାନେ ନିଜର ବିବେକାନୁମୋଦିତ ନିଷ୍ପତ୍ତି ନେବେ ବୋଲି ସୂଚନା ଦେଲେ। ତେବେ ଦୀର୍ଘଦିନରୁ ୱକଫ୍ ବିଲକୁ ବିରୋଧ କରିବ ବୋଲି କହି ଆସୁଥିବା ବିଜେଡି ଏଭଳି ଅଚାନକ ୟୁ-ଟର୍ଣ୍ଣ ନେବା ପାଇଁ ନବୀନ-ପାଣ୍ଡିଆନଙ୍କ ଅସହାୟତା, ଅପାରଗତା ଓ ଅପରିପକ୍ୱତାର ପ୍ରମାଣ ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସେପ୍ଟେମ୍ବର ୫ରେ ଶଙ୍ଖ ଭବନ ପରିସରରେ ଓ ଅନ୍ୟ ସମୟରେ ନବୀନ ନିବାସରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ଭେଟିବାବେଳେ ୱକଫ୍ ସଂଶୋଧନ ବିଲକୁ ବିଜେଡି ବିରୋଧ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନବୀନ ସ୍ପଷ୍ଟ କରିଥିଲେ ଯେ, ରାଜ୍ୟର ବିଭିନ୍ନ ଅଞ୍ଚଳର ସଂଖ୍ୟାଲଘୁ ଭାଇଭଉଣୀମାନେ ତାଙ୍କୁ ପ୍ରତିଦିନ ଭେଟୁଛନ୍ତି ଓ ସେମାନଙ୍କ ମନରେ ଅସୁରକ୍ଷା ଭାବନା ଥିବା ନେଇ ଅବଗତ କରାଉଛନ୍ତି। ତେଣୁ ୱକଫ ବିଲକୁ ବିଜେଡି ବିରୋଧ କରିବ ବୋଲି ନବୀନ କହିଥିଲେ। ସେବେଠୁ ୱକଫ ବିଲକୁ ନେଇ ବିଜେଡି ନିଜର ବିରୋଧ ଆଭିମୁଖ୍ୟ ପ୍ରଦର୍ଶନ କରୁଥିବାବେଳେ ଗୁରୁବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଏହା ଜାରି ରହିଥିଲା। କିନ୍ତୁ ଦଳ ପକ୍ଷରୁ କୌଣସି ହୁଇପ୍ ଜାରି ହୋଇନଥିଲା। ଆଉ ରାଜ୍ୟସଭାରେ ଭୋଟିଂ ପାଇଁ ସରକାର ପ୍ରସ୍ତୁତ ହେଉଥିବାବେଳେ ବିଜେଡି ଅଚାନକ ନିଜର ସାଂସଦମାନଙ୍କୁ ବିବେକ ଅନୁସାରେ ୱକଫ୍ ବିଲ୍ ନେଇ ନିଷ୍ପତ୍ତି ନେବାକୁ କହିଥିଲା। ଦଳର ଏଭଳି ଆଭିମୁଖ୍ୟ ସମ୍ପର୍କରେ ସାଂସଦ ସସ୍ମିତ ପାତ୍ର ଟୁଇଟ୍ କରି ସୂଚନା ଦେଲେ। ଆଉ ଶୁକ୍ରବାର ମଧ୍ୟ ସେ ୱକଫ୍ ବିଲକୁ ସମର୍ଥନ କରିଥିବା ଓ ଦେବାଶୀଷ ସାମନ୍ତରାୟ ଭୋଟିଂରୁ ଅନୁପସ୍ଥିତ ଥିଲେ।

ଅନପଟେ ନବୀନ ନିବାସରେ ପ୍ରତାପ ଜେନା, ସଞ୍ଜୟ,ଅରୁଣ ଓ ପ୍ରତାପ ଦେବଙ୍କୁ କିଛି ସମୟ ଅପେକ୍ଷା କରିବା ପରେ ନବୀନଙ୍କ ଭେଟ ମିଳିଥିଲା। ୱକଫ୍ ବିଲକୁ ନେଇ ବିଜେଡିର ନିଷ୍ପତ୍ତି ଦଳ ପାଇଁ ଆତ୍ମଘାତୀ ହୋଇଛି ଓ କର୍ମୀ-ନେତାମାନଙ୍କୁ ମାନସିକ ଆଘାତ ଲାଗିଛି ବୋଲି ସେମାନେ କହିବା ସହ ଏଭଳି ହେଲେ ତୃଣମୂଳସ୍ତରରେ ଦଳ ମୂଳପୋଛ ହୋଇଯିବ ବୋଲି ନବୀନଙ୍କୁ କହିଥିଲେ। ମାତ୍ର ଚତୁର ନବୀନ ଏହାକୁ ହାଲକା ଭାବେ ନେଇ ଓଡ଼ିଶାରେ ସଂଖ୍ୟାଲଘୁଙ୍କ ପ୍ରତିଶତ ଓ ଭୋଟ ହାରର ପାଠ ପଢ଼ାଇ ଲୋକେ ସପ୍ତାହକରେ ସବୁ କିଛି ଭୁଲିଯିବେ କହି ସେମାନଙ୍କ ଅସନ୍ତୋଷକୁ ପ୍ରଶମିତ କରିବାକୁ ଚେଷ୍ଟା କରିଥିଲେ। ତେବେ ଆଳି ବିଧାୟକ ପ୍ରତାପ ଦେବ କହିଥିଲେ ଯେ,ଏବେ ପ୍ୟାରୀ ମହାପାତ୍ର କି ଭିକେ ପାଣ୍ଡିଆନ ନାହାନ୍ତି। ଦଳରେ ଯାହାକିଛି ଭୁଲ୍ ହେବ ସେସବୁ ଆପଣଙ୍କ ମୁଣ୍ଡରେ ଯିବ ଓ ଆପଣ ଦାୟୀ ରହିବେ। ଆଉ ଏକଥା ଶୁଣି ନବୀନ ମଧ୍ୟ 'ମୁଁ ଏକଥା ମନେରଖିବି' କହି ସେମାନଙ୍କୁ ନମସ୍କାର କରି ଭିତରକୁ ଚାଲି ଯାଇଥିଲେ।

### ବିଜେପିର ...

ଏକକୀକରଣର ପ୍ରତୀକ ଥିଲା। ଯାହା ବିଜେପିର 'ଏକ ରାଷ୍ଟ୍ର, ଏକ ସମ୍ବିଧାନ' ବିଚାରକୁ ମଜବୁତ କରୁଛି। ୨୦୧୯ ମସିହା ଅଗଷ୍ଟ ୫ରେ ଅନୁଚ୍ଛେଦ ୩୭୦କୁ ଜମ୍ମୁ-କାଶ୍ମୀରରୁ ହଟାଇ ଦିଆଯାଇଛି। ଏହି ରାଜ୍ୟକୁ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ଯଥା ଜମ୍ମୁ-କାଶ୍ମୀର ଓ ଲଦାଖ ଗଠିତ ହୋଇଛି। ଅନ୍ୟପଟେ ଦେଶରେ ରହୁଥିବା ମୁସଲିମ୍ ମାଆ-ଉଉଣୀ ନ୍ୟାୟ ଦେବା ଏବଂ ଧର୍ମ ନିରପେକ୍ଷତାକୁ ଏକ ନୂଆ ପରିସୀମା ଭିତରକୁ ନେବାକୁ ଇସାରା ଦେଉଛି। ଯେଉଁଠି ଜାତୀୟ ଆଇନ ସଂସ୍ଥାଗତ ଆଇନ ଠାରୁ ଅଧିକ ପ୍ରଭାବୀ ହୋଇଛି। ବିଜେପି ସରକାର ତିନି ତଲାକ ଓ ୱାକଫ୍ ଆଇନ ସଂଶୋଧନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମୁସଲିମ୍ ସମାଜ ସହିତ ମହିଳା ଓ ଗରିବଙ୍କୁ ଅଧିକାର ଦେବ। ସେହିପରି ନାଗରିକତା ସଂଶୋଧନ ଆଇନ ଜରିଆରେ ଭାରତୀୟ ଜନତା ପାର୍ଟି ପଡୋଶୀ ଦେଶରୁ ପ୍ରତାଡିତ ହୋଇଥିବା ଅଣ ମୁସଲିମ୍ ସଂଖ୍ୟା ଲଘୁଙ୍କୁ ସହଯୋଗ କରି ଏବଂ ସେମାନଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରିବ।

ଅନ୍ୟପଟେ ଦେଶର ବଡ଼ ମୁଦ୍ଦା ଶେଷ ହୋଇଥିବା ବେଳେ ଏବେ ମଥୁରା-କାଶୀ ବିବାଦ ଉପରେ କାର୍ଯ୍ୟ କରିବାକୁ ଆଗଭର ହେବ ଭାରତୀୟ ଜନତା ପାର୍ଟି। ହେଲେ ଦଳ ଏହାକୁ ଅଦାଲତ ଜରିଆରେ ସମାଧାନ କରିବାକୁ ଚାହୁଁଛି। ବାରଣାସୀ ଏବଂ ମଥୁରାରେ ଥିବା ମନ୍ଦିରକୁ ପୁନଃ ପ୍ରାପ୍ତ କରିବା ବିଜେପିର ଏଜେଣ୍ଡାରେ ଅଛି କି ନାହିଁ ଏନେଇ ପ୍ରଶ୍ନ କରିବାରୁ ବିଜେପି ଅଧ୍ୟକ୍ଷ ଜେ.ପି ନଡ୍ଡା ୨୦୨୨ରେ କହିଥିଲେ, ବିବାଦୀୟ ଧାର୍ମିକସ୍ଥଳ ଗୁଡ଼ିକର ନିଷ୍ପତ୍ତି ନ୍ୟାୟଳୟ ଓ ସମ୍ବିଧାନ ଦ୍ୱାରା ସମାଧାନ କରାଯିବ ବୋଲି କହିଥିଲେ। ସେହିପରି ନ୍ୟାଶନାଲ ରେଜିଷ୍ଟାର ଅଫ୍ ସିଟିଜେନ୍ସ ଭାରତରେ ଏକ ସରକାରୀ ରେଜିଷ୍ଟାର ଅଟେ। ଯେଉଁଥିରେ ଦେଶରେ ବୈଧ ନାଗରିକଙ୍କୁ ନାଁ ଓ ପରିଚୟ ରେକର୍ଡ ହୋଇ ରହିଥାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତରେ ବେଆଇନ ଭାବେ ରହୁଥିବା ପ୍ରବାସୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଦେଶରୁ ବାହାର କରିବାଃ ଦେଶରେ ଆସାମ ଏକମାତ୍ର ରାଜ୍ୟ, ଯିଏ ଏନଆରସିକୁ ଅପଡେଟ୍ କରିଛି। ଏହି ପ୍ରକ୍ରିୟା ୨୦୧୩ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉପରେ ଆରମ୍ଭ ହୋଇଥିଲା ଏବଂ ୨୦୧୯ ଅଗଷ୍ଟ ୩୧ ତାରିଖରେ ଅନ୍ତିମ ଏନଆରସି ସୂଚୀ ପ୍ରକାଶିତ ହୋଇଥିଲା।

### ଗଢ଼ାହେଲା ...

ଫରେନସିକ୍ ଅଡିଟ ଟିମ୍ କଲା ପରେ କୌଣସି ଅନିୟମିତତା ଆସିଲେ ଓରେରା ଆଇନର ଧାରା ୬୩ ଅନୁସାରେ ବିଲଡରଙ୍କୁ ପ୍ରକଳ୍ପ ବଜେଟର ୧୦ ପ୍ରତିଶତ ଜରିମାନା ଦେବାକୁ ପଡ଼ିବ। ଫରେନସିକ୍ ଅଡ଼ିଟ୍ ଟିମର ରିପୋର୍ଟ ଅଦାଲତରେ ମଧ୍ୟ ଗ୍ରହଣୀୟ ହେବ। ଧାରା ୧୩ ଅନୁସାରେ ଘର କିଣିବା ପାଇଁ ଏଗ୍ରିମେଣ୍ଟ କଲା ପରେ କ୍ରେତା ଘର ମୂଲ୍ୟର ୧୦ ପ୍ରତିଶତ ଦେବା କଥା। ସମସ୍ତ ପ୍ରମୋଟର ପ୍ରତି ୩ ମାସରେ ଷ୍ଟାଟସ ରିପୋର୍ଟ ଦେବା ବାଧ୍ୟତାମୂଳକ। ପ୍ରକଳ୍ପର ୭୦ ପ୍ରତିଶତ ଅର୍ଥ ଏକ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟରେ ବିଲଡର ଜମା କରିବା କଥା। ଏହି ଅର୍ଥକୁ ଅନ୍ୟ ପ୍ରକଳ୍ପ ବା ନିଜ କମ୍ପାନୀର ଷ୍ଟାଫ ଦରମା ବାବଦକୁ ଖର୍ଚ୍ଚ କରିପାରିବେ ନାହିଁ। ତୃତୀୟ ପକ୍ଷ ଅଡିଟ ହେଲେ ଗ୍ରାହକମାନେ ଅଧିକ ସଶକ୍ତ ହେବା ସହ ବିଲଡରମାନେ ମଧ୍ୟ ସ୍ୱଚ୍ଛତା ଅବଲମ୍ବନ କରିବେ। ଫରେନସିକ୍ ଅଡିଟ ଟିମ୍‌କୁ ଡେଭଲପର ବା ପ୍ରମୋଟର ମାନେ ସମସ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ ପ୍ରଦାନ କରି ଅଡିଟରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପଡ଼ିବ। ନଚେତ ରେରା ଆଇନର ଧାରା ୩୫ର ଉଲ୍ଲଂଘନ ବୋଲି ବିବେଚନା କରାଯିବ।

### ଦୋଷୀଙ୍କ ...

କରି ପାରୁ ନାହାନ୍ତି ବୁଦ୍ଧିଜୀବୀ। ସେପଟେ ଘଟଣାକୁ ନେଇ ବର୍ଷିଛି ଏଏସଆଇ। ଏହା ବହୁତ ବଡ଼ ଭୁଲ ଓ ଯିଏ ଏହା କରିଛି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାଇ ଦେଇଛନ୍ତି ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ। ଏହା ଭାଙ୍ଗିବା ପୂର୍ବରୁ ଏଏସଆଇକୁ ଜଣାଯାଇ ନାହିଁ କିମ୍ବା ଖବର ମଧ୍ୟ ଦିଆଯାଇ ନାହିଁ। ସାଇଟ ଇନଚାର୍ଜ ଏସବୁ ଦେଖିବା ପରେ ଅବଗତ କରାଇଛନ୍ତି ଓ ଭାଙ୍ଗିବାର ଫଟୋ ଦେଇଛନ୍ତି। ତଦନ୍ତ କରି ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ମନ୍ଦିରର କେଉଁଠି ପାଇପ ଲାଇନ ନେଲେଣି ତ କେଉଁଠି ଘର କରିଦେଲେଣି। ଷ୍ଟ୍ରକ୍‌ଚରକୁ ବାଧା ଦେବା କଥା ନୁହେଁ। ଏହା ଅତ୍ୟନ୍ତ ଦୁଃଖଦାୟକ ବୋଲି କହିଛନ୍ତି ଏଏସଆଇ ସୁପରିଣ୍ଟେଣ୍ଡେଣ୍ଟ। ଶ୍ରୀମନ୍ଦିର ଭିତରରେ ଥିବା ବର୍ଜ୍ୟ ଜଳ ନିଷ୍କାସନ ସୁଧାରିବା ଲକ୍ଷ୍ୟରେ କୀର୍ତ୍ତିରାଜି ନଷ୍ଟ କରିବା ଦ୍ୱାରା ମନ୍ଦିର ପ୍ରତି ବିପଦ ଥିବା ଅଭିଯୋଗ ହୋଇଛି।

### ୪ ବର୍ଷରେ ...

କିନ୍ତୁ କ୍ରମାଗତ ଜଳସ୍ତର ହ୍ରାସ ଯୋଗୁଁ ନୀତିକାନ୍ତିକୁ ନଜରରେ ରଖି ୧୫ ବର୍ଷ ତଳୁ ଏହାକୁ ରିଚାର୍ଜ କରିବାକୁ ବୋରିଙ୍ଗ ବ୍ୟବହାର ହେଉଛି। ଯାହା ଶ୍ରୀମନ୍ଦିର ପରମ୍ପରାକୁ ମଧ୍ୟ ଏକପ୍ରକାର କ୍ଷୁର୍ଣ୍ଣ କରୁଛି। ତେଣୁ ଗଙ୍ଗା ଯମୁନା କୁଅର ପୁନରୁଦ୍ଧାର ଦାବି ଦୀର୍ଘ ଦିନ ଧରି ହୋଇ ଆସୁଛି। ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲ୍ଲାପାଳ କହିଛନ୍ତି ଯେ ବୈଷୟିକ ଟିମ୍ ସହ କଥା ହେବା ପରେ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ଶ୍ରୀମନ୍ଦିର ଓ ଲୋକନାଥ ମନ୍ଦିର ସମେତ ପୁରୀ ସହରର ବିଭିନ୍ନ ସ୍ଥାନରେ ଭୂତଳ ଜଳସ୍ତର ଉଦ୍‌ବେଗଜନକ ଭାବେ ହ୍ରାସ ପାଇବାରେ ଲାଗିଛି। ଯଦି ଏବେଠାରୁ ଏହାର ପ୍ରତିକାର କଥା ଚିନ୍ତା କରାନଯାଏ। ତାହାହେଲେ ସାଗର କୂଳରେ ଥାଇ ବି ପାଣି ମୁନ୍ଦେ ପାଇଁ ଡହଳ ବିକଳ ହେବେ ପୁରୀବାସୀ। ଯାହା ଶ୍ରୀମନ୍ଦିର ନୀତିକାନ୍ତି ଠାରୁ ଆରମ୍ଭ କରି ପର୍ଯ୍ୟଟନକୁ ବି ବ୍ୟାପକ ଭାବେ ପ୍ରଭାବିକ କରିବାର ଆଶଙ୍କା ରହିଛି।

### ଭାରତରେ ...

ଅତୀତରେ ହିନ୍ଦୁ ବିବାହ କେବଳ ବଂଶ ରକ୍ଷା ପାଇଁ ହେଉଥିଲା। ସେଠି ଛାଡପତ୍ର ଭଳି ପ୍ରଥା କି ପରମ୍ପରା ନଥିଲା। ମତାନ୍ତର ଓ ମନାନ୍ତର ହେଲେ ପରିବାରର ମୁରବୀ ମାନେ ବସି ତାର ସମାଧାନ କରୁଥିଲେ। ହେଲେ ଏବେ ବଡବଡ ସେଲିବ୍ରିଟି, ବ୍ୟବସାୟୀ, କ୍ରୀଡାବିତ୍ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ବ୍ୟକ୍ତିମାନେ ଜୀବନ ସାଥି ବଦଳାଉଛନ୍ତି। ପୂର୍ବଅପେକ୍ଷା ବର୍ତ୍ତମାନର ଚିନ୍ତାଧାରାରେ ବ୍ୟାପକ ପରିବର୍ତ୍ତନ ହେଉଛି। ସହନଶୀଳତାର ଅଭାବ ଯୋଗୁ ଏକାଠି ରହିବାରେ ସମସ୍ୟା ହେଉଛି। ଯେଉଁଥିପାଇଁ ଉଚ୍ଚ ଶିକ୍ଷିତ ଓ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ଡିଭୋର୍ସ ନେବାକୁ ନିଷ୍ପତ୍ତି ନେଉଛନ୍ତି। ସେହିପରି ସମ୍ପତ୍ତି ଲୋଭ ମଧ୍ୟ ଛାଡପତ୍ରର ଏକ କାରଣ ବୋଲି କୁହାଯାଉଛି। ବାଙ୍ଗାଲୋର, ଦିଲ୍ଲୀ ଏବଂ ଦେଶର ପ୍ରମୁଖ ସ୍ଥାନରୁ ବଡବଡ ସେଲିବ୍ରିଟିଙ୍କର ଛାଡପତ୍ର ପରେ ଭରଣପୋଷଣ କଥା ଦେଖିଲେ, ସମ୍ପତ୍ତି ପାଇଁ ବାହା ହୋଇ କିଛିଦିନ ବିତାଇବା ପରେ ଛାଡପତ୍ର ନେଇ ଏକ ସ୍ୱାଧୀନ ଜୀବନ ବଞ୍ଚିବା ପାଇଁ ଛାଡପତ୍ର ନିଆଯାଉଥିବା କୁହାଯାଉଛି। ଅନ୍ୟପଟେ ପରସ୍ପରକୁ ସମୟ ନଦେଇ ପାରିବାରୁ ଏବେ ଅଧିକାଂଶ ସମ୍ପର୍କରେ ଫାଟ ସୃଷ୍ଟି ହେଉଛି। କର୍ମକ୍ଷେତ୍ରରେ ଅଧିକ ସମୟ ଦେଉଥିବାରୁ ସାଥିଙ୍କୁ ସମୟ ଦେଇ ହେଉନି। ଯେଉଁଥିପାଇଁ ଅଧିକରୁ ଅଧିକ ବ୍ୟକ୍ତି ଛାଡପତ୍ର ନେବାକୁ ନିଷ୍ପତ୍ତି ନେଉଛନ୍ତି। ସେହିପରି ଛାଡପତ୍ର ପାଇଁ ଏକ ପ୍ରମୁଖ କାରଣ ହେଉଛି ପରକୀୟା ପ୍ରିତି। ବର୍ତ୍ତମାନ ସମୟରେ ସର୍ବାଧିକ ବିବାହ ବିଚ୍ଛେଦ ପରକୀୟା ପ୍ରିତି ପାଇଁ ହେଉଛି। ତେବେ ଏଠି କେବଳ ଏତିକି କୁହା ଯାଇପାରେ, ସମ୍ପର୍କ ବୁଝାମଣା ଭିତରେ ଚାଲିଲେ ଯେତେ ବାଧା ଆସିଲେ ବି ତାହା କେବେ ତୁଟିବନି। ଶରୀରରେ ଜୀବନ ଥିବା ଯାଏଁ ଅତୁଟ ହୋଇ ରହିବ।

### ବିଶ୍ୱରେ ...

୨୦୨୫ ମସିହାରେ ୟୁରୋପରେ ଏକ ବଡ଼ ବିବାଦ ଆରମ୍ଭ ହେବ ଯାହା ଦ୍ୱାରା ମାଳଦ୍ୱୀପର ଜନସଂଖ୍ୟା ହ୍ରାସ ପାଇବ। ସେ କହିଛନ୍ତି ଯେ ୨୦୨୫ ମସିହାରେ ବଡ଼ ବିପର୍ଯ୍ୟୟ ଘଟିବ। ବାବା ଭେଙ୍ଗାଙ୍କ ତିନୋଟି ଭବିଷ୍ୟବାଣୀ ସତ ବୋଲି ମନେହୁଏ। ଦୁଇ ୟୁରୋପୀୟ ଦେଶ, ଋଷିଆ ଏବଂ ୟୁକ୍ରେନ ମଧ୍ୟରେ ଏକ ଯୁଦ୍ଧ ଚାଲିଛି, ଯେଉଁଥିପାଇଁ କୌଣସି ସମାଧାନ ବାହାରୁନାହିଁ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଋଷିଆର ରାଷ୍ଟ୍ରପତି ପୁଟିନଙ୍କ ସହ ଆଲୋଚନା ପରେ ମଧ୍ୟ ଋଷ ଏବଂ ୟୁକ୍ରେନ ମଧ୍ୟରେ ଅସ୍ତ୍ରବିରତି ସମ୍ପର୍କରେ କୌଣସି ଚୁକ୍ତିନାମା ହୋଇପାରି ନାହିଁ। ଏହି ବାର୍ତ୍ତାଳାପ ମଧ୍ୟରେ ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ କରୁଛନ୍ତି। ବାବା ଭେଙ୍ଗା କହିଥିଲେ ଯେ ଟେଲିପ୍ୟାଥୀ ସହିତ ନାନୋଟେକ୍ନୋଲୋଜି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ମଧ୍ୟ ବିକାଶ ହେବ। ଏହି ଟେକ୍ନୋଲୋଜି ମାନବଜାତିର ଶେଷ ହେବାର କାରଣ ହେବ। ଯଦି ଦେଖାଯାଏ, କୃତ୍ରିମ ଇଣ୍ଟେଲିଜେନ୍ସ ହେତୁ ସ୍କାମ ଏବଂ ଭୁଲ୍ ବୃଦ୍ଧି ପାଇଛି। ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ଅନୁଯାୟୀ, ପୋଲାର ବରଫ ତରଳିବା ଦ୍ୱାରା ସମୁଦ୍ର ପତ୍ତନ ସମଗ୍ର ବିଶ୍ୱରେ ବୃଦ୍ଧି ପାଇବ। ବାବା ଭେଙ୍ଗାର ଏହି ଭବିଷ୍ୟବାଣୀ ମଧ୍ୟ ସତ ହେବାକୁ ଲାଗୁଛି, କାରଣ ପୋଲାର ବରଫ ଦ୍ରୁତ ଗତିରେ ତରଳି ଯାଉଛି ଏବଂ ସମୁଦ୍ର ପତ୍ତନ ମଧ୍ୟ ବୃଦ୍ଧି ପାଉଛ। ସାରା ବିଶ୍ୱରେ ଉତ୍ତାପ ପ୍ରତିବର୍ଷ ନୂଆ ରେକର୍ଡ ସୃଷ୍ଟି କରୁଛି।

### ଦେଶର ...

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯୁବବର୍ଗ ହେଉଛନ୍ତି ଆମ ଅଭିବୃଦ୍ଧିର ଇଞ୍ଜିନ। ସେମାନଙ୍କ ଦକ୍ଷତା ବିକାଶ ପାଇଁ ସି.ଏମ୍.ଆସ୍ପାୟାର ଯୋଜନା, ନୂଆ-ଓଡ଼ିଶା ଯୋଜନା ଏବଂ ଆଇଟିଆଇ ଓ ପଲିଟେକ୍‌ନିକ ଗୁଡ଼ିକର କ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି। ୱର୍ଲଡ ସ୍କିଲ ସେଣ୍ଟରରେ ସେମି କଣ୍ଡକ୍ଟର ସହିତ ଆହୁରି ଅନେକ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଟ୍ରେନିଂ ଦିଆଯିବ। ବୃତ୍ତିଗତ ଓ ବୈଷୟିକ ଶିକ୍ଷାରେ ଝିଅମାନଙ୍କୁ ସଶକ୍ତ କରିବା ପାଇଁ ସୁଦକ୍ଷା ଯୋଜନା ଓ ଯୁବପିଢ଼ିଙ୍କୁ ଉଦ୍ୟୋଗୀ କରିବା ପାଇଁ ନାନୋ ୟୁନିକର୍ଣ୍ଣ ଯୋଜନା ଯୁବବର୍ଗଙ୍କ ମଧ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉତ୍କର୍ଷ ଓଡ଼ିଶା ମେକ-ଇନ ଓଡ଼ିଶା କନକ୍ଲେଭ ଆଶାଠାରୁ ଅନେକ ଗୁଣରେ ସଫଳତା ପାଇଛି। ପ୍ରାୟ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା। ସେଥିମଧ୍ୟରୁ ୧୩ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି ଏବଂ ଏହାଦ୍ୱାରା ୧୩ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ବିନା ଭିତ୍ତିଭୂମିରେ ଶିଳ୍ପ ବିକାଶର ପରିକଳ୍ପନା କରାଯାଇପାରିବ ନାହିଁ। ସେଥିପାଇଁ ରାଜ୍ୟ ସରକାର ନୂତନ ସଡ଼କ ନୀତି ପ୍ରସ୍ତୁତ କରିବା ସହିତ ଓଡ଼ିଶା ରାଜପଥ ପ୍ରାଧିକରଣ ଗଠନ କରିବା ପାଇଁ ଯାଉଛନ୍ତି। ଓଡ଼ିଶା ରାଜପଥ ପ୍ରାଧିକରଣ ବିଲ୍ ବିଧାନସଭାରେ ପାରିତ ହୋଇଛି। ଖୁବ୍ ଶୀଘ୍ର ଗଠନ ହେବ। ଶିଳ୍ପାୟନର ସୁବିଧା ପାଇଁ ଆସନ୍ତା ୫ ବର୍ଷରେ ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ସଡ଼କ ନିର୍ମାଣ ପାଇଁ ଆମର ଲକ୍ଷ୍ୟ ରହିଛି। ଉଦ୍‌ଘାଟିତ ହୋଇଥିବା ବରୁଣ ବେଭରେଜ ପ୍ଲାଣ୍ଟରେ ବହୁସଂଖ୍ୟକ ଓଡ଼ିଆ ଯୁବକଙ୍କ ନିଯୁକ୍ତିକୁ ନେଇ ଖୁସିବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ଓଡ଼ିଶାକୁ ଦେଶର ଏକ ମାନୁଫାକ୍‌ଚରିଙ୍ଗ ହବ୍ କରିବାକୁ ଯାଉଛୁ। ଆପଣମାନେ ଆଉ ବାହାରକୁ ନ ଯାଇ ଏଠାରେ ସମସ୍ତେ ନିଯୁକ୍ତି ପାଇବେ। କେବଳ ନିଯୁକ୍ତି ନୁହେଁ, ଆପଣମାନଙ୍କ ଜୀବନର ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ ଆମେ ବିଭିନ୍ନ ଶ୍ରମିକ କଲ୍ୟାଣ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛୁ। ଶିଳ୍ପାଞ୍ଚଳରେ ଦିନ୍ ଦୟାଲ କର୍ମଚାରୀ ନିବାସ ଯୋଜନାରେ ଘର ଯୋଗାଇ ଦେବାପାଇଁ ବ୍ୟବସ୍ଥା କରାଯାଉଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ କାମ କରୁଥିବା ୧୫ରୁ ୨୦ ହଜାର ଶ୍ରମିକମାନଙ୍କ ପାଇଁ ୫ଟି ହଷ୍ଟେଲ କରାଯିବ। ଏହା ସହିତ ଆୟୁଷ୍ମାନ ଭାରତ ଯୋଜନାରେ ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ଉପସ୍ଥିତ ଶିଳ୍ପପତି ଓ ଶ୍ରମିକମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ଶିଳ୍ପପତି, ଶ୍ରମିକ ଓ ସରକାର ଏହି ତିନି କ୍ଷେତ୍ର ମଧ୍ୟରେ ସମନ୍ୱୟ ରହିଲେ ପ୍ରଗତି ଆସିବ। କାର୍ଯ୍ୟକ୍ରମରେ ଶିଳ୍ପ ତଥା ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ଆଜି ଓଡ଼ିଶାରେ ଲୋକମାନେ ଅନୁଭବ କଲେଣି ଯେ, ଲୋକଙ୍କ ମୁଖ୍ୟମନ୍ତ୍ରୀ ଲୋକଙ୍କ ସହ ଯୋଡ଼ି ହୋଇ ଅଛନ୍ତି ଓ ଓଡ଼ିଶାର ସମୃଦ୍ଧି ପାଇଁ ଦିନରାତି ଏକ କରି କାମ କରୁଛନ୍ତି। ଉତ୍କର୍ଷ ଓଡ଼ିଶା ଆୟୋଜନର ୨ ମାସ ମଧ୍ୟରେ ଆଜି ଏଠାରେ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି। ଏସବୁ ଶିଳ୍ପପତିମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଉତ୍କର୍ଷ ଓଡ଼ିଶା ଆୟୋଜନ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ରୋଡ୍ ସୋ'ରେ କଥାବାର୍ତ୍ତା ହୋଇଥିଲେ। ଏସବୁ ଶିଳ୍ପାନୁଷ୍ଠାନ ଗୁଡ଼ିକରେ ସ୍ଥାନୀୟ ଯୁବଗୋଷ୍ଠୀ ଅଧିକ ନିଯୁକ୍ତି ପାଇବେ। ବରୁଣ ବେଭରେଜର ଏହି ପେପ୍ ?ସି ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ଆଗାମୀ ଦିନରେ ଆହୁରି ଅନେକ ବେଭରେଜ କମ୍ପାନୀ ମଧ୍ୟ ଏଠାରେ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆସିବେ। ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି। ଆମ ସରକାର ଯାହା କଥା ଦିଅନ୍ତି ତାହା ରଖନ୍ତି। କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ କହିଥିଲେ ଯେ, ଦଳମତ ନିର୍ବିଶେଷରେ ଏହି ବିକାଶ କାର୍ଯ୍ୟକୁ ଆମେ ସମସ୍ତେ ସହଯୋଗ କରିବା। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଖୋର୍ଦ୍ଧା ଜିଲ୍ଲାର ପ୍ରଗତିର ଧାରାକୁ ଏହି ଶିଳ୍ପାୟନ ଆହୁରି ତ୍ୱରାନ୍ୱିତ କରିବ ବୋଲି କହିଥିଲେ।

# ଆମ ବସ୍ ଯୋଜନାରେ ଯୋଡି ହେଲା ୪୦ ଇ-ବସ୍



**ଭୁବନେଶ୍ୱର :** 'ଆମ ବସ' ଯୋଜନାରେ ପୁଣି ଯୋଡ଼ି ହୋଇଛି ୪୦ଟି ଇ-ବସ୍। ଏବେ ଭୁବନେଶ୍ୱରର କ୍ୟାପିଟାଲ୍ ହସ୍ପିଟାଲରୁ କଟକର ଏସସିବି ମେଡିକାଲକୁ ଆମ ବସ୍ ଗଡ଼ିବ। ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ସହାୟକ ହେବ 'ଆମ ବସ୍' ର ନୂଆରୁଟ୍। ଆଉ ଯାତାୟତ ପାଇଁ ହନ୍ତସନ୍ତ ହେବେନି ରୋଗୀଙ୍କ ପରିବାର। ଏହି ରୁଟ୍ ସମେତ ଅନ୍ୟ ନୂଆ ରୁଟରେ ମଧ୍ୟ ଇ-ବସ୍ ଚାଲିବ। ଭୁବନେଶ୍ୱର ଗାଡ଼କଣସ୍ଥିତ ଆମ ବସ୍ ଡିପୋରେ ୪୦ଟି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନୂଆ ଇ-ବସର ଉଦଘାଟନ କରିଛନ୍ତି। ରାଜ୍ୟ ସରକାର ଜନସାଧାରଣଙ୍କ ଯାତାୟତର ସୁବିଧା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ୪୦ଟି ନୂତନ ଇ-ବସ୍‌ର ଶୁଭାରମ୍ଭ କରିଛନ୍ତି। ଏହି ସେବାର ଶୁଭାରମ୍ଭ ଭିଜନ୍ ବିକଶିତ ଓଡ଼ିଶା ଏବଂ ସବୁଜ ସହର ନିର୍ମାଣର ଏକ ପ୍ରଧାନ ଅଂଶ। ଏନେଇ ଶ୍ରୀ ମହାପାତ୍ର କହିଛନ୍ତି, ଖୁବଶୀଘ୍ର ରାଜ୍ୟର ୮ଟି ସହରରେ ଆମ ବସ୍ ସେବା ଆରମ୍ଭ ହେବ ଏବଂ କେନ୍ଦ୍ର ସରକାର ଓଡିଶାକୁ ୪୦୦ ଇ-ବସ୍ ଯୋଗାଇବେ। ତେବେ ବସ୍ ଦୁର୍ଘଟଣା କମାଇବା ପାଇଁ ଅନେକ ପଦକ୍ଷେପ ନିଆଯିବା ସହ ଆମ ବସ୍ ଭିତରେ ଦୁଇଟି ସିସିଟିଭି କ୍ୟାମେରା ବି ଲଗାଯାଇଥିବା କଥା କହିଛନ୍ତି ମନ୍ତ୍ରୀ।

# ଭୈରବ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ହେଲେ ସୌମେନ୍ଦ୍ର



**କୋରାପୁଟ :** ବୋରିଗୁମ୍ମା ଭୈରବ ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଥିବା ସୌମେନ୍ଦ୍ର ସ୍ୱାଇଁ ଏପ୍ରିଲ ଦୁଇ ତାରିଖରୁ ଏହି କଲେଜରେ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଛନ୍ତି। ଶ୍ରୀ ସ୍ୱାଇଁ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବା ପରେ କଲେଜର ସମସ୍ତେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ଉକ୍ତ ମହାବିଦ୍ୟାଳୟର ବହୁ ପୁରାତନ ଛାତ୍ରଛାତ୍ରୀ ଏବଂ ବିଭିନ୍ନ ଅନୁଷ୍ଠାନ ତରଫରୁ ନୂଆ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଶ୍ରୀ ସ୍ୱାଇଁ ବିଶିଷ୍ଟ କବି, ଲେଖକ ତଥା କୋରାପୁଟ ସତ୍ତା ସାହିତ୍ୟ ଅନୁଷ୍ଠାନର ସଭାପତି ଜଳଧର ସ୍ୱାଇଁ ଏବଂ ବିଦ୍ୟୁତପ୍ରଭା ସ୍ୱାଇଁଙ୍କ ସୁପୁତ୍ର ଅଟନ୍ତି।

# ଅସ୍ତରଙ୍ଗ ଗ୍ରାମ ପଞ୍ଚାୟତରେ ବାର୍ଦ୍ଧକ୍ୟ ଭତ୍ତା ଅନିୟମିତତା ଅଭିଯୋଗ

**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକ୍ ମୁଖ୍ୟାଳୟ ଅସ୍ତରଙ୍ଗ ପଞ୍ଚାୟତରେ ଗୋପବନ୍ଧୁ ପେନ୍ ସନ ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା ଅନିୟମିତତା ଅଭିଯୋଗ ଆଣିଛନ୍ତି ଅସ୍ତରଙ୍ଗ ଗ୍ରାମର ପବିତ୍ର ବସ୍ତିଆ। ସୂଚନା ଅନୁସାରେ ଅସ୍ତରଙ୍ଗ ପଞ୍ଚାୟତର ୪ନଂ ୱାର୍ଡର ଦୁଇଟି ପରିବାରର ମୁଖ୍ୟ ରାଜ୍ୟ ସରକାରଙ୍କ ଅଧୀନରେ ଚାକିରୀରରୁ ଅବସରର ନେଇଛନ୍ତି। କିନ୍ତୁ ଦୁଇ ଜଣ ଅବସର ପରେ ସରକାରଙ୍କ ଠାରୁ ପେନ୍‌ସନ ପାଉଛନ୍ତି। କିନ୍ତୁ ତାଙ୍କର ପତ୍ନୀ ୨୧/୮/ ୨୦୨୩ ମସିହା ଠାରୁ ବାର୍ଦ୍ଧକ୍ୟ ଭତ୍ତା ପାଇଆସୁଛନ୍ତି। ଯାହା ସରକାରୀ ନିୟମକୁ ଉଲ୍ଲଙ୍ଘନ କରୁଛି। ସରକାରଙ୍କ ଠାରୁ ସ୍ୱାମୀ ପେନ୍‌ସନ ପାଉଥିବା ବେଳେ ସ୍ତ୍ରୀ ବାର୍ଦ୍ଧକ୍ୟ ଭତ୍ତା ପାଇଲା ତାହା କିପରି ସ୍ଥାନୀୟ ସରକାରୀ କର୍ମଚାରୀଙ୍କ ଠାରୁ ଜନପ୍ରତିନିଧି ଜାଣିପାରିଲେ ନାହିଁ ତାହା ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ତେବେ ଅସ୍ତରଙ୍ଗ ପଞ୍ଚାୟତରେ ଆହୁରି ଏହିପରି ଅନିୟମିତତା ହୋଇଥିବା ଅଭିଯୋଗ କରି ଜିଲ୍ଲା ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଶ୍ରୀଯୁକ୍ତ ବସ୍ତିଆ। ଏନେଇ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ ଓ ଜିଲ୍ଲାପାଳ ପୁରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଓଡ଼ିଶା ଲେଖା ଓ ଲେଖା ପରୀକ୍ଷା କର୍ମଚାରୀ ସମନ୍ୱୟ ସମିତି ତରଫରୁ ଉତ୍କଳ ଦିବସ ପାଳିତ



**ଭୁବନେଶ୍ୱର :** ପ୍ରଧାନ ମହାଲେଖାକାର ଓ ମହାଲେଖାକାର କାର୍ଯ୍ୟାଳୟ ଓଡ଼ିଶା ଭୁବନେଶ୍ୱରର ଓଡ଼ିଶା ଲେଖା ଓ ଲେଖା ପରୀକ୍ଷା କର୍ମଚାରୀ ସମନ୍ୱୟ ସମିତି ତରଫରୁ ୯୦ତମ ଉତ୍କଳ ଦିବସ ପୁରୁଣା ଏଜି କଲୋନୀ ସ୍ଥିତ ଦୁର୍ଗାପୂଜା ମଣ୍ଡପ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ମନୋରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ପ୍ରଧାନ ମହାଲେଖାକାର ଦୀନବନ୍ଧୁ ସାହୁ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ମହାଲେଖାକାର ଅତୁଲ ପ୍ରକାଶ। ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଆଦିକନ୍ଦ ସାହୁ। ସଭା ପରିଚାଳନା କରିଥିଲେ ଆବାହକ କାଶୀନାଥ ମହାପାତ୍ର। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବିଜୟ କୁମାର ସାହୁ। ସଭା ଶେଷରେ ଏଜି କାର୍ଯ୍ୟାଳୟର କର୍ମଚାରୀ ମାନଙ୍କ ଦ୍ୱାରା ଏକ ନାଟକ 'ସମୟ କହିବ କିଏ କାହାର' ପରିବେଷିତ ହୋଇଥିଲା। ଉକ୍ତ ସଭାରେ ସୁଶାନ୍ତ କୁମାର ରଥ, ଚନ୍ଦ୍ରକାନ୍ତ ଶତପଥୀ, ସ୍ୱରୂପ ଚନ୍ଦ୍ର ଦାଶ, ଦେବାନନ୍ଦ ଦାସ ଏବଂ ଦୀପକ ଯାଦବ ଆଦି ଉପସ୍ଥିତ ରହି ଉତ୍ସବଟିକୁ ପରିଚାଳନା କରିଥିଲେ।

## ଧରାପଡିଲା ଶିକ୍ଷୟିତ୍ରୀଙ୍କ କଳାକାରନାମା

# ଆରମ୍ଭ ହେଲା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

**ଭଦ୍ରକ :** ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ପୋଡାପାଟଣା ୟୁଜି ଏମ୍‌ଇ ସ୍କୁଲର ଶିକ୍ଷୟିତ୍ରୀ କୁଳପ୍ରଭା ସୁଆର ଯିଏକି ପୂର୍ବରୁ ସିଆରସିସି ଭାବେ କାର୍ଯ୍ୟ କରୁଥିଲେ। ସିଆରସିସି ଥିଲା ବେଳେ ବହୁ ଅନିୟମିତତା କାର୍ଯ୍ୟ ସହିତ ସାଧାରଣ ଲୋକଙ୍କୁ ଅତ୍ୟନ୍ତ କଦର୍ଯ୍ୟ ବ୍ୟବହାର ପ୍ରଦର୍ଶନ କରୁଥିଲେ। ଏହାର କାରଣ ହେଲା ଏବିଇଓ-ବିଆରସିସି ତାଙ୍କ କବ୍‌ଜାରେ ଥିଲେ। ସେଥିପାଇଁ ଶିକ୍ଷୟିତ୍ରୀ ଜଣଙ୍କ ବୁଲି ବୁଲି କହୁଥିଲେ ମୋର କେହି କିଛି କରିପାରିବେନି। ସେଥିପାଇଁ ହାଇସ୍କୁଲ ପ୍ରଧାନ ଶିକ୍ଷକ / ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷକ ତଥା ଅନ୍ୟାନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କୁ ସେ ଏପରି ବ୍ୟବହାର ଦେଖାନ୍ତି ଯେ, ସତରେ ଯେମିତି ସେମାନେ ଯାଙ୍କର ହଳିଆ, ଇଏ ହେଉଛନ୍ତି ମାଲିକ। କିନ୍ତୁ ୨୦୧୮ ମସିହାରୁ ୨୧ ମସିହା ମଧ୍ୟରେ ସେ ଏଭଳି କିଛି ବେନିୟମ କାର୍ଯ୍ୟ କରିଥିଲେ ଯାହାକି ଏବେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନଜରରେ ଆସିବା ଫଳରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଯାଇଛି। ଉକ୍ତ ଶିକ୍ଷୟିତ୍ରୀଙ୍କ ଏହି କଳାକାରନାମା ବିଷୟର ପ୍ରଥମେ ସୂଚନା ଅଧିକାର କର୍ମୀ, ଭଦ୍ରକ ଜିଲ୍ଲା ଓସାର ସମ୍ପାଦକ ତଥା ସାମ୍ବାଦିକ ବିକାଶ କୁମାର ଧଳ ଆରଟିଆଇରେ ତଥ୍ୟ ମାଗିବା ପରେ ଘଟଣା ଜଣାପଡିଥିଲା। ଘଟଣାର ପୃଷ୍ଠଭୂମି ହେଉଛି ଏହି ମହୋଦୟା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପସ୍ଥାନ ଖାତାରେ ନିଜର ଉପସ୍ଥାନକୁ ହେରଫେର କରିଥିଲେ। ଯେଉଁଥିପାଇଁ ସେ ଏବେ ହରଡଘଣାରେ ପଡିଛନ୍ତି। ଶ୍ରୀ ଧଳ ପ୍ରଥମେ କୁଳପ୍ରଭାଙ୍କ କଳାକାରନାମା ବିଷୟରେ ବିଇଓଙ୍କୁ ଜଣାଇଥିଲେ ବି ବିଇଓ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିଲେ। ଯାହା ଜଣାପଡେ ବିଆରସିସି ଏବଂ କୁଳପ୍ରଭାଙ୍କ ମଧ୍ୟରେ ମାଲ ଦେବା ନେବା ସମ୍ପର୍କ ରହିଥିଲା। ଯେଉଁଥିପାଇଁ ସେ କୁଳପ୍ରଭାଙ୍କ ଅନ୍ୟାୟ, ଅନୀତିକୁ ଆଖିବୁଜି ମାନି ନେଉଥିଲେ। ଯେତେବେଳେ କଥା ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ପହଞ୍ଚିଲା ସେ ଏହାର ଖୋଳତାଡ ଆରମ୍ଭ କରି ଘଟଣାର ସତ୍ୟାସତ୍ୟ ଜାଣିବା ପରେ ବର୍ତ୍ତମାନ କୁଳପ୍ରଭାଙ୍କୁ ନୋଟିସ୍ କରିଛନ୍ତି। ଆଗକୁ କୁଳପ୍ରଭାଙ୍କୁ ଚାକିରିରୁ ବହିଷ୍କାର କରାଯିବାର ଆଶଙ୍କା ଦେଖାଦେଇଛି। ସୂଚନାଯୋଗ୍ୟ ଅତୀତରେ କୁଳପ୍ରଭାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ଏବେ ସେ ଏହି ସାର୍ଟିଫିକେଟ୍ ଫେରାଇବେ ତ?

# ସ୍ୱାଗତଂ ଅଯୋଧ୍ୟା ପତି ପ୍ରଭୁ ଶ୍ରୀରାମ

**ଯୋଗୀ ଗଣେଶ୍ୱର**

ଦଶ ଅବତାର ବର୍ଣ୍ଣନା ଅନୁସାରେ ବିଷ୍ଣୁଙ୍କର ମତ୍ସ୍ୟ ଓ କଚ୍ଛପ ଅବତାର ବ୍ରହ୍ମାଣ୍ଡ ନିର୍ମାଣ ନିମନ୍ତେ ଉଦ୍ଦିଷ୍ଟ ଥିଲା। ପ୍ରବଳ ପରାକ୍ରମୀ ଦୈତ୍ୟ ହିରଣ୍ୟାକ୍ଷ ହିରଣ୍ୟକଶିପୁ ଦୁଇଭ୍ରାତାଙ୍କର ନିଧନ ନିମନ୍ତେ ପ୍ରଭୁ ବରାହ ଓ ନୃସିଂହ ଅବତାରରେ ଅବତୀର୍ଣ୍ଣ ହୋଇଥିଲେ। ଦୈତ୍ୟରାଜ ବିରୋଚନଙ୍କର ପୁତ୍ର ତଥା ଭକ୍ତ ପ୍ରହ୍ଲାଦଙ୍କର ପୌତ୍ର ବଳିଙ୍କର ଦର୍ପ ଚୂର୍ଣ୍ଣ ନିମନ୍ତେ ପଞ୍ଚମରେ ପ୍ରଭୁ ବାମନ ରୂପ ଧାରଣ କରିଥିଲେ। ସତର ଲକ୍ଷ ଅଠେଇଶ ହଜାର ଦୈବୀବର୍ଷ ପରେ ସତ୍ୟଯୁଗ ସମାପ୍ତ ହେଲା। ସତ୍ୟଯୁଗରେ ମହାବିଷ୍ଣୁ ପାଞ୍ଚ ଥର ଅବତାର ଗ୍ରହଣ କରିଥିଲେ। ଯୁଗ ବେଭାର ଅନୁସାରେ ସତ୍ୟଯୁଗ ପରେ ତ୍ରେତା ଯୁଗ ଆରମ୍ଭ ହେଲା। କ୍ଷତ୍ରିୟ ରାଜାମାନେ ଧର୍ମପଥ ଛାଡ଼ି ସାଧାରଣ ପ୍ରଜାଙ୍କୁ ଶୋଷଣ କଷଣ ଦେଲେ। ବେଦନୀତିକୁ ଭ୍ରୂକ୍ଷେପ ନ କରି ନିଜ ଇଚ୍ଛାମତେ ଶାସନ ଚଳାଇଲେ। କ୍ଷତ୍ରିୟ ରାଜାଙ୍କର ଦର୍ପ ଚୂର୍ଣ୍ଣ ନିମନ୍ତେ ଷଷ୍ଠରେ ବିଷ୍ଣୁ ଭୃଗୁପତି ପର୍ଶୁରାମ ରୂପ ଧାରଣ କଲେ। ଅହଂକାରୀ କ୍ଷତ୍ରିୟ ରାଜାମାନଙ୍କୁ ନିଧନ କରି ଧରଣୀ ମାତାଙ୍କୁ ଶାନ୍ତ କଲେ। ଏହାର ସହସ୍ର ବର୍ଷ ପରେ ବିଶ୍ରବା ଋଷିଙ୍କ ଔରସରୁ ରାବଣ ଜନ୍ମ ହୋଇଥିଲେ। ରାବଣ ବିଷ୍ଣୁଦ୍ରୋହୀ ଅସୁର ସ୍ୱଭାବର ଥିଲେ। ଶିବ ଓ ବିଷ୍ଣୁଙ୍କୁ ଭିନ୍ନ ଦୃଷ୍ଟିରେ ଦେଖୁଥିଲେ। ସ୍ୱର୍ଗର ଅଧିପତି ହେବା ପାଇଁ ଇନ୍ଦ୍ରାଦି ଦେବଗଣଙ୍କୁ ବାରମ୍ବାର ଆକ୍ରମଣ କରୁଥିଲେ। ଭୟଭୀତ ଦେବଗଣ ବିଷ୍ଣୁଙ୍କୁ ଆର୍ତ୍ତରେ ଡାକିଲେ। ଦେବତାଙ୍କର ପ୍ରାର୍ଥନା ଶ୍ରବଣ କରି ବିଷ୍ଣୁ ସପ୍ତମରେ ଶ୍ରୀରାମ ରୂପ ଧାରଣ କଲେ। ଅଯୋଧ୍ୟାର ରାଜା ଦଶରଥ ଓ ରାଣୀ କୌଶଲ୍ୟାଙ୍କ ଔରସରୁ ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରେ ପ୍ରକଟ ହୋଇଥିଲେ। ସପ୍ତମ ଅବତାରରେ ବିଷ୍ଣୁଙ୍କର ପୂର୍ଣ୍ଣାଙ୍ଗ ଧନୁର୍ଦ୍ଧର ଶ୍ରୀରାମ ରୂପ ଚିର ସ୍ମରଣୀୟ ହୋଇ ରହିଛି ଓ ରହିବ। ଲୀଳାଛଳରେ ରାବଣ ସହିତେ ତାହାର ଅନୁଗତଙ୍କୁ ନିପାତ କଲେ। ପୁନର୍ବାର ଜଗତରେ ଶାନ୍ତି ମୈତ୍ରୀ ପ୍ରତିଷ୍ଠା କଲେ। ଜଗତଜନଙ୍କୁ ଅହିଂସା, ସତ୍ୟ ରକ୍ଷା,ଏକ ପତ୍ନୀ ବ୍ରତ,ସଂଯମତା ଆଦି ପୁରୁଷାର୍ଥ ଦୀକ୍ଷା ଦେଇ ପୁରୁଷୋତ୍ତମ ଶ୍ରୀରାମ ନାମରେ ଖ୍ୟାତ ହୋଇଥିଲେ।

ରାବଣ ବିଦ୍ୱାନ ଋଷିପୁତ୍ର ଥିଲେ। ତତ୍ତ୍ୱ ଅନୁସାରେ ତ୍ରେତା ଯୁଗର ବିଷ୍ଣୁପ୍ରେମୀଙ୍କୁ ମୋକ୍ଷ ପ୍ରଦାନ କରିବା, ଅସୁର କୁଳକୁ ସଂହାରି ସତ୍ୟର ପୁନଃ ପ୍ରତିଷ୍ଠା କରିବା ଦିଗରେ ମହାନ ସଙ୍ଗୀତଜ୍ଞ ଓ ପରମ ଶିବଭକ୍ତ ରାବଣ ଇଚ୍ଛା କରୁଥିଲେ। ବିଷ୍ଣୁଙ୍କର ଅବତରୀ ରୂପ ଦର୍ଶନ ନିମନ୍ତେ ବ୍ୟାକୁଳ ପ୍ରାଣରେ ଆହ୍ୱାନ କରିଥିଲେ। ଶ୍ରୀରାମଙ୍କ ଆବିର୍ଭାବ ପରେ ଉଦ୍‌ଭ୍ରାନ୍ତ ଆଚରଣରେ ଶତ୍ରୁତା ସୃଷ୍ଟି କରିଥିଲେ। ଲକ୍ଷ୍ୟ ଥିଲା ରାମବାଣରେ ନିହତ ହୋଇ ନିର୍ବାଣ ପ୍ରାପ୍ତ ହେବେ। ଶେଷରେ ତାହା ହିଁ ହେଲା। ଯୁଦ୍ଧରେ ଶ୍ରୀରାମଙ୍କ ଧନୁର୍ବାଣରେ ଧରାଶାୟୀ ହୋଇ ଦିବ୍ୟ ଦର୍ଶନ ପୂର୍ବକ ନିର୍ବାଣ ପ୍ରାପ୍ତ ହେଲେ। ଦସ୍ୟୁ ରତ୍ନାକର ପଥଚାରୀଙ୍କୁ ହତ୍ୟା କରି ଲୁଣ୍ଠନ କରୁଥିଲେ। ପାପ ଭାରାରେ ଶରୀର ଦିନୁଦିନ ଖୀନ୍ନ ହେଉଥିଲା। ଜଣେ ସାଧୁ ବାଟୋଇ ଚେତାଇ ଦେଲେ ଯେ ପାପର ଫଳ ଜନ୍ମ ଜନ୍ମାନ୍ତରେ ଭୋଗ କରିବ। ପାପମୋଚନ ନିମନ୍ତେ ଦସ୍ୟୁ ବୃତ୍ତି ଛାଡ଼ି ରାମ ନାମ ଜପ କର। ଅନୁତାପର ଅଶ୍ରୁ ଢାଳି ଦସ୍ୟୁ ରତ୍ନାକର ପ୍ରଭୁ ଶ୍ରୀରାମଙ୍କ ନାମ ଜପ କଲେ। ନାମ ଜପ ଦ୍ୱାରା ତାଙ୍କର ସମସ୍ତ ପାପମୋଚନ ହୋଇଗଲା। ପରବର୍ତ୍ତୀ କାଳରେ ସେହି ବ୍ୟାକୁଳିତ ଚିତ୍‌ସତ୍ତା ମହର୍ଷି ବାଲ୍ମିକୀ ପାଲଟିଗଲେ। ଶ୍ରୀରାମଙ୍କ ଦିବ୍ୟଚରିତ ବ୍ୟାଖ୍ୟାନ କରି ରାମାୟଣ ଗ୍ରନ୍ଥ ରଚନା କଲେ। ନିନ୍ଦନୀୟ ଦସ୍ୟୁରୁ ପୂଜନୀୟ ମହର୍ଷି ହୋଇଗଲେ। ଭ୍ରାତୃ ପ୍ରେମରେ ଉଦ୍‌ବୁଦ୍ଧ ଲକ୍ଷ୍ମଣ ଚଉଦ ବର୍ଷ ବନବାସ କାଳରେ ନିଜ ଜୀବନକୁ ତିଳତିଳ ଦଗ୍ଧ କରି ଭାଇ ଭାଉଜଙ୍କ ସେବାରେ ବ୍ରତୀ ରହିଲେ। ରାଜଭୋଗ ତ୍ୟାଗ କରି ଶ୍ରୀରାମଙ୍କ ପୟର ସେବାରେ ନିୟୋଜିତ ହେଲେ। ଭ୍ରାତା ଶ୍ରୀରାମଙ୍କ ନିର୍ଦ୍ଦେଶ ପାଳନ କରିବାରେ ଲକ୍ଷ୍ମଣ ଧୁରନ୍ଧର ଥିଲେ। ଶ୍ରୀରାମଙ୍କ କୃପାରୁ ଯୁଗ ଯୁଗ ଧରି ମାତା ସୀତା ଓ ଶ୍ରୀରାମଙ୍କ ସହିତେ ଲକ୍ଷ୍ମଣ ପୂଜା ପାଇଲେ। ଅଶିକ୍ଷିତା ଭିଲ୍ କନ୍ୟା ଶବରୀ। ସାଂପ୍ରଦାୟିକ ଦଙ୍ଗାରେ ପିତା ମାତା ମୃତ୍ୟୁ ମୁଖରେ ପଡ଼ିଲେ। ନାବାଳିକା ବୟସରେ ବେସାହାରା ଶବରୀ ବଣରେ ଏକାକି ବୁଲୁଥିଲେ। ମାତଙ୍ଗ ଋଷିଙ୍କ ପରାମର୍ଶରେ ମୋକ୍ଷଦାତା ଶ୍ରୀରାମଙ୍କ ଦର୍ଶନ ନିମନ୍ତେ ଏକ ପତ୍ର କୁଡ଼ିଆରେ ପ୍ରତୀକ୍ଷା କଲେ। ସକାଳ ପାହିଲେ ଜଙ୍ଗଲରୁ ସୁସ୍ୱାଦୁ ଫଳ,ସୁନ୍ଦର ସୁଗନ୍ଧିତ ଫୁଲ ସଂଗ୍ରହ କରି ପ୍ରଭୁ ଶ୍ରୀରାମଙ୍କୁ ଅର୍ପଣ କରିବା ପାଇଁ ଚାହିଁ ବସୁଥିଲେ। ନାବାଳିକାରୁ ବୁଢ଼ି ହୋଇଗଲେ। ଧୈର୍ଯ୍ୟ ଓ ବିଶ୍ୱାସରେ ସାମାନ୍ୟ ମାତ୍ର ମଳିନତା ନ ଥିଲା । ଶେଷରେ ଶ୍ରୀରାମ ପତ୍ର କୁଡ଼ିଆରେ ଶବରୀଙ୍କୁ ଦର୍ଶନ ଦେଲେ। ଶ୍ରୀରାମଙ୍କ ହସ୍ତ ସ୍ପର୍ଶରେ ଶବରୀ ମୋକ୍ଷ ପ୍ରାପ୍ତ ହେଲେ। ଭଗବାନ ଶ୍ରୀରାମଙ୍କ ପ୍ରତି ରାବଣ ଭ୍ରାତା ବିଭୀଷଣଙ୍କର ଚୋରା ପ୍ରେମ ତାଙ୍କୁ ଅମର କରି ଦେଇଛି। ଲଙ୍କାର ରାଜା ଓ ପ୍ରଜା ସମସ୍ତଙ୍କର ଶ୍ରୀରାମଙ୍କ ପ୍ରତି ଶତ୍ରୁ ଭାବ ଥିବା ବେଳେ ବିଭୀଷଣ ପ୍ରଭୁଙ୍କୁ ରାତ୍ର ଅର୍ଦ୍ଧରେ ଝୁରି ଝୁରି ଚକ୍ଷୁରୁ ଲୋତକ ଝରାଉ ଥିଲେ। ନିଜ ବାସଭବନର ଗୁପ୍ତ ସ୍ଥାନରେ ଶ୍ରୀରାମଙ୍କ ଚିତ୍ର ଆଙ୍କି ସମର୍ପିତ ପ୍ରାଣରେ ପୁନଃ ପୁନଃ ପ୍ରଣାମ କରୁଥିଲେ। ଶେଷରେ ଲଙ୍କା ତ୍ୟାଗ କରି ଶ୍ରୀରାମଙ୍କ ଶରଣ ନେଲେ। କେଉଁ ଅସ୍ତ୍ରରେ ରାବଣ କିପରି ନିହତ ହେବ ଶ୍ରୀରାମଙ୍କୁ ଉପାୟ କହିଦେଲେ। ଯୁଦ୍ଧ ଅନ୍ତେ ଲଙ୍କାର ରାଜା ହୋଇଥିଲେ ମଧ୍ୟ ଚିତ୍ତ ଶ୍ରୀରାମଙ୍କ ପୟରରେ ରହୁଥିଲା। ଆକୁଳ ନିବେଦନରେ



ପ୍ରଭୁଙ୍କର ପଦବନ୍ଦନା କରି ଅମର ବର ପ୍ରାପ୍ତ ହେଲେ। ସେହିପରି କିଷ୍କିନ୍ଧା ଅରଣ୍ୟର ବାନରଙ୍କ ରାଜା ଥିଲେ ସୁଗ୍ରୀବ। ବଡ଼ଭାଇ ବାଳୀ ହିଂସା ଯୁଦ୍ଧରେ ସୁଗ୍ରୀବଙ୍କ ରାଜ୍ୟ ଓ ପତ୍ନୀଙ୍କୁ ହରଣ କରି ରାଜା ବୋଲାଇଲେ। ବାଳୀଙ୍କୁ ଶିକ୍ଷା ଦେବା କିମ୍ବା ବଧ କରିବା ଅସମ୍ଭବ ହୋଇ ପଡ଼ିଲା। ସୁଗ୍ରୀବ ଶ୍ରୀରାମଙ୍କ ସହିତ ମିତ୍ରତା କରି ବାଳୀକୁ ନିହତ କଲେ। ହରାଇ ଥିବା ରାଜ୍ୟ ଓ ପତ୍ନୀଙ୍କୁ ପୁନଃ ପ୍ରାପ୍ତ ହେଲେ। ସେବା ଓ ଭକ୍ତିର ପ୍ରତୀକ ଅଞ୍ଜନୀ ପୁତ୍ର ହନୁମାନ ଶ୍ରୀରାମଙ୍କର ବ୍ୟକ୍ତିଗତ ସହାୟକ ଥିଲେ। ଶ୍ରୀରାମଙ୍କ ସେବାରେ ଏପରି ମଜ୍ଜିଗଲେ ଯେ ଅମର ହୋଇଗଲେ। ପ୍ରଜାବତ୍ସଳ ଶ୍ରୀରାମ ଯେଉଁ ମଙ୍ଗଳ କର୍ମ କରୁଥିଲେ ହନୁମାନ ରାଜ୍ୟରେ ବୁଲି ତାହା ସୂଚାରୁ ରୂପେ ତୁଲାଉଥିଲେ। ଦୁଷ୍ଟଙ୍କୁ ସଂହାରି ସାଧୁଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ। ଶ୍ରୀରାମ ସ୍ୱଧାମ ପ୍ରତ୍ୟାବର୍ତ୍ତନ କାଳରେ ହନୁମାନଙ୍କୁ ଜଗତର ଦାୟିତ୍ୱ ସମ୍ଭାଳିବା ନିମନ୍ତେ କହି ଯାଇଥିଲେ। ତଦନୁଯାଇ ଚାରିଯୁଗର ଅମର ପୁରୁଷ ମହାବୀର ହନୁମାନ ପ୍ରଭୁ ଶ୍ରୀରାମଙ୍କ କାର୍ଯ୍ୟ ଏବେ ବି ତୁଲାଇ ଆସୁଛନ୍ତି । ସେହିପରି ଗୌତମ ଋଷିଙ୍କ ପତ୍ନୀ ପତିବ୍ରତା ଅହଲ୍ୟା। ଅହଲ୍ୟାଙ୍କ ସୌନ୍ଦର୍ଯ୍ୟରେ ମୋହିତ ହୋଇ ଇନ୍ଦ୍ର ଆସି ଜାଲ ବିଛାଇଲେ। ଦିନେ ପ୍ରାତଃରୁ ଗୌତମ ନଦୀକୁ ସ୍ନାନ କରିବା ପାଇଁ ଯାଇଥିବା ବେଳେ ଇନ୍ଦ୍ର ଗୌତମଙ୍କ ବେଶ ଧରି ରତି ନିବେଦନ କଲେ। ସ୍ୱାମୀଙ୍କ ଇଚ୍ଛା ପୂରଣ ନିମନ୍ତେ ଅହଲ୍ୟା ଅଗତ୍ୟା ଦେହଦାନ କରିଦେଲେ। ଗୌତମ ନଦୀରୁ ସ୍ନାନ ସାରି ଆଶ୍ରମରେ ପହଞ୍ଚି ଘଟଣା ସଂପର୍କରେ ଅବଗତ ହେଲେ। କ୍ରୋଧିତ ହୋଇ ଅହଲ୍ୟାଙ୍କୁ ଅଭିଶାପ ଦେଲେ। ନିର୍ଦ୍ଦୋଷୀ ଅହଲ୍ୟା ପାଷାଣ ପାଲଟି ଗଲେ। ପାଷାଣ ଶରୀର ଭିତରୁ ଭଗବାନ ଶ୍ରୀରାମଙ୍କୁ ଡାକ ଛାଡ଼ିଲେ। ପ୍ରଭୁ ଶ୍ରୀରାମ ଅହଲ୍ୟାଙ୍କର ଆର୍ତ୍ତଡାକ ଶ୍ରବଣ କଲେ। ଚିନ୍ତା କଲେ ଅହଲ୍ୟାଙ୍କର କିଛି ଦୋଷ ନାହିଁ। ଗୌତମ କ୍ରୋଧବଶତଃ ତାଙ୍କୁ ଅଭିଶାପ ଦେଇଛନ୍ତି। ଅହଲ୍ୟାଙ୍କୁ ପାଷାଣରୁ ମୁକ୍ତ କରିବା ନିମନ୍ତେ ପ୍ରଭୁ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଲେ। ମୂର୍ତ୍ତି ଭିତରୁ ଶୁଭୁଥିଲା ରାମ ରାମ। ଶ୍ରୀରାମଙ୍କ ଦକ୍ଷିଣ ପାଦର ବୃଦ୍ଧାଙ୍ଗୁଳି ସ୍ପର୍ଶ ମାତ୍ରେ ଅହଲ୍ୟା ପୂର୍ବ ଶରୀର ଫେରି ପାଇଲେ। ବିଷ୍ଣୁଙ୍କର ଶ୍ରୀରାମ ଅବତାର ମହାଦେବଙ୍କର ଅତି ପ୍ରିୟ ଥିଲା। ତପସ୍ୟା କାଳରେ ଶ୍ରୀରାମଙ୍କୁ ସ୍ମରଣ କରି ଶିବ ଆନନ୍ଦ ପ୍ରାପ୍ତ ହେଉଥିଲେ। ତେଣୁ ଶ୍ମଶାନବାସୀ ଭୂତନାଥଙ୍କୁ ସନ୍ତୋଷ କରିବା ନିମନ୍ତେ ଏବେ ମଧ୍ୟ ମୃତ ଶରୀର ଶ୍ମଶାନକୁ ପ୍ରବେଶ କାଳରେ 'ରାମ ନାମ ସତ୍ୟ ହେ' ଉଚ୍ଚାରଣ କରା ଯାଉଛି। ରାମ ନାମର ମହିମା ସମ୍ବନ୍ଧରେ ସଦାଶିବ ପାର୍ବତୀଙ୍କୁ କହିଥିଲେ "ଶ୍ରୀରାମ ରାମ ରାମେତି ରମରାମେ ମନୋରମେ,ସହସ୍ର ନାମ ତର୍ତ୍ତୁଲ୍ୟଂ ରାମ ନାମ ବରାନନେ।" ଅର୍ଥାତ୍ ଅଙ୍କାବଙ୍କାରେ ହେଉ ପଛେ ଗୋଟିଏ ରାମ ନାମ ବିଷ୍ଣୁଙ୍କର ସହସ୍ର ନାମ ସହିତ ସମାନ। ସେହି ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କର ପବିତ୍ର ଜନ୍ମ ଜୟନ୍ତୀ ଅବସରରେ ପ୍ରତ୍ୟେକ ମାନବ ରାମରାଜ୍ୟ ନିର୍ମାଣ ଦିଗରେ ଉଦ୍ୟମରତ ହେବା ଆବଶ୍ୟକ। ଅତଏବ ପ୍ରଭୁଙ୍କର କୃପା ଲାଭ ପାଇଁ ଆଜିର ଦିବସ ହେଉ ସତ୍ୟ ସଂକଳ୍ପର ଦିବସ। ଜୟ ଶ୍ରୀରାମ।

*ମିଶନ ଭାଗବତ,ଭୁବନେଶ୍ୱର*
*ଦୂରଭାଷ : ୯୭୬୮୬୩୧୨୫୭*

---

**ରାମ ନବମୀର ଈଶ୍ୱରୀୟ ବାର୍ତ୍ତା**

# ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ



**ଆଶୁତୋଷ ନାୟକ**

ସର୍ବପୁରାତନ ଓ ସର୍ବଶ୍ରେଷ୍ଠ। ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା। କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସଂପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ। ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧର ଅଭାବ ଏକବିଂଶ ଶତାବ୍ଦୀର ରାଜନେତାଙ୍କ ଠାରେ ପରିଲକ୍ଷିତ ହୁଏ । ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା। ଏଥିରେ ହିଂସାର କୌଣସି ସ୍ଥାନ ନାହିଁ।

ବସୁଧୈବ କୁଟମ୍ବକମ ନୀତି ଉପରେ ହିନ୍ଦୁ ସନାତନ ଧର୍ମ ପର୍ଯ୍ୟବେଶିତ। ସବୁ ଧର୍ମକୁ ସମ୍ମାନ ଏହାର ମୁଖ୍ୟ ଲକ୍ଷ୍ୟ। ସନାତନ ଧର୍ମ ଯେ ସର୍ବଶ୍ରେଷ୍ଠ ଏହା ଭଗବାନଙ୍କ ମୁଖନିସୃତ ବାଣୀ ଅତିପବିତ୍ର ଗ୍ରନ୍ଥ ଭଗବତଗୀତା ରେ ଏହାର ଯଥେଷ୍ଟ ପ୍ରଣାମ ରହିଛି। ମନୁଷ୍ୟର ଦୈନନ୍ଦିନ ଜୀବନରେ ଘଟୁଥିବା ସମସ୍ତ ସମସ୍ୟାର ସରଳ ସମାଧାନ ଏହି ପବିତ୍ର ଧର୍ମଗ୍ରନ୍ଥ ଭଗବତଗୀତାରେ ବର୍ଣ୍ଣିତ। ହିନ୍ଦୁ ସନାତନ ଧର୍ମ ଉପରେ ଏହିପରି ବାରମ୍ବାର ଆକ୍ରମଣ ଅଗଣିତ ହିନ୍ଦୁଙ୍କୁ ଏହା ଗଭୀର ମର୍ମାହତ ଓ ବ୍ୟଥିତ କରିଛି। ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ, ଜାପାନ, ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମକୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱକୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି। ସେଥିପାଇ କୁହାଯାଇଛି ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ। ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ। ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ। ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ରର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ। ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚ଼ରିତ୍ର ହିନ୍ଦୁର। ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ। ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ। ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ। ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ। ଋକ, ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ। ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶ ର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ। ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ। ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି। ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା। ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ। ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ





ପୃଷ୍ଠାରୁ କେବେ ଲିଭିଯିବ ନାହିଁ। ଧର୍ମ ନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚୀନ ଅଟେ। ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି। କେହି କୁତ୍ରାପି କୌଣସି ଧର୍ମ ପତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି। ସମସ୍ତେ ସେହି ଗୋଟିଏ ମହାନ ଉଦ୍ଦେଶ୍ୟରେ ଅଭିପ୍ରେତ ହୋଇଛନ୍ତି ଓ ସମସ୍ତେ ସେହି ଗୋଟିଏ ସାର୍ବଜନୀନ ବାଣୀ ଶୁଣାଇଛନ୍ତି। ତାହା ହେଉଛି ମାନବ ସମାଜର କଲ୍ୟାଣ ସାଧନ। ବୌଦ୍ଧଧର୍ମର ପ୍ରବକ୍ତା ମହାପୁରୁଷ ଗୌତମ ବୁଦ୍ଧ ଧର୍ମନିରପକ୍ଷତାର ପ୍ରଥମ ପ୍ରବକ୍ତା। ମୋଗଲ ସମ୍ରାଟ ଆକବର ନିଜର ଉଦାରତା ଓ ନିରକ୍ଷେପତା ବଳରେ ହିନ୍ଦୁ- ମୁସଲମାନ ଉଭୟଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ। ସେ ସର୍ବଧର୍ମର ସାରମର୍ମକୁ ସଂଗ୍ରହ କରି ନାମକ ଏକ ସମନ୍ୱିତ ଧର୍ମର ପ୍ରଚାର କରିଥିଲେ। ଏପରିକି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ ଗୀତାରେ କହିଛନ୍ତ 'ସର୍ବ ଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ' ଏହାର ଅର୍ଥ ସବୁ ଧର୍ମକୁ ପରିତ୍ୟାଗ କରି ମୋର ଶରଣ ନିଅ; ସୁତରାଂ ଧର୍ମନିରପେକ୍ଷତା ହେଉଛି ପୁଣ୍ୟଭୂମି ଭାରତର ମର୍ମବାଣୀ। ସର୍ବପୁରାତନ ସର୍ବଶ୍ରେଷ୍ଠ ସନାତନ ଧର୍ମର ଉତପତ୍ତି ସୃଷ୍ଟିର ଆରମ୍ଭରୁ ରହିଛି ଏବଂ ମାନବସଭ୍ୟତା ରହିଥିବା ଯାଏଁ ଏହାର ଅସ୍ତିତ୍ୱ ରହିଥିବ। କ୍ଷମତାପିପାସୁ ରାଜନେତା, ବିଧର୍ମୀ ବ୍ୟକ୍ତିବିଶେଷ ଅସାମାଜିକ ତତ୍ତ୍ୱଙ୍କ ଦ୍ୱାରା ସନାତନ ହିନ୍ଦୁ ଧର୍ମ ବିରୋଧରେ କରାଯାଉଥିବା ଷଡଯନ୍ତ୍ର ସେମାନଙ୍କୁ ରସାତଳଗାମୀ କରିଦେବ ଏବଂ ଭବିଷ୍ୟତ ରେ ସେମାନଙ୍କ ଅସ୍ତିତ୍ୱର ବିଲୁପ୍ତ ଘଟିବ।ଏଥିରେ ସନ୍ଦେହର କୋଣସି ଅବକାଶ ନାହିଁ। ଏ ବିଶ୍ୱ ବ୍ରହ୍ମାଣ୍ଡରେ କୌଣସି ଶକ୍ତି ନାହିଁ ଯାହାକି ହିନ୍ଦୁ ସନାତନ ଧର୍ମର ମୂଳପ୍ରାଟନ କରିଦେବ। ଏକବିଂଶ ଶତାବ୍ଦୀର ମଣିଷ ଜାତି, ଧର୍ମ ଓ ସଂପ୍ରଦାୟ ନାମରେ ହତ୍ୟା, ବ୍ୟଭିଚାର,ଧର୍ଷଣ, ଲୁଣ୍ଠନ, ଚୋରି, ଡକାୟତି କରିବାକୁ ପଛଘୁଞ୍ଚା ଦେଉନାହିଁ। ଏତାଦୃଶ କାର୍ଯ୍ୟ ଦ୍ୱାରା କୋଣସି ରାଷ୍ଟ୍ରର ଉନ୍ନତି ଅସମ୍ଭବ।

ଏ କଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ ଯେ ଆମ ସମସ୍ତଙ୍କର ଗୋଟିଏ ଜାତି ତାହା ହେଉଛି ମାନବ ଜାତି ଏବଂ ସମସ୍ତ ଙ୍କର ଗୋଟିଏ ଧର୍ମ ତାହା ହେଉଛି ମାନବ ଧର୍ମ। ପଣ୍ଡିତ ବିଷ୍ଣୁ ଶର୍ମା କହିଥିଲେ, 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ ସମଗ୍ର ବସୁଧା ହେଉଛି ଗୋଟିଏ କୁଟୁମ୍ବ। ଏହି ମହାନ ବାଣୀକୁ ଆମେ ଭାରତୀୟ ମାନେ ମନ୍ତ୍ର ଭଳି ଗ୍ରହଣ କରିନେଲେ ବହୁ ସମସ୍ୟାର ସମାଧାନ ସହଜରେ ହୋଇପାରିବ।

ରାମାୟଣ ପୁରାଣରେ ଆମ ଜୀବନ ସହିତ ଆଧାରିତ ବିଷୟବସ୍ତୁ ଦେଖିବାକୁ ମିଳେ। ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ। ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ। ସେହିପରି ମନୁଷ୍ୟ ଜୀବନ ରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ,ଘାତପ୍ରତିଘାତ ଆସିଲେ ମଧ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ। ଭଗବାନ ଶ୍ରୀରାମ ସତ୍ୟ,ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୃତ୍ତିମନ୍ତ ପ୍ରତୀକ ଥିଲେ। ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ। ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗ ଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପ୍ରଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା। ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚିତ ନୁହେଁ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ। ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ। ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡିବ। ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ। ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ। ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ,ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ। ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭାତ୍ରା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ। ଏକବିଂଶ ଶତାବ୍ଦୀର ରାଜନେତା ନିଜର ରାଜନୈତିକ ପ୍ରତିଦ୍ୱନ୍ଦୀଙ୍କୁ ଶତ୍ରୁ ନଭାବି କାଦୁଅଫିଙ୍ଗା ରାଜନୀତିରୁ ନିବୃତ୍ତ ରହି ପରସ୍ପର ମିଳିତ ସହଯୋଗ ଓ ବୁଝାମଣାରେ ଆମ ରାଷ୍ଟ୍ରର ଉନ୍ନତି ପାଇଁ ସବୁ ପ୍ରକାର ଉଦ୍ୟମ କରିବା ଆବଶ୍ୟକ। ଏହିପରି ହୋଇପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ।

*ଗୋପାଳପୁର, ବାଲେଶ୍ୱର*
*ଦୂରଭାଷ : ୭୦୨୦୬୧୧୩୦୦*



### ୧୦ ମାସର ସରକାର; ଯୁଗାନ୍ତକାରୀ ପଦକ୍ଷେପ

# ମହିଳା, ଯୁବକ, ଚାଷୀ, ଶ୍ରମିକଙ୍କୁ ନିଘା




**ଭୁବନେଶ୍ୱର :** ରାଜ୍ୟରେ ବିଜେପି ସରକାରକୁ ପୁରିଛି ୧୦ ମାସ। ଆଉ ଏହି ୧୦ ମାସରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ସରକାର। ମହିଳା, ଯୁବକ, ଚାଷୀ ଓ ଶ୍ରମିକଙ୍କୁ ଏଥିରେ ଦିଆଯାଇଛି ଗୁରୁତ୍ୱ। ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି କ୍ଷେତ୍ରରେ ବଡ଼ ପଦକ୍ଷେପ ନେଇଛନ୍ତି ରାଜ୍ୟର ବିଜେପି ସରକାର। ରାଜ୍ୟରେ ନାରୀଙ୍କୁ ସଶକ୍ତ କରିବା ପାଇଁ ଆରମ୍ଭ ହୋଇଛି ସୁଭଦ୍ରା ଯୋଜନା। ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧ କୋଟିରୁ ଅଧିକ ଯୋଗ୍ୟ ମହିଳା ସାମିଲ ହୋଇଛନ୍ତି। ଦୁଇଟି କିସ୍ତିରେ ବିତରଣ କରାଯାଇଛି ୯ ହଜାର ୯୭୦ କୋଟିରୁ ଅଧିକ ଟଙ୍କା। ସେହିପରି ଲକ୍ଷପତି ଦିଦି ପରିଚାଳନାରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ। ଏହାସହ ଆର୍ଥିକ ଦୁଃସ୍ଥ ପରିବାର ଝିଅମାନଙ୍କୁ ସମ୍ମାନର ସହ ବିବାହ କରାଇବା ପାଇଁ ନୂତନ ଭାବେ ପ୍ରଣିତ ହୋଇଛି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା। ସେହିପରି ଶିକ୍ଷାରେ ଉନ୍ନତି ପାଇଁ ପ୍ରାଥମିକ ସ୍କୁଲରୁ ବିଶ୍ୱବିଦ୍ୟାଳୟ ଯାଏଁ କାର୍ଯ୍ୟକାରୀ ହେଲା ଜାତୀୟ ଶିକ୍ଷା ନୀତି। ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପ୍ରତିଷ୍ଠା ହେବ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ। ସୁସ୍ଥ ଓଡ଼ିଶା ପାଇଁ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ସାମିଲ ହୋଇଛି ଓଡ଼ିଶା। ସେହିପରି ୫ ବର୍ଷରେ ଦେଢ଼ ଲକ୍ଷ ସରକାରୀ ଚାକିରି, ପ୍ରଥମ ୨ ବର୍ଷରେ ୬୫ ହଜାର ପଦବୀ ପୂରଣ ଲକ୍ଷ୍ୟ ରଖାଯାଇଛି। କୃଷି କ୍ଷେତ୍ରରେ ବି ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ସରକାର। ଧାନର ଏମ୍ଏସ୍ପି ସହ ପିଏମ୍ କିଷାନ ଯୋଜନା, ଶୀତଳ ଭଣ୍ଡାରରେ ଲାଭବାନ ହେଉଛନ୍ତି ଚାଷୀ। ସେହିପରି ବିକଶିତ ସହର ପାଇଁ ପିଏମ୍ ଇ-ବସ୍ ଯୋଜନାରେ ଚଳାଚଳ କରିବ ୪୦୦ ଇ-ବସ୍। ଏହାସହ ପ୍ରଧାନମନ୍ତ୍ରୀ ଜନମନ, ବିକଶିତ ଗାଁ ବିକଶିତ ଓଡ଼ିଶା, ଅନ୍ତ୍ୟୋଦୟ ଗୃହ ଯୋଜନା ଲାଗୁ ହୋଇଛି। ଆବାସିକ ବିଦ୍ୟାଳୟ ଗୁଡିକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ 'ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା'। ସାମାଜିକ ସୁରକ୍ଷା ଭତ୍ତା-୮୦ରୁ ଅଧିକ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତା ୧୨୦୦ ଟଙ୍କାରୁ ୩୫୦୦ ଟଙ୍କାକୁ ବୃଦ୍ଧି। ଉତ୍କର୍ଷ ଓଡ଼ିଶା ୨୦୨୫ ସମ୍ମିଳନୀରେ ୨୦ରୁ ଅଧିକ କ୍ଷେତ୍ରରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ପ୍ରାପ୍ତ।

## ଓଡ଼ିଶାର ବିକାଶରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ରାଜ୍ୟପାଳ



**ଭୁବନେଶ୍ୱର :** ଓଡିଶାର ବିକାଶରେ ଯୁବ ପୀଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଏନ୍‌ସିସି ଗ୍ରୁପ୍ ହେଡକ୍ୱାଟରସ୍, କଟକଠାରେ ଆୟୋଜିତ ମେଗା ଏନସିସି ସାଇକ୍ଲୋଥନର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଆମ ରାଜ୍ୟର ଏନସିସି କ୍ୟାଡେଟ୍‌ମାନେ ପରିବର୍ତ୍ତନଶୀଳ ଯାତ୍ରାର ଅଗ୍ରଭାଗରେ ରହିଛନ୍ତି ଯାହାକି ଗର୍ବର ବିଷୟ। ରାଜ୍ୟର ବିକାଶ ନିମନ୍ତେ ଶୃଙ୍ଖଳିତ, ଦାୟିତ୍ୱବାନ ଏବଂ ଦୂରଦୃଷ୍ଟି ସଂପନ୍ନ ଯୁବକ ଭାବରେ ଏନସିସି କ୍ୟାଡେଟ୍‌ମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି, ବୈଷୟିକ ପ୍ରଗତି, ସମାଜ କଲ୍ୟାଣ କ୍ଷେତ୍ରରେ ପ୍ରତ୍ୟେକ ଯୁବକ ଜଣେ ଜଣେ ପରିବର୍ତ୍ତନର ମଶାଲ ହୁଅନ୍ତୁ। ଏନସିସିର ଆଦର୍ଶରେ ଅନୁପ୍ରାଣିତ ହୋଇ କର୍ତ୍ତବ୍ୟ ପଥରେ ଚାଲିବା ପାଇଁ ଅନ୍ୟମାନଙ୍କୁ ଅନୁପ୍ରେରିତ କରିବାକୁ ରାଜ୍ୟପାଳ ଡ. କମ୍ଭମ୍‌ପାଟି ଆହ୍ୱାନ ଜଣାଇଛନ୍ତି। ସାଇକ୍ଲୋଥନ ସଂପର୍କରେ ରାଜ୍ୟପାଳ କହିଥିଲେ ଯେ ଏହା କେବଳ ଏକ ଶାରୀରିକ ଯାତ୍ରା ନୁହେଁ ବରଂ ଏହା ଆମର କ୍ୟାଡେଟ୍‌ମାନଙ୍କ ପାଇଁ ବର୍ତମାନର କର୍ତବ୍ୟ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତି। ସାଇକ୍ଲୋଥନ ମାଧ୍ୟମରେ କ୍ୟାଡେଟ୍‌ମାନେ ଗାଁ ଓ ସହର ପରିକ୍ରମା କରିବା ସହ ଜନସାଧାରଣଙ୍କ ସହ ମିଶିଛନ୍ତି, ଭାବ ବିନିମୟ କରି ଅନେକ ଅଭିଜ୍ଞତା ଓ ଉପଲବ୍ଧି ସାଇଁଟିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସଂରକ୍ଷଣ, ମହିଳା ସଶକ୍ତିକରଣ, ନିଶା ନିବାରଣ, ସାଇବର ସୁରକ୍ଷା, ଡିଜିଟାଲ ସାକ୍ଷରତା, ସଡ଼କ ସୁରକ୍ଷା ଆଦି ଉପରେ ସଚେତନତାର ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଂଚାଇଥିବା କ୍ୟାଡେଟ୍‌ମାନଙ୍କର ନିଷ୍ଠା, ଉଦ୍ୟମ, ଦେଶପ୍ରେମ ଓ ଉତ୍ସର୍ଗୀକୃତ ମନୋଭାବକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

# ରାଜ୍ୟରେ ମିଳୁଛି ନକଲି ଲୁହାଛଡ଼



**ଭୁବନେଶ୍ୱର :** ରାଜ୍ୟରେ ମିଳୁଥିବା ପ୍ରତ୍ୟେକ ମୂଲ୍ୟବାନ ସାମଗ୍ରୀଠାରୁ ଆରମ୍ଭ କରି ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଲୁହାଛଡ଼ ମଧ୍ୟ ନକଲି ମିଳୁଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଓଡ଼ିଶାର କୋରାପୁଟ ଏବଂ ମାଲକାନଗିରି ଜିଲାରେ ଲୁହାଛଡ଼ର ଗୁଣବତ୍ତା ଏବଂ ଓଜନ ସମ୍ବନ୍ଧୀୟ ମାନଦଣ୍ଡ ଉଲ୍ଲଂଘନ କରିଥିବାରୁ କର୍ତ୍ତୃପକ୍ଷମାନେ ମୋଟ ୬୨ ଜଣ ବ୍ୟବସାୟୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି। ଖାଦ୍ୟ ଯୋଗାଣ ଏବଂ ଗ୍ରାହକ କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୁଧବାର ବିଧାନସଭାରେ ଏହା ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଫେବୃଆରୀ ଶେଷ ସୁଦ୍ଧା ଗତ ପାଞ୍ଚ ବର୍ଷ ମଧ୍ୟରେ କୋରାପୁଟ ଜିଲାରେ ଇସ୍ପାତ ବାର୍ ବିକ୍ରି କରୁଥିବା ୩୨୪ଟି ଦୋକାନରେ କର୍ତ୍ତୃପକ୍ଷ ଚଢାଉ ହୋଇଛି। ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲାଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ନିୟମ ଉଲ୍ଲଂଘନ କରିଥିବାରୁ ସେମାନେ ୫୩ ଜଣ ବ୍ୟବସାୟୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛନ୍ତି ଏବଂ ୧.୪୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରିଛନ୍ତି। ସେହିପରି, ଅଧିକାରୀମାନେ ମାଲକାନଗିରି ଜିଲାରେ ଲୁହାଛଡ଼ ବିକ୍ରି କରୁଥିବା ୧୨୬ଟି ଦୋକାନରେ ଚଢାଉ କରିଛନ୍ତି ଏବଂ ୯ ଜଣ ବ୍ୟବସାୟୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛନ୍ତି। ସେମାନେ ଜରିମାନା ଆକାରରେ ୧୬,୫୦୦ ଟଙ୍କା ଆଦାୟ କରିଛନ୍ତି, ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଅନୁଯାୟୀ ଲୁହାଛଡ଼ ଉପଯୁକ୍ତ ଗୁଣବତ୍ତା ଏବଂ ଓଜନ ନିଶ୍ଚିତ କରିବା ପାଇଁ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ନିର୍ମାତାମାନଙ୍କ ପାଇଁ କିଛି ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛି। ଏଥିପାଇଁ ବିଆଇଏସ୍ ଉତ୍ପାଦନ ୟୁନିଟ୍ ଏବଂ ବଜାରଗୁଡ଼ିକୁ ମଧ୍ୟ ଯାଞ୍ଚ କରିଥାଏ। କର୍ତ୍ତୃପକ୍ଷମାନେ ପ୍ରାୟତଃ ପରୀକ୍ଷାଗାର ପରୀକ୍ଷା ପାଇଁ ନମୁନା ସଂଗ୍ରହ କରନ୍ତି। ଯଦି ବିଆଇଏସ୍ ନିର୍ଦ୍ଦେଶାବଳୀର କୌଣସି ଉଲ୍ଲଂଘନ ହୁଏ ତେବେ ସେମାନେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଗ୍ରାହକମାନେ ବିଆଇଏସ୍ କେୟାର ଆପ୍ ମାଧ୍ୟମରେ ଷ୍ଟିଲ୍ ବାର୍ର ଗୁଣବତ୍ତା ଏବଂ ଓଜନ ସମ୍ପର୍କରେ ସେମାନଙ୍କର ଅଭିଯୋଗ ଦାଖଲ କରିପାରିବେ ବୋଲି ସେ ଆହୁରି ମଧ୍ୟ କହିଛନ୍ତି। ପୂର୍ବରୁ, ଚିତ୍ରକୋଣ୍ଡା ବିଧାୟକ ଷ୍ଟିଲ୍ ବାର୍ର ଗୁଣବତ୍ତା ଏବଂ ଓଜନ ସମ୍ପର୍କରେ ମାନଦଣ୍ଡ ଉଲ୍ଲଂଘନ କରିବା ପାଇଁ କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାର ବ୍ୟବସାୟୀଙ୍କ ବିରୁଦ୍ଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବିବରଣୀ ଜାଣିବାକୁ ଚାହିଁଥିଲେ।

## ବିଧାନସଭାରେ ପାରିତ ହେଲା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ

**ଭୁବନେଶ୍ୱର :** ବିଧାନସଭାରେ ପାରିତ ହୋଇଛି ରାଜ୍ୟ ରାଜପଥ ପ୍ରାଧିକରଣ ବିଲ ୨୦୨୫। ହି ବିଲର ଉଦ୍ଦେଶ୍ୟ ହେଉଛି ରାଜ୍ୟର ବିଭିନ୍ନ କ୍ଷେତ୍ରରେ ସ୍ଥାୟୀ ବିକାଶ ନିମନ୍ତେ ସବୁଦିନିଆ ସଡ଼କ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ। ସରକାର ସମଗ୍ର ରାଜ୍ୟରେ ୭୫ ହଜାର କିଲୋମିଟର ସଡ଼କକୁ ବିଶ୍ୱସ୍ତରୀୟ ରୋଡ଼ ନେଟଓ୍ୱାର୍କ ଭାବେ ବିକଶିତ କରିବା ପାଇଁ ପରିକଳ୍ପନା କରିଛନ୍ତି। ରାଜ୍ୟର ରୋଡ଼ ନେଟଓ୍ୱର୍କର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ, ପରିବେଶ ଓ ଜଙ୍ଗଲ ଜମି ମଞ୍ଜୁରୀ, କେବୁଲ ଓ ପାଇପ୍ ଲାଇନ୍ ସ୍ଥାନାନ୍ତରଣ, ଟ୍ରାଫିକ ନିୟନ୍ତ୍ରଣ, ସଡ଼କ ସୁରକ୍ଷା, ଜବରଦଖଲ ନିୟନ୍ତ୍ରଣ ଏବଂ ରାଜପଥର ସଠିକ୍ ପରିଚାଳନା ଆବଶ୍ୟକ। ରାଜ୍ୟରେ ଦକ୍ଷ ଏବଂ ସୁରକ୍ଷିତ ସଡ଼କ ଭିତ୍ତିଭୂମିର ପ୍ରଭାବୀ ପରିଚାଳନା, ଯୋଜନା, ବିକାଶ ଓ ରକ୍ଷଣାବେକ୍ଷଣ ନିମନ୍ତେ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ନାମରେ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ କରିବାକୁ ସମୀଚିତ ବୋଲି ବିବେଚନା କରାଯାଉଛି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

### ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣୀ ଅବହେଳିତ

# ନା ପାଠ୍ୟ ପୁସ୍ତକରେ ସ୍ଥାନ ମିଳିଛି, ନା ସରକାରୀ ଯୋଜନାରେ



**ଭୁବନେଶ୍ୱର :** ପାରଳା ମହାରାଜା କୃଷ୍ଣଚନ୍ଦ୍ର ମହାରାଜା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣୀ। ୧୯୧୪ରୁ ଓଡିଆ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଧରିଥିଲେ ମଙ୍ଗ। ହେଲେ ଆଜି ଅବହେଳିତ। ନା କୌଣସି ପାଠ୍ୟପୁସ୍ତକ, ନା ସରକାରୀ ଯୋଜନାରେ ମିଳିଛି ସ୍ଥାନ। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଗଜପତି ଅଞ୍ଚଳର ଲୋକେ। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓଡିଆ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଥିଲେ ମୁଖ୍ୟ ବିନ୍ଧାଣୀ। ବହୁ ଘାତ ପ୍ରତିଘାତ ସତ୍ତ୍ୱେ ସେ ଲଣ୍ଡନ ଗସ୍ତ କରି ଗୋଲଟେବୁଲ ବୈଠକରେ ଯୋଗଦେଇଥିଲେ। ଆଉ ସେହି ବୈଠକରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନେଇ ଦାବି ରଖିଥିଲେ। ତାଙ୍କର ବଳିଷ୍ଠ ଉପସ୍ଥାପନ ଆଗରେ ହାର ମାନି ଉତ୍କଳ ପ୍ରଦେଶ ଗଠନ ପାଇଁ ବାଧ୍ୟ ହୋଇଥିଲେ ଇଂରେଜ ସରକାର। ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଗଠନ ହୋଇଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ। ହେଲେ ଆଜି ଏହି ମହାନ ଜନନାୟକ ଅବହେଳିତ ଅବସ୍ଥାରେ। ଆଜି ଯାଏଁ କୌଣସି ପାଠ୍ୟପୁସ୍ତକରେ ତାଙ୍କୁ ସ୍ଥାନ ମିଳିନି। ଏପରିକି ଗଣ୍ଡା ଗଣ୍ଡା ସରକାରୀ ଯୋଜନା ଥିଲେ ବି ତାଙ୍କ ନାଁରେ କୌଣସି ଗୋଟିଏ ହୋଇନି। ୧୯୦୩ ମସିହାରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସଂଘର୍ଷ ଆରମ୍ଭ ହୋଇ ୧୯୩୬ ମସିହାରେ ସମାପ୍ତ ହୋଇଥିଲା ତାହା ନୁହେଁ। ଏ ସଂଘର୍ଷ ଦୀର୍ଘ ୬୬ ବର୍ଷର। ଆଉ ଏହାର ମୂଳଦୁଆ ପକାଇଥିଲେ ୧୮୭୦ ମସିହାରେ ତତ୍କାଳୀନ କାଟିଙ୍ଗା ବା ବର୍ତ୍ତମାନର କନ୍ଧମାଳର ମହାରାଜା ଭେଙ୍କଟେଶ ଦେଓ। ମାନ୍ଦ୍ରାଜ ପ୍ରଦେଶରେ ଥିବା ସମସ୍ତ ଓଡିଆଙ୍କୁ ଏକତ୍ରିତ କରିବା ପାଇଁ ସେ ଉଦ୍ୟମ ଆରମ୍ଭ କରିଥିଲେ। ୧୯୧୩ ରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଓଡ଼ିଆଙ୍କୁ ଏକତ୍ରିତ କରିବାକୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ୧୯୧୪ରୁ ଓଡିଆ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମଙ୍ଗ ଧରିଥିଲେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି। ଚଳିତବର୍ଷ ରାଜ୍ୟରେ ଏକ ପକ୍ଷ ଧରି ଓଡିଆ ପକ୍ଷ ପାଳନ କରୁଛନ୍ତି ସରକାର। କିନ୍ତୁ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୁଖ୍ୟ ବିନ୍ଧାଣୀଙ୍କ ଅବଦାନକୁ ସମ୍ମାନ ନମିଳିବା ଦୁର୍ଭାଗ୍ୟଜନକ।

PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

### ୧୫୦ତମ କର୍ତ୍ତୃପକ୍ଷ ବୈଠକ

# ବିଡିଏର ସମ୍ପ୍ରସାରଣ ଓ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ



**ଭୁବନେଶ୍ୱର :** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୧୫୦ତମ କର୍ତ୍ତୃପକ୍ଷ ବୈଠକ ଗୁରୁବାର ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଡିଏ ଅଧ୍ୟକ୍ଷ ତଥା ଗୃହ ଓ ନଗର ଉନ୍ନୟନ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଆକଳନ ତଥା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସଂଶୋଧିତ ବଜେଟ ଆକଳନ ଉପସ୍ଥାପିତ ହୋଇଥିଲା। ତେବେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସମୁଦାୟ ୧,୫୩୬.୦୮ କୋଟିର ବଜେଟ୍‌କୁ ଅନୁମୋଦନ କରାଯାଇଥିବା ବେଳେ ବିଶେଷ କରି ସହରର ସମ୍ପ୍ରସାରଣ ଏବଂ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ବିଡିଏ ପକ୍ଷରୁ ସହର ସମ୍ପ୍ରସାରଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏନେଇ ସମୁଦାୟ ୧୪୩ ନୂତନ ରାଜସ୍ୱ ଗ୍ରାମକୁ ବିଡିଏ ସହ ସାମିଲ କରିବା ନେଇ ଅନୁମୋଦନ ମିଳିଛି। ବାବୁ ସିଂ ଏକାମ୍ର ବିଧାୟକ, ସୁଲଚନା ଦାସ ମେୟର ଭୁବନେଶ୍ୱର ମହାନଗର ନିଗମର, ଅନନ୍ତ ବେହେରା ଅଧ୍ୟକ୍ଷ ଜଟଣୀ ପୌର ପରିଷଦ, ଲକ୍ଷ୍ମୀ ମହାନ୍ତି ଅଧ୍ୟକ୍ଷ ଖୋର୍ଦ୍ଧା ପୌର ପରିଷଦ, ଉଷା ପାଢୀ ପ୍ରମୁଖ ଶାସନ ସଚିବ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଡା .ଏନ୍ ତିରୁମାଲା ନାୟକ ବିଡିଏ ଉପାଧ୍ୟକ୍ଷ, ମାନସ ରଞ୍ଜନ ପାଢୀ ବିଡିଏ ସଚିବଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ରହି ସମ୍ପୃକ୍ତ ବିଷୟର ବିଷଦ ଆଲୋଚନା କରିଥିଲେ। ବର୍ତ୍ତମାନ ବିଡିଏ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଖୋର୍ଦ୍ଧା ପୌର ପରିଷଦ, ଜଟଣୀ ପୌର ପରିଷଦ, ଏବଂ ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଆଦି ଚାରିଗୋଟି ସହରାଞ୍ଚଳ ସହ ନିକଟବର୍ତ୍ତୀ ଗ୍ରାମ ପଞ୍ଚାୟତ ଅଞ୍ଚଳଗୁଡ଼ିକର ତଦାରଖ କରୁଛି। ତେବେ ଏହି ସହର ସମ୍ପ୍ରସାରଣ ଯୋଜନାବଦ୍ଧ ବିକାଶକୁ ପ୍ରୋତ୍ସାହନ କରିବା, ଭିତ୍ତିଭୂମିର ଉନ୍ନତି ତଥା ଦ୍ରୁତ ସହରୀକରଣରେ ବାଧକ ସାଜୁଥିବା ସମସ୍ୟାର ସମାଧାନ କରିବ ବୋଲି ବୈଠକରେ ଅଧିକାରୀମାନେ ଗୁରୁତ୍ୱ ଦେଇଛନ୍ତି। ପ୍ରକାଶ ଥାଉକି, ୧୯୮୩ରେ ମାତ୍ର ୧୧୬ଟି ରାଜସ୍ୱ ଗ୍ରାମକୁ ନେଇ ବିଡିଏର ସହର ବିକାଶ ଚିନ୍ତାଧାରା ଆରମ୍ଭ ହୋଇଥିଲା। ପରେ ୨୦୦୨, ୨୦୦୩ ଏବଂ ୨୦୧୧ରେ ଏହାର କଳେବରକୁ ସମ୍ପ୍ରସାରଣ କରାଯାଇଛି। ତେବେ ଏହି ନୂତନ ଯୋଜନାବଦ୍ଧ ସହର ସମ୍ପ୍ରସାରଣ ଯୋଜନା ସହର ସହ ଆଞ୍ଚଳିକ ସଂଯୋଗୀକରଣକୁ ଗୁରୁତ୍ୱ ଦେବା ସହ ଭିତ୍ତିଭୂମି ବିକାଶରେ ସହାୟକ ହେବ। ଏହି ନୂତନ ଗ୍ରାମଗୁଡ଼ିକ ମିଶିବା ପରେ ବିଡିଏ ଅଧିକାର କ୍ଷେତ୍ରରେ ଥିବା ମୋଟ ଗ୍ରାମ ସଂଖ୍ୟା ୫୬୯ରୁ ବୃଦ୍ଧି ପାଇ ୭୧୨କୁ ପହଞ୍ଚିବ। କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ଏହି ପ୍ରସ୍ତାବ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ, ୧୯୮୨ର ଧାରା ୩ ଅନୁଯାୟୀ ରାଜ୍ୟ ସରକାରଙ୍କ ନିକଟକୁ ବିଚାର ଓ ଅନୁମୋଦନ ପାଇଁ ପଠାଯିବ। ଏହା ସହିତ, ବିଡିଏର ରାଜସ୍ୱ ସୃଷ୍ଟି କରିବା ଲାଗି କର୍ତ୍ତୃପକ୍ଷ ଜମି ମୁଦ୍ରୀକରଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ଉଦ୍ୟମକୁ ସମର୍ଥନ କରିବା ପାଇଁ ଅନେକ ଜମି ଖଣ୍ଡକୁ ନିଲାମ ପାଇଁ ଚିହ୍ନଟ କରାଯାଇଛି। ସେହିପରି, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଗୃହ ନିର୍ମାଣ ଓ ବାଣିଜ୍ୟିକ ବିକାଶ ଯୋଜନାରେ ଚନ୍ଦ୍ରଶେଖରପୁର, ଖୋର୍ଦ୍ଧାର ଜଗସାରା ଓ ସାନପଲ୍ଲୀରେ ଗୃହ ନିର୍ମାଣ ପ୍ରକଳ୍ପ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ଏହା ସହିତ, ପଟିଆରେ ବାଣିଜ୍ୟିକ ସ୍ଥାନର ବିକାଶ କରାଯିବ। କର୍ତ୍ତୃପକ୍ଷ ମାଷ୍ଟର କ୍ୟାଣ୍ଟିନ୍ରେ ଭୁବନେଶ୍ୱର ଟାଉନ୍ ସେଣ୍ଟର (ବିଟିସି)କୁ ଏବଂ ବିଡିଏ ସିଟି ସେଣ୍ଟର, ଯାହା ନିକ୍କୋ ପାର୍କ ଭାବେ ଜଣାଶୁଣା, ତାହାର ବିକାଶକୁ ମଧ୍ୟ ଅନୁମୋଦନ କରିଛନ୍ତି। ବିଡିଏ ସହର ମଧ୍ୟରେ ୨୪ଟି (ସମନ୍ୱିତ ଉନ୍ନୟନ ଯୋଜନା) ସିଡିପି ରାସ୍ତା ବିକାଶ କରିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି, ଯାହାର ପ୍ରସ୍ତାବ କର୍ତ୍ତୃପକ୍ଷ ବୈଠକରେ ଉପସ୍ଥାପନା ହୋଇଥିଲା। ଜୟଦେବ ବିହାରରୁ ଭାୟା ରଘୁନାଥପୁର ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତା, ନୂଆ ଭୁବନେଶ୍ୱର ରେଳ ଷ୍ଟେସନକୁ ଯିବା ଆପ୍ରୋଚ ରୋଡ଼, ଟିପି ସ୍କିମ-୮ ଦେଇ ଅତିକ୍ରମ କରୁଥିବା ନୂଆଗାଁ-କଟେନି ରୋଡ଼, ନ୍ୟୁ-ସିଟି ପାଇଁ ଚିହ୍ନଟ ହୋଇଥିବା ରାସ୍ତା, ଏବଂ ଚନ୍ଦକା-ଖଣ୍ଡଗିରି ରାସ୍ତାରୁ ପିତାପଲ୍ଲୀ-ବାରଙ୍ଗ ରାସ୍ତା, ଯାହା ଟିପି ଯୋଜନା ନମ୍ବର ୦୮ ଏବଂ ନ୍ୟୁ-ସିଟି ପାଇଁ ନିର୍ଦ୍ଦିଷ୍ଟ ଅଞ୍ଚଳ ଦେଇ ମଧ୍ୟ ଗତି କରୁଥିବା ରାସ୍ତାଗୁଡ଼ିକ ରହିଛି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**